# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଅକ୍ଟୋବର ୧୫/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Rayagada, Saturday, October 15/2022 | Page 16 | ₹ 7.00

୧୨ଶ ଭାଗ ୨୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada | VOLUME 12 ISSUE 246 | ମୂଲ୍ୟ₹୭/-








# ଶ୍ରୀ କମଲଜିତ ସିଂହ ଆଲୁଓ୍ୱାଲିଆ: ଏକ ଶ୍ରଦ୍ଧାଞ୍ଜଳି

### ଜଣେ ଉପଦେଷ୍ଟା ଓ ମାର୍ଗଦର୍ଶକ
### ପଓ୍ୱନ କୁମାର ଆଲଓ୍ୱାଲିଆ (ସାନ ଭାଇ)

ମୋ ବଡ଼ ଭାଇ ମୋର ପିତୃ ସଦୃଶ ଥିଲେ। ସେ ମୋର ଗୁରୁ ଓ ମାର୍ଗଦର୍ଶକ ଥିଲେ। ସେ ସର୍ବଦା ଉନ୍ନତ ଚିନ୍ତା କରିବା ପାଇଁ ଆମକୁ ଉତ୍ସାହିତ କରୁଥିଲେ ଏବଂ ସବୁ କଠିନ ସମୟରେ ମୋର ହାତ ଧରି ପାରି କରାଉଥିଲେ। ସେ ସର୍ବଦା ବୃତ୍ତିଗତ ଓ ବ୍ୟକ୍ତିଗତ ପ୍ରସଙ୍ଗ ଉପରେ ଉପଦେଶ ଦେଇ ଆସୁଥିଲେ। ତାଙ୍କର ଉପଦେଶ ଓ ଅଭିଜ୍ଞତା ଅନୁସରଣରେ ଆମେ ଅନେକ ଉପକୃତ ହେଉଥିଲୁ। ସମସ୍ତଙ୍କ ପ୍ରତି ତାଙ୍କର ଅପାର ପ୍ରେମ ଓ ସ୍ନେହ ଆମ ପରିବାରକୁ ଏକ ସୂତ୍ର ବାନ୍ଧି ରଖିପାରିଥିଲା। ସେ ଆମଠାରୁ ବିଦାୟ ନେଇଥିଲେ ମଧ୍ୟ ତାଙ୍କର ସ୍ମୃତି ଏବେ ମଧ୍ୟ ରହିଛି।

### ଜଣେ ପିତୃ ତୁଲ୍ୟ ବ୍ୟକ୍ତି
### ପ୍ରଶାନ୍ତ ଆଲଓ୍ୱାଲିଆ (ସାନ ଭାଇ)

କମଲ ଭାଇ ସାହେବ (କେଜେଏସ୍) କେବଳ ମୋର ଭାଇ ନ ଥିଲେ, ସେ ମୋର ଶିକ୍ଷକ ଓ ମୋ ହିରୋ ମଧ୍ୟ ଥିଲେ। ସେ ମୋର ପିତୃ ତୁଲ୍ୟ ଥିଲେ। ସେ ମୂଳରୁ ଜଣେ କର୍ମଯୋଗୀ, କଠିନ ପରିଶ୍ରମୀ ଓ ସଫଳତାକାମୀ ମଣିଷ ଥିଲେ। ସେ ଅତ୍ୟନ୍ତ ଦୃଢ଼ ଥିଲେ ମଧ୍ୟ ତାଙ୍କର ହୃଦୟଟି ଅତ୍ୟନ୍ତ ନରମ ଥିଲା। ତାଙ୍କ ନିକଟରେ କୌତୁକତାର ଏକ ମହାନ ଭାବନା ଥିଲା, କଠିନ ପରିସ୍ଥିତିରେ ମଧ୍ୟ ସେ ସମସ୍ତଙ୍କୁ ହସାଇ ପାରୁଥିଲେ। ତାଙ୍କ ପ୍ରତିବଦ୍ଧତା ଓ ନିଷ୍ଠାପର ସ୍ୱଭାବ ଓଡ଼ିଶାରେ ଖଣି କ୍ଷେତ୍ରରେ ବେଶ ଜଣାଶୁଣା ଥିଲା। କମଲ ଭାଇ ସାହେବ ସଫଳତାର ଶୀର୍ଷକୁ ଛୁଇଁ ଥିଲେ, ଯାହା ତାଙ୍କୁ କୌଣସି ସିଂହ ସହ ସମକକ୍ଷ କରିଥିଲା। "ଖୁଦି କୋ କରବୁଲନ୍‌ଦିତନା, କେହୁ ତକ୍‌ଦିର ସେ ପେଲେ,

ଖୁଦା ବନ୍ଦେ ସେ ୟେ ପୁଛେ ବତା ତେରି ରାଜ୍ କ୍ୟା ହେ'।

ଚାହୁଁ ଚାହୁଁ ଏକବର୍ଷ ଅତିକ୍ରାନ୍ତ ହୋଇଗଲାଣି, କିନ୍ତୁ ଏମିତି କୌଣସି ଗୋଟିଏ ଦିନ ନାହିଁ ଯେଉଁଦିନ ତାଙ୍କ କଥା ତାଙ୍କର ଭାବନା ଆମ ସମସ୍ତଙ୍କ ମନରେ ଉଙ୍କି ମାରୁନାହିଁ। ମୋତେ ଉପଯୁକ୍ତ ଶିକ୍ଷାଦନ କରିଥିବାରୁ ଆପଣଙ୍କୁ ଧନ୍ୟବାଦ ଭାଇ ସାହେବ। ଆପଣ ସବୁବେଳେ ମୋର ହୃଦୟରେ ରହିଥିବେ। ଆପଣଙ୍କୁ ମୋର ଅନେକ ଭଲପାଇବା ଓ ଆପଣଙ୍କୁ ମୁଁ ସବୁବେଳେ ମନେପକାଇବି।

### ଜଣେ ଗଡ୍ ଫାଦର
### ତେଜପାଲ୍ ସିଂହ (ପାଲି) (ସମୁଦି)

ମୁଁ ଯେତେବେଳେ ମୋ ମାମୁଁଙ୍କ ସଙ୍ଗେ କାମ କରୁଥିଲି ସେତେବେଳଠାରୁ କେଜେଏସ୍ ଭାଇ ସାହେବଙ୍କ ସହ ମୋର ପରିଚୟ ହୁଏ। ସେ ଯେତେବେଳେ ଥାପର କମ୍ପାନୀରେ ଥିଲେ ମୋ ମାମୁଁ କେଜେଏସ୍‌ଙ୍କ ସହ ମୋର ପରିଚୟ କରାଇ ଦେଇଥିଲେ। ପରେ ସେ ଯେତେବେଳେ ସ୍ୱାଧୀନ ଭାବେ ବ୍ୟବସାୟ ଆରମ୍ଭ କଲେ ସେତେବେଳେ ବଡ଼ବିଲ୍ ଅଞ୍ଚଳର ସମସ୍ତଙ୍କ ବଡ଼ ଭାଇ ସଦୃଶ ହୋଇ ସମସ୍ତଙ୍କୁ ସହଯୋଗ କରୁଥିଲେ। ସେ ମଧ୍ୟ ତାଙ୍କର ବନ୍ଧୁ, ପରିବାର ଓ ନାତିନାତୁଣୀଙ୍କ ଗଡ଼ଫାଦର ହୋଇପାରିଥିଲେ। ପରେ ସୌଭାଗ୍ୟ କ୍ରମେ କରନପାଲ୍ ତାଙ୍କ ଝିଅ ହିମାଙ୍ଗିନୀଙ୍କୁ ବିବାହ କରିବାରୁ ଆମେ ସମୁଦି ହୋଇଥିଲୁ। ତାଙ୍କ ହାସ୍ୟ ରସିକତା, ବନ୍ଧୁ ବତ୍ସଳ ଗୁଣ ଓ ହୃଦୟର ମହାନତା ଆମେ ସମସ୍ତେ ନିଶ୍ଚିତ ଭାବେ ଆଉ ପାଇ ପାରିବୁ ନାହିଁ।

### ବାସ୍ତବରେ 'ସ୍ୱ-ନିର୍ମିତ' ବ୍ୟକ୍ତି
### ନିରଞ୍ଜନ ପଟ୍ଟନାୟକ (ଘନିଷ୍ଠ ବନ୍ଧୁ ଓ ବ୍ୟବସାୟ ସହଯୋଗୀ)

କୌଣସି ସଫଳ ମଣିଷ ବାସ୍ତବରେ 'ସ୍ୱ-ନିର୍ମିତ' କୁହନ୍ତି ନାହିଁ। ଜୀବନ ଯାତ୍ରାରେ ଅନେକ ଲୋକଙ୍କ କଲ୍ୟାଣ ଆମମାନଙ୍କ ସଫଳତାକୁ ବ୍ୟାଖ୍ୟା କରେଏବଂ ଆମ ଭିତରେ ନମ୍ରତା ଏବଂ କୃତଜ୍ଞତାର ଭାବନା ସୃଷ୍ଟି କରିଥାଏ। ସେହି ସୀମାରେଖା ମଧ୍ୟରେ ଯଦି ସ୍ୱୟଂ ନିର୍ମିତ ବର୍ଣ୍ଣନା କାହା ପାଇଁ ଅଧିକ ପ୍ରଯୁଜ୍ୟ ହୁଏ ତେବେ ସ୍ୱର୍ଗତ କମଲଜିତ ସିଂହ ଆଲଓ୍ୱାଲିଆଙ୍କ ନାମ ପ୍ରଥମେ ଆଗକୁ ଆସେ। କର୍ତ୍ତବ୍ୟର ଆହ୍ୱାନ ଏବଂ କାର୍ଯ୍ୟରେ ଉତ୍ସର୍ଗୀକୃତ ହୋଇ କେଜେଏସ୍ ଖଣି ବ୍ୟବସାୟ କ୍ଷେତ୍ରରେ ସଫଳତାର ଶୀର୍ଷକୁ ଛୁଇଁ ଏକ ଚମତ୍କାର ଜୀବନ କାହାଣୀ ତିଆରି କରିପାରିଥିଲେ, ଯାହା ସର୍ବଦା ସ୍ନେହ ଓ ବିମୁଗ୍ଧ ଭାବେ ବର୍ଣ୍ଣନା କରାଯାଇପାରିବ।

ସ୍ମୃତି ମୋତେ ୧୯୬୪ ମସିହା ଆଡ଼କୁ ନେଇଯାଏ, ଯେତେବେଳେ କେଜେଏସ୍ ଥାପର କମ୍ପାନୀର ଜଣେ ପ୍ରତିନିଧି ଭାବେ ଖଣି ବ୍ୟବସାୟରେ ପ୍ରବେଶ କଲେ। ମୁଁ ସେତେବେଳକୁ ବଡବିଲ୍-ଯୋଡ଼ା ଅଞ୍ଚଳରେ ମୋର ନିଜର ବ୍ୟବସାୟ ଆରମ୍ଭ କରୁଥିଲି। ଆମେ ଏକ ବନ୍ଧୁତ୍ୱର ଏକ ବଳୟ କଲୁ ତାହା ତାଙ୍କର ଶେଷ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ତାଙ୍କ ମଧ୍ୟରେ ମୋର ଜଣେ ଘନିଷ୍ଠ ବନ୍ଧୁ ଥିଲେ, ଯାହାଙ୍କୁ ଯେ କୌଣସି ପରିସ୍ଥିତିରେ ପାଇ ପାରୁଥିଲି। ଏକ ଖଣି କମ୍ପାନୀର ପ୍ରତିନିଧିରୁ ସଫଳ ବ୍ୟବସାୟୀ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଅତି ସହଜ କିମ୍ବା କାହାରି ଦାନ ନ ଥିଲା। ସେ ସଫଳତାର ପ୍ରତ୍ୟେକଟି ସ୍ତର ପାଇଁ ସଂଘର୍ଷ କରିଆସିଥିଲେ। ବ୍ୟବସାୟ ସଫଳତା ଏବଂ ଅର୍ଥ କମାଇବା ବିଷୟରେ ଆମ ସମାଜରେ ଏକ କୌତୁହଳ ପୂର୍ଣ୍ଣ ବିଶ୍ୱାସ ରହିଛି। କେଜେଏସ୍ ନିଜର ବ୍ୟବସାୟ ପ୍ରତିଷ୍ଠା କରିଥିଲେ ଏବଂ ଏହାକୁ ନିଷ୍ଠାର ସହ ପରିଶ୍ରମ କରି ଜାତୀୟସ୍ତରରେ ପ୍ରତିଷ୍ଠିତ କରିଥିଲେ। ମୁଁ ତାଙ୍କଠାରେ ଉଜ୍ଜ୍ୱଳତାର ଏକ ନିର୍ଦ୍ଦିଷ୍ଟ ସ୍ଫୁର୍ଲିଙ୍ଗ ଦେଖିଛି, ଯାହା ଜଣେ ବ୍ୟକ୍ତି ଜଣେ ସଫଳ ବ୍ୟବସାୟୀ ବା ମାଲିକ ହେଲେ ପ୍ରାୟତଃ କ୍ୱଚିତ ମହତ୍ୱ ଦିଆଯାଇଥାଏ। ତାଙ୍କର ପରିଚାଳନାଗତ ଦକ୍ଷତା ଓ କାର୍ଯ୍ୟ ନୈତିକତା ଅସମାନ୍ତରାଳ ଥିଲା। ଅନେକ ହାଲକା ମୁହୂର୍ତ୍ତରେ, କେଜେଏସ୍ ଅନେକ ସଂଖ୍ୟକ ମେଲୋଡ଼ିଅସ୍ ହିନ୍ଦୀ ସିନେମାର ସୁନ୍ଦର ଗୀତ ଗାଇ ପାରୁଥିଲେ। ତାଙ୍କର ଏହିସବୁ ଲୋକପ୍ରିୟ ସଂଗୀତ ଓ ଗୀତର ସ୍ମୃତି ଉଲ୍ଲେଖନୀୟ ଥିଲା। ଅମେ ଦଶନ୍ଧୀ ଧରି ଘଣ୍ଟା ଘଣ୍ଟା ବିତାଇଛୁ ଏବଂ ସେହି ସ୍ମୃତିଗୁଡ଼ିକ ମୋ ଭିତରେ ଆନ୍ଦୋଳନ କରିଚାଲିଛି। ସେହି ସ୍ମୃତିସବୁ କେବେ ବି ଭୁଲି ହେବ ନାହିଁ। ଜଣେ ଆଶା କରେ ଯେ, ଯେଉଁ ଯୁବପିଢ଼ିମାନେ ଉଦ୍ୟୋଗ, ନିଯୁକ୍ତି ଜରିଆରେ ଅର୍ଥ କମାଇବାକୁ ଚାହୁଁଛନ୍ତି, ସେମାନଙ୍କୁ ଆଲଓ୍ୱାଲିଆଙ୍କ କାର୍ଯ୍ୟ ନୈତିକତା ଏବଂ ନିଷ୍ଠା ଜଣେ ଜଣେ ସଫଳ ଉଦ୍ୟୋଗୀ ହେବାକୁ ପ୍ରେରଣା ଯୋଗାଇବ।

ଦିଏ ଜଲତେ ହେି
ଫୁଲ୍ ଖିଲ୍ ତେ ହେି
ବଡ଼ି ମୁସ୍‌କିଲ୍ ସେ ମଗର
ଦୁନିଆ ମେ ଦୋସ୍ତ ମିଲ୍ ତେ ହେି
ଦିଲ୍ ଜଲ ତେ ହେି..........

### ଜଣେ ପ୍ରକୃତ ବନ୍ଧୁ
### ବି କେ ଶର୍ମା (ଘନିଷ୍ଠ ବନ୍ଧୁ)

ମୋ ପାଇଁ କେ ଜେ ଏସ୍ ପ୍ରସିଦ୍ଧ କଥାର ସର୍ବୋତ୍ତମ ବ୍ୟକ୍ତିତ୍ୱ 'ଛୋଟ ଆରମ୍ଭରୁ ବଡ଼ ଜିନିଷ ଆସିଥାଏ।' ତାଙ୍କ ଜୀବନ ଏକ ଆତ୍ମ ନିର୍ଭରଶୀଳ, ପ୍ରଥମ ପିଢ଼ିର ଉଦ୍ୟୋଗୀଙ୍କ ପାଇଁ ଏକ ପ୍ରେରଣାଦାୟୀ ସଫଳତାର କାହାଣୀ। ଯିଏ କି ଅଳ୍ପ ସମୟ ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ବ୍ୟବସାୟ ସାମ୍ରାଜ୍ୟ ପ୍ରତିଷ୍ଠା କରିପାରିଥିଲେ। ତାଙ୍କର ଚମତ୍କାର ବ୍ୟବସାୟିକ ଚିନ୍ତାଧାରା ଏବଂ ଦୃଢ଼ ସଙ୍କଳ୍ପ ତାଙ୍କୁ ଅନୁସରଣ କରିଥିବା ପ୍ରତ୍ୟେକ ପ୍ରୟାସରେ ଅଭୁତପୂର୍ବ ସଫଳତା ଆଣିଦେଇଥିଲା। ତାଙ୍କର କୌତୁକପୂର୍ଣ୍ଣ ଜୀବନ ଥିଲା ଏବଂ ସେ ଅତି ସୁନ୍ଦର ଜୀବନ ଜୀଉଁଥିଲେ।

ପ୍ରକୃତ ବନ୍ଧୁ ହେଉଛି ଏକ ଉପହାର ଯାହା ନିଜେ ନିଜକୁ ଦେଇଥାଏ। ତାଙ୍କପରି ଜଣେ ବନ୍ଧୁ ପାଇଥିବାରୁ ମୁଁ ନିଜକୁ ଅତ୍ୟଧିକ ସୌଭାଗ୍ୟବାନ ମନେକରେ। ଯେହେତୁ ଏକ ଛୋଟ ପ୍ରୟାସରୁ ଏହି ବ୍ୟବସାୟ ଆରମ୍ଭ କରିଥିଲେ, ଆମର ସୁଦୀର୍ଘ ବନ୍ଧୁତା ପାଞ୍ଚ ଦଶନ୍ଧୀରୁ ଅଧିକ ସମୟ ପୂର୍ବରୁ ଆରମ୍ଭ ହୋଇଥିଲା। ସେବେଠାରୁ ଆମେ ଛୋଟ ଓ ବଡ଼ ଜରିଆରେ ଜଣେ-ଅନ୍ୟଜଣଙ୍କ ଜୀବନର ଅଂଶ ହୋଇଆସିଥିଲୁ।

ଏହି ଅବସରରେ ମୁଁ ସେହି ସର୍ବଶକ୍ତିମାନଙ୍କୁ ପ୍ରାର୍ଥନା କରୁଛି, ସେ ତାଙ୍କ ଆତ୍ମାକୁ ଅନନ୍ତ ଶାନ୍ତିରେ ବିଶ୍ରାମ ଦିଅନ୍ତୁ।

ଆମର ଏହି ଅଭୁତ ସ୍ମୃତିକୁ ମୁଁ ସମ୍ମାନ ଜଣାଉଛି।

### ଜଣେ ମାର୍ଗଦର୍ଶକ ଶକ୍ତି
### ଏନ୍ ଏଲ୍ ରୁଙ୍ଗଟା (ବ୍ୟବସାୟ ସହଯୋଗୀ)

ଆଲୁଓ୍ୱାଲିଆ ସାହେବଙ୍କ ସହ ମୋର ପରିଚୟ ପ୍ରାୟ ୪୮ବର୍ଷ ପୁରୁଣା, ଯେତେବେଳେ ସେ ସ୍ୱାଧୀନ ଭାବେ ଖଣି ବ୍ୟବସାୟ ଆରମ୍ଭ କଲେ। ଯଦିଓ ଆମର ସାକ୍ଷାତ ବାରମ୍ବାର ହେଉ ନ ଥିଲା, କିନ୍ତୁ ଆମର ସମ୍ପର୍କ ଅତ୍ୟନ୍ତ ଆନ୍ତରିକ ଥିଲା। ସେ ବଡ଼ବିଲ୍/ ବଡ଼ଜାମଦା ଖଣି ଅଞ୍ଚଳର ସମସ୍ତ ଲୋକଙ୍କ ପାଇଁ ଜଣେ ମାର୍ଗଦର୍ଶକ ପାଲଟି ଯାଇଥିଲେ। ସେ ସଫଳତାର ଏକ ଆଲୋକ ହୋଇଥବବାରୁ ଲୋକମାନେ ତାଙ୍କ ପରି ହେବାକୁ ଇଚ୍ଛା କରୁଥିଲେ। ଏହି ଭଳି ଲୋକଙ୍କୁ ସେମାନଙ୍କ କଠିନ ପରିଶ୍ରମ, ଦୂରଦୃଷ୍ଟି ଓ କଳା ପାଇଁ ସେମାନେ ସର୍ବଦା ସ୍ମରଣୀୟ ହୋଇ ରହିବେ। ତାଙ୍କର ହାସ୍ୟରସାତ୍ମକ ବ୍ୟକ୍ତିତ୍ୱ ଅତି ମହାନ ଥିଲା। ସଭା ସମିତିଗୁଡ଼ିକରେ ଅବସାଦ ସମୟରେ ସେ ସମସ୍ତଙ୍କୁ ହସାଇ ପାରୁଥିଲେ। ଏହା ତାଙ୍କର ଏକ ବିଶେଷ ଗୁଣ ଥିଲା। ପ୍ରକୃତ ଅର୍ଥରେ ସେ ଜଣେ ଉଦ୍ୟୋଗୀ ଥିଲେ ଯିଏ ଶୀର୍ଷକୁ ଛୁଇଁ ପାରିଥିଲେ।

### ବାସ୍ତବ କିମ୍ବଦନ୍ତୀ
### ଦୀନ ଦାଥ ପ୍ରସାଦ (ଘନିଷ୍ଠ ବନ୍ଧୁ)

ଆଲୁଓ୍ୱାଲିଆ ସାହେବ ଏକାଧାରାରେ ମୋ ପିତା, ଅଭିଭାବକ, ଭାଇ ଓ ବନ୍ଧୁ ସଦୃଶ ଥିଲେ। ସେ ନିରନ୍ତର ସବୁବେଳେ ମୋତେ ଶେଷ ପର୍ଯ୍ୟନ୍ତ ସାହାଯ୍ୟ କରିଆସିଥିଲେ। ସେ ଏଭଳି ଜଣେ ମହାନ ବ୍ୟକ୍ତି ଯିଏ ସର୍ବଦା ତାଙ୍କ ବନ୍ଧୁମାନଙ୍କ ସୁବିଧା ଅସୁବିଧାରେ ସହାୟତା କରୁଥିଲେ। ମୁଁ କେବଳ ଭାବୁଛି, ଯେ ମୁଁ ତାଙ୍କ ଶେଷ ଦିନ ପର୍ଯ୍ୟନ୍ତ ତାଙ୍କୁ ଭେଟି ପାରିଥିବାରୁ, ତାଙ୍କ ପରି ଜଣେ ଘନିଷ୍ଠ ବନ୍ଧୁଙ୍କ ସହ ଦୀର୍ଘ ସମୟ ଧରି କଥା ହୋଇପାରିଥିବାରୁ ଏବଂ ସେ ଭଲ ହୋଇଯାଇଥିବା ଜାଣି ମୁଁ ଅତ୍ୟନ୍ତ ସୁଖ ଅନୁଭବ କରିଥିଲି।

ତାଙ୍କ ସହ ସାକ୍ଷାତ ମୋର ଜୀବନସାରା ମୋ ସହିତ ରହିବ। ସେ ବାସ୍ତବରେ ଏକ କିମ୍ବଦନ୍ତୀ, ସେ କେବଳ ତାଙ୍କର ପରିଚିତ, ବନ୍ଧୁ ତଥା ପରିବାର ଦ୍ୱାରା ନୁହେଁ ବରଂ ତାଙ୍କ ହୃଦୟ ଓ ଜୀବନର ମହାନତା ପାଇଁ ଆଲଓ୍ୱାଲିଆ ତାଙ୍କ ପରବର୍ତ୍ତୀ ପିଢ଼ିର ଲୋକଙ୍କ ନିକଟରେ ସ୍ମରଣୀୟ ହୋଇ ରହିବେ।

### ଉପଦେଷ୍ଟା ଓ ମାର୍ଗଦର୍ଶକ
### ପ୍ରବୋଧ ମହାନ୍ତି (ଏମ୍/ଏସ୍- ଏସ୍ ଏନ୍ ମହାନ୍ତି)

କେଜେଏସ୍ ମଉସାଙ୍କ ସହ ମୋର ସାକ୍ଷାତ ମୋ ପିଲାଟି ଦିନରୁ ଆରମ୍ଭ ହୋଇଥିଲା। ସେ ମୋ ପିତାଙ୍କ ଜଣେ ଘନିଷ୍ଠ ବନ୍ଧୁ ଓ ଆମ ପାରିପାରିକ ବନ୍ଧୁ ମଧ୍ୟ ଥିଲେ। ପ୍ରତିବର୍ଷ ଦୀପାବଳି ସମୟରେ ଆମେ ବଡ଼ବିଲରେ ତାଙ୍କ ଘରକୁ ଯାଇ ସେଦିନ ତମାମ ଆୟୋଜନ କରାଯାଇଥିବା ପାର୍ଟି ଉପଭୋଗ କରୁଥିଲୁ। ଦିଲ୍ଲୀରୁ ଆଣିଥିବା ସେ ଏକ ଡିଜାଇନର ସାର୍ଟ ମୋତେ ଉପହାର ଦେଇଥିବା ମୋର ଆଜି ପର୍ଯ୍ୟନ୍ତ ମନେଅଛି। ମୋ ବାପାଙ୍କ ମୃତ୍ୟୁ ପରେ ସେ ଆମ ନିକଟରେ ଠିଆ ହୋଇଥିଲେ ଏବଂ ଆମ ବ୍ୟବସାୟକୁ ଚଳାଇବାକୁ ଆବଶ୍ୟକ ପରାମର୍ଶ ମଧ୍ୟ ଦେଉଥିଲେ। ସେ ଆମ ପାଇଁ ପିତୃତୁଲ୍ୟ ବ୍ୟକ୍ତିତ୍ୱ ଥିଲେ।

### ଏକ ଅନନ୍ୟ ମନ
### ଆର ଏକ ଶର୍ମା (ବ୍ୟବସାୟ ସହଯୋଗୀ)

ସ୍ୱର୍ଗତ କେଜେଏସ ଆଲୁଓ୍ୱାଲିଆଙ୍କ ସହ ଆମର ସମ୍ପର୍କ ଦୀର୍ଘ ୪୫ବର୍ଷ ପୁରୁଣା। ତାଙ୍କ ଖଣି ଖନନ ଏବଂ ଏହାର ଜଟିଳତା ସମ୍ପର୍କରେ ତାଙ୍କ ଅତୁଳନୀୟ ଅଭିଜ୍ଞତା ଥିଲା। ତାଙ୍କ ସହିତ ଖଣି ବ୍ୟବସାୟ ସମ୍ପର୍କିତ ଯେ କୌଣସି ବିଷୟରେ ଆଲୋଚନା କରିବା ଅତ୍ୟନ୍ତ ଆନନ୍ଦଦାୟକ ଓ ପ୍ରେରଣାଦାୟୀ। ଯେତେତୁ ପ୍ରଥମେ ପ୍ରଥମେ ମୁଁ ଏଫ୍‌ଆଇଏମ୍‌ଆଇରେ ଯୋଗ ଦେଇଥାଏ, ଆଲଓ୍ୱାଲିଆଙ୍କ ସଂସ୍ପର୍ଶରେ ଆସିବା ପରେ ମୁଁ ବିଶେଷ ଉପକୃତ ହୋଇପାରିଥିଲି। ତାଙ୍କର ଦେହାନ୍ତ ସମୟରୁ ତାଙ୍କର ହାସ୍ୟରସାତ୍ମକ ମନୋଭାବ ଓ ମନୋରମ ବ୍ୟବହାର ମୋ ମନରେ ବାରମ୍ବାର ଆସିଥାଏ।



## ଶ୍ରୀ କମଲଜିତ ସିଂହ ଆଲୁଓ୍ୱାଲିଆଙ୍କ ସ୍ନେହପୂର୍ଣ୍ଣ ସ୍ମୃତିରେ
## (୧୯୪୧-୨୦୨୧)

ଭାରତର ରାଜସ୍ଥାନରେ ଏକ ସାଧାରଣ ପରିବାରରେ ଜନ୍ମିତ ଶ୍ରୀ କମଲଜିତ ଆଲୁଓ୍ୱାଲିଆ ତାଙ୍କ ପିତାଙ୍କ ୭ ଭାଇ ଭଉଣୀଙ୍କ ମଧ୍ୟରେ ଦ୍ୱିତୀୟ ସନ୍ତାନ ଥିଲେ। ତାଙ୍କ ପିତା ଜଣେ ଡାକ୍ତର ହୋଇଥିବାରୁ କମଲଜିତ ଭବିଷ୍ୟତରେ ଜଣେ ଡାକ୍ତର ବା ଇଞ୍ଜିନିୟର ହୁଅନ୍ତୁ ବୋଲି ତାଙ୍କ ପିତା ଚାହୁଁଥିଲେ। ମାତ୍ର ବିଧିର କିଛି ଅଲଗା ନିୟମ ତାଙ୍କ ପାଇଁ ରହିଥିଲା। ଉପଯୁକ୍ତ ସମୟ ପୂର୍ବରୁ କମଲଜିତଙ୍କ ପିତାମାତାଙ୍କ ମୃତ୍ୟୁ ହେବାରୁ ସେ ଅନ୍ୟ ଭାଇ ଭଉଣୀଙ୍କ ଭାର ତାଙ୍କ ଉପରେ ପଡ଼ିଥିଲା। ସେ ପିତୃ ତୁଲ୍ୟ ସେମାନଙ୍କ ଯତ୍ନ ନେଉଥିଲେ। ସ୍ନାତକ ଶିକ୍ଷା ଲାଭ ପରେ ଶ୍ରୀ ଆଲଓ୍ୱାଲିଆ ୧୯୬୩ରେ ରାମଗଡ଼ସ୍ଥିତ ଏକ କୋଇଲା ଖଣିରେ ସହକାରୀ ପରିଚାଳକ ଭାବେ ଯୋଗ ଦେଲେ ଏବଂ ପରେ ୧୯୬୭ ବେଳକୁ ସେ ଓଡ଼ିଶା ଆସିଲେ। ଭାରତୀୟ ଖଣିଜ ଶିଳ୍ପର ତତ୍‌କାଳୀନ ପ୍ରଖ୍ୟାତ ବ୍ୟକ୍ତି ଶ୍ରୀଯୁକ୍ତ କରମ ଚାନ୍ଦ ଥାପରଙ୍କ ପ୍ରେରଣା ଓ ଉତ୍ସାହ କ୍ରମେ ଆଲଓ୍ୱାଲିଆ ଖଣି ବ୍ୟବସାୟ ଆରମ୍ଭ କରିଥିଲେ ଏବଂ ପରେ ଭାରତର ଜଣେ ଅଗ୍ରଣୀ ଖଣି ମାଲିକ ହୋଇପାରିଥିଲେ।

ଶ୍ରୀ କେଜେଏସ୍ ତାଙ୍କ ଜୀବର ଅନେକ ଭଲ ଜିନିଷରେ ସଉକ ରଖୁଥିବା ଜଣେ ବ୍ୟକ୍ତି ଭାବେ ଜଣାଶୁଣା। ସେ କାର ହେଉ କିମ୍ବା ନିଜ ସଂସ୍କୃତି ଅବା ନିଜ ଘରର ବଗିଚା, ସବୁଥିରେ ସେ ରୁଚି ରଖୁଥିଲେ। ସେ ଜଣେ ଉତ୍ସାହୀ ପାଠକ ମଧ୍ୟ ଥିଲେ ଏବଂ କବିତା ପଢ଼ିବା ଓ ଲେଖିବାରେ ଆନନ୍ଦ ଲାଭ କରୁଥିଲେ। ସଂଗୀତରେ ମଧ୍ୟ ତାଙ୍କର ବିଶେଷ ରୁଚି ଥିଲା। ତାଙ୍କ ଘରେ ନିୟମିତ ଆୟୋଜନ ହେଉଥିବା 'ମେହଫିଲ' କାର୍ଯ୍ୟକ୍ରମରେ ସେ ସଂଗୀତରୁ ବେଶ ଆନନ୍ଦ ଉଠାଉଥିଲେ।

ବିଶେଷ କରି ବନ୍ଧୁ, ପରିବାର ଓ ତାଙ୍କର ସହକର୍ମୀଙ୍କ ମଧ୍ୟରେ କେଜେଏସ୍ ବେଶ ଆତ୍ମୀୟ ଓ ଅତ୍ୟନ୍ତ ଉଦାର ବ୍ୟକ୍ତି ଭାବେ ପରିଚିତ ହୋଇପାରିଥିଲେ। ଜଣେ ଜନହିତୈଷୀ ଭାବେ ସେ ସମଗ୍ର ଭାରତରେ ପରିଚିତ ଥିଲେ। ଏହା ସହିତ ଜଣେ ଉତ୍ତମ ପାରିବାରିକ ବ୍ୟକ୍ତି ଭାବେ ସେ ତାଙ୍କର ପରିବାରକୁ ବାନ୍ଧି ରଖିଥିଲେ। ତାଙ୍କର ପରଲୋକ ଏକ ସମ୍ପୂର୍ଣ୍ଣ ଶୂନ୍ୟସ୍ଥାନ। ଏହାକୁ କେହି ପୂରଣ କରିପାରିବେ ନାହିଁ।

### ଜଣେ ମହାନ ମଣିଷ
### ଜୟପୁରର ମହାରାଜା ଜୟ ସିଂହ

ଶ୍ରୀ କେଜେଏସ୍ ଆଲୁଓ୍ୱାଲିଆଙ୍କୁ ମୁଁ ବେଶ ଭଲ ଭାବେ ଜାଣେ। ରାଜସ୍ଥାନ ସହ ତାଙ୍କର ଅତୁଟ ବନ୍ଧନ ଓ ନିର୍ଦ୍ଦିଷ୍ଟ ଭାବେ ଜୟପୁର ଏକ ମୁଖ୍ୟ କାରଣ ଥିଲା ଯାହା ଆମର ସଙ୍ଗଠନକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ତାଙ୍କର ଅପରିସୀମ ଜ୍ଞାନ ଚିର ସ୍ମରଣୀୟ ହୋଇରହିବ। ଏକ ବିନୟୀ ଆତ୍ମା ସହିତ ଏକ ମହାନ ବ୍ୟକ୍ତିତ୍ୱ ସେ ତାଙ୍କର ସମସ୍ତ ପ୍ରକାର ବ୍ୟବସାୟ ଉଦ୍ୟୋଗରେ, ବିଶେଷ କରି ଖଣି ଶିଳ୍ପରେ ସଫଳତାର ଶୀର୍ଷକୁ ଛୁଇଁ ପାରିଥିଲେ। ତାଙ୍କ ବିୟୋଗରେ ଆମେ ତାଙ୍କ ସ୍ନେହରୁ ବଞ୍ଚିତ ହେବା ସହ ସେ ସର୍ବଦା ସ୍ମରଣୀୟ ହୋଇ ରହିବ।

### ଜଣେ ସ୍ୱତନ୍ତ୍ର ମଣିଷ
### ଡ. ଏ କେ ଦାସ (ଘନିଷ୍ଠ ବନ୍ଧୁ)

ସ୍ୱର୍ଗତ କମଲଜିତ ସିଂହ ଆଲୁଓ୍ୱାଲିଆଙ୍କ ମୋର ସମ୍ପର୍କ ପ୍ରାୟ ଦୀର୍ଘ ୩୮ ବର୍ଷ ପୂର୍ବରୁ ହୋଇଥିଲା। ସେ ଏକ ଖଣି ମାଲିକ ବା ଉଦ୍ୟୋଗପତି ଭାବେ ତାଙ୍କ ସହିତ ମୋର ସମ୍ପର୍କ ହୋଇନଥିଲା, ବରଂ ଜଣେ ପ୍ରକୃତ ଓ ଉତ୍କୃଷ୍ଟ ବନ୍ଧୁ ଭାବେ ସେ ସର୍ବଦା ପରୋପକାରୀ ରହିଆସିଥିଲେ। ସେ ଅସାଧାରଣ ଭାବେ ଜଣେ ଅତି ଉତ୍ସାହୀ ବ୍ୟକ୍ତି ଯାହା ତାଙ୍କ ଚରିତ୍ରକୁ ପ୍ରତିଫଳିତ କରିଥାଏ।

ମୁଁ ଜାଣିଥିବା ସମସ୍ତ ଖଣି ମାଲିକଙ୍କ ମଧ୍ୟରେ ସେ ଜଣେ ଅତ୍ୟନ୍ତ ସଂସ୍କୃତି ସମ୍ପନ୍ନ ଏବଂ ଯୋଗ୍ୟ ଖଣି ମାଲିକ। ଏହି ଖଣି ଅଞ୍ଚଳରେ ମୋର ପ୍ରାୟ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ସେ ଜଣେ ଅତି ଅସାଧାରଣ ମଣିଷ ଏବଂ ମହାନ ଭାଇ ଏବଂ ପରିବାରର ସମସ୍ୟ ସଦସ୍ୟମାନଙ୍କ ପ୍ରତି ସେ ସର୍ବଦା ସ୍ନେହଶୀଳ ଥିଲେ। ସେ ଶ୍ରୀମତୀ ମଞ୍ଜୁଳା ଆଲୁଓ୍ୱାଲିଆଙ୍କୁ ବିବାହ କରି ଖୁସିରେ କାଳାତିପାତ କରିଥିଲେ। ଶ୍ରୀମତୀ ଆଲୁଓ୍ୱାଲିଆ ମଧ୍ୟ ସମାନ ପରିମାଣରେ ଧାର୍ମିକ ଓ ତାଙ୍କ ପାଇଁ ସର୍ବଦା ହସୁଥିବା ସାଥୀଟିଏ। ସେମାନଙ୍କର ଆମ ପ୍ରତି ଥିବା ଅସୀମ ପ୍ରେମ ଓ ସ୍ନେହ ଚିର ସ୍ମରଣୀୟ ହୋଇ ରହିବ।

ଶ୍ରୀ ଆଲୁଓ୍ୱାଲିଆ ମୋର ଜଣେ ଶୃଙ୍ଖଳିତ ରୋଗୀ ଏବଂ ସେ ଚିକିତ୍ସା ପାଇଁ ଦିଲ୍ଲୀ, ମୁମ୍ବାଇ ଏବଂ ଅନ୍ୟାନ୍ୟ ମହାନଗର କିମ୍ବା ସହରକୁ ନ ଯାଇ ମୋ ଜରିଆରେ ଚିକିତ୍ସିତ ହେବାକୁ ଏକାନ୍ତ ଇଚ୍ଛା କରୁଥିଲେ। ସେ ଚାହୁଁଥିଲେ ଯୋଡ଼ାସ୍ଥିତ ଟାଟା ହସ୍‌ପିଟାଲ୍‌ରେ ତାଙ୍କର ସର୍ଜିକାଲ୍ ଅସ୍ତ୍ରୋପଚାର କରାଯାଉ। ସେ ମୋ ପାଇଁ ପରିବାରର ବନ୍ଧୁ ଭାବେ ଯୋଡ଼ାସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ସାହାଯ୍ୟ କରିଛନ୍ତି। ସେ ମଧ୍ୟ ଅନେକ ଶିକ୍ଷାନୁଷ୍ଠାନ ପାଇଁ ଅତ୍ୟନ୍ତ ଉଦାର ଥିଲେ। ଉଚ୍ଚଶିକ୍ଷା ପାଇଁ ଅନେକ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସହଯୋଗ ଏବଂ ଗରିବ ଲୋକଙ୍କ ଝିଅ ବାହାଘର ସମୟରେ ଯଥୋଚିତ ସହାୟତା ପ୍ରଦାନ କରୁଥିଲେ।

ତାଙ୍କୁ ହରାଇ ମୁଁ ଜଣେ ଭଲ ବନ୍ଧୁ ନୁହେଁ ବରଂ ମୋ ପରିବାରର ଜଣେ ସଦସ୍ୟଙ୍କୁ ହରାଇଲି। ତାଙ୍କ ଯୋଗୁଁ ଆମ ଉଭୟ ପରିବାର ଭଲ ଓ ପରସ୍ପରର ନିକଟତର ହୋଇପାରିଥିଲେ। ଯଦିଓ ସେ ଦେଶର ଜଣେ ସର୍ବୋଚ୍ଚ ବ୍ୟକ୍ତିଗତ ଟିକସଦାତା ଥିଲେ, ସେଥିରେ ତାଙ୍କର ଆଦୌ ଗର୍ବ ନ ଥିଲା। ସେ ଏକ ଅତି ଅସାଧାରଣ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ସଂସ୍ପର୍ଶରେ ଆସୁଥିବା ସମସ୍ତ ବ୍ୟକ୍ତି ବିଶେଷ ତାଙ୍କୁ କେବେ ବି ଭୁଲି ପାରିବେ ନାହିଁ। କାରଣ ତାଙ୍କୁ ସାକ୍ଷାତ କରିବା ପାଇଁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ଏଭଳି ଭାବେ ମିଶୁଥିଲେ ଯେ, ତାଙ୍କ ସ୍ମୃତି ସେମାନଙ୍କଠାରେ ସବୁଦିନ ପାଇଁ ରହିଯାଉଥିଲା।

### ଆପଣଙ୍କ ସ୍ମୃତିରେ ପରିବାରବର୍ଗ:

ଶ୍ରୀମତୀ ମଞ୍ଜୁଳା ଆଲୁଓ୍ୱାଲିଆ (ଧର୍ମପତ୍ନୀ), ହିମାଙ୍ଗିନୀ ଏବଂ କରନପାଲ୍ ସିଂହ (ଝିଅ ଓ ଜ୍ୱାଇଁ), ନମନ ଓ ମେହାନ (ନାତି), ପ୍ରମିଳା ଆଲୁଓ୍ୱାଲିଆ (ଭାଇବୋହୂ), ସନ୍ତୋଷ ଆଲୁଓ୍ୱାଲିଆ (ଭାଇବୋହୂ), ଇନ୍ଦୁ ଓ ପବନ ଆଲୁଓ୍ୱାଲିଆ (ଭାଇବୋହୂ ଓ ଭାଇ), ଗୋପ ଓ ପ୍ରଶାନ୍ତ ଆଲୁଓ୍ୱାଲିଆ (ଭାଇବୋହୂ ଓ ଭାଇ), ରେଖା ଓ୍ୱାଲିଆ (ଭଉଣୀ), ସୁଧା ଓ ଡି କେ ମେହଟା (ଭଉଣୀ ଓ ଭିଣୋଇ)।

ଶ୍ରୀ କେଜେଏସ୍‌ଙ୍କ ଆତ୍ମାକୁ ସମ୍ମାନ ଜଣାଇ କେଜେଏସ୍ ଗ୍ରୁପ୍ ତରଫରୁ ରୁଗୁଡ଼ିସ୍ଥିତ କେଜେଏସ୍ ଷ୍ଟିଲ୍ ଓ ପାଓ୍ୱାର ପ୍ଲାଣ୍ଟ କଲୋନୀରେ ଅପରାହ୍ନ ୪ଟା ଠାରୁ ଏକ ପ୍ରାର୍ଥନା ସଭା ଆୟୋଜନ କରାଯାଉଛି।

### ଜଣେ ଉଦାର ମଣିଷ
### ରଘୁବୀର ପାରେଖ (ବାଲ୍ୟବନ୍ଧୁ)

ଆଲଓ୍ୱାଲିଆ ମୋ ବାଲ୍ୟ ବନ୍ଧୁ ଥିଲେ, ଆମେ ଆମର ସ୍କୁଲ୍ ଓ ସ୍ନାତକ ଗୋଟିଏ ସ୍ଥାନରେ କରିଥିଲୁ। ଆହୁରି ମଧ୍ୟ ହଷ୍ଟେଲ୍‌ରେ ଆମେ ଗୋଟିଏ ରୁମ୍‌ରେ ରହୁଥିଲୁ। ଅବସର ସମୟରେ ଆମେ ଏକାଠି ବୁଲିବାକୁ ମଧ୍ୟ ଯାଉଥିଲୁ। ସେତେବେଳେ ମୁଁ କେବଳ ହୃଦୟଙ୍ଗମ କରିଥିଲି ଯେ, ସବୁ ଜିନିଷକୁ ଦେଖିବାରେ ଆଲଓ୍ୱାଲିଆଙ୍କର ଏକ ଭିନ୍ନ ଦୃଷ୍ଟି ରହୁଥିଲା। ସେଥିପାଇଁ ମୁଁ ଭାବୁଥିଲି ସେ ନିଶ୍ଚିତ ଭାବେ ଭବିଷ୍ୟତରେ ନିଶ୍ଚିତ ଭାବେ ବିରାଟ ସଫଳତା ଲାଭ କରିବେ। ମୁଁ ତାଙ୍କ ଅଭିବୃଦ୍ଧିର ସାକ୍ଷୀ ଏବଂ ସମସ୍ତଙ୍କ ପ୍ରତି ତାଙ୍କର ଦୟା ଓ ସମୟ ସହିତ ତାଳ ଦେଇ ସମସ୍ତଙ୍କ ପ୍ରତି ତାଙ୍କର କରୁଣା ମଧ୍ୟ ବୃଦ୍ଧି ପାଇଥିଲା।

ଜଣେ ଅତ୍ୟନ୍ତ ଉଷ୍ମ ଓ ବିନୟୀ ସ୍ୱଭାବର ବ୍ୟକ୍ତି ହୋଇଥିବା ବେଳେ ସେ ଦୁନିଆର ଜଣେ ରତ୍ନ ଥିଲେ। ଦେଶରେ ସେ ଜଣେ ଶ୍ରେଷ୍ଠ ବ୍ୟବସାୟୀ ହୋଇପାରିଥିଲେ, କିନ୍ତୁ ମୋ ପାଇଁ ସେ ସର୍ବଦା ଜଣେ ଅତ୍ୟନ୍ତ ଭଲ ମଣିଷ ଥିଲେ।

### ଶକ୍ତି ଓ ଆତ୍ମ ବିଶ୍ୱାସ
### ତାରିଣୀ ପ୍ରସାଦ ମହାନ୍ତି (ବ୍ୟବସାୟ ସହଯୋଗୀ)

ଆଲଓ୍ୱାଲିଆଙ୍କ ବ୍ୟକ୍ତିତ୍ୱରେ ଶକ୍ତି ଏବଂ ଆତ୍ମ ବିଶ୍ୱାସର ପରିପ୍ରକାଶ ଘଟିଛି। ଏବଂ ଆମେମାନେ ତାଙ୍କୁ ସର୍ବଦା ଆମର ପ୍ରିୟ ସ୍ମୃତିରେ ଧରି ରଖିବୁ। ତାଙ୍କର ନୀତିଗୁଡ଼ିକ ଚିରକାଳ ଆମକୁ ପଥ ପ୍ରଦର୍ଶନ କରିବା ଏବଂ ଏହି ଅବସରରେ ମୁଁ ପ୍ରାର୍ଥନା କରୁଛି, ତାଙ୍କ ଆତ୍ମା ଶାନ୍ତିରେ ରହୁ।

### ଜଣେ ଗୁଣଗ୍ରାହୀ
### କପୁରତାଲା ମହାରାଜା (ବନ୍ଧୁ)

ଆଲଓ୍ୱାଲିଆ ଭ୍ରାତୃବର୍ଗ ଏହାର ଅନ୍ୟତମ ପ୍ରତିଷ୍ଠିତ ସଦସ୍ୟଙ୍କ ମଧ୍ୟରୁ ଜଣେ ଏସ୍ କମଲଜିତ ସିଂହ ଆଲୁଓ୍ୱାଲିଆଙ୍କୁ ହରାଇ ବହୁତ ଦୁଃଖିତ। ଜଣେ ଅତ୍ୟନ୍ତ ବିବେକପୂର୍ଣ୍ଣ ଓ ସମ୍ମାନୀତ ଉପସ୍ଥିତିକୁ ଆମେ ହରାଇଲୁ। ୨୦୨୧ ଅକ୍ଟୋବର ୧୫ ତାରିଖରେ ଇହଲୀଳ ସମ୍ବରଣ କଲେ। ତାଙ୍କର ସମର୍ପିତ ପରିବାର, ଅନେକ ପ୍ରଶଂସକ ଓ ସହଯୋଗୀ ତଥା କମଲଜିତଙ୍କ ମହାନ ଉଦାରତା ତଥା କୃତଜ୍ଞତା ପ୍ରାପ୍ତ ହୋଇଥିବା ଆମ ଭ୍ରାତୃବର୍ଗ ପାଇଁ ଆଲୁଓ୍ୱାଲିଆଙ୍କ ବିୟୋଗ ଏକ ବହୁତ ବଡ଼ କ୍ଷତି ଘଟିଲା।

ତାଙ୍କ ବିୟୋଗରେ ଗଭୀର ଭାବେ ଦୁଃଖୀ ଥିବା ତାଙ୍କ ପରବାର ପ୍ରତି ଆମର ସମବେଦନା ରହିଛି। କମଲଜିତଙ୍କ ପ୍ରତି ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ମଞ୍ଜୁଳା ଆଲୁଓ୍ୱାଲିଆ (ଅମ୍ବାଲା କୁଳଦୀପ ନଗରର ସ୍ୱର୍ଗତ ଏସ୍ କୁଳଦୀପ ସିଂହଙ୍କ କନ୍ୟା)ଙ୍କ ଯଥେଷ୍ଟ ସମର୍ଥନ ଥିଲା। ତାଙ୍କ ଝିଅ ହିମାଙ୍ଗିନୀ ଏବଂ ତାଙ୍କ ସ୍ୱାମୀ କରଣ ପାଲ ସିଂହ ମଧ୍ୟ ଆଲୁଓ୍ୱାଲିଆଙ୍କ ଅସୁସ୍ଥତା ସମୟରେ ଶକ୍ତି ସ୍ତମ୍ଭ ଭାବେ ତାଙ୍କ ନିକଟରେ ରହିଥିଲେ।

କମଲଜିତ ସିଂହ ଜୀ, ଆମେ ଆପଣଙ୍କୁ ନମସ୍କାର କରୁଛୁ, ଆପଣ କୌଣସି ସାଧାରଣ ନଶ୍ୱର ନଥିଲେ। ସ୍ୱର୍ଗତ ଡ. ଦେବୀନ୍ଦର ଏସ୍ ଆଲୁଓ୍ୱାଲିଆଙ୍କ ପରିବାରରେ ୧୯୪୧ ଏପ୍ରିଲ୍‌ରେ ଜନ୍ମିତ ଆଲୁଓ୍ୱାଲିଆ ନିଜ ପିତାମାତାଙ୍କୁ ଖୁବ୍ କମ ଦିନରେ ହରାଇଥିଲେ। ଏହି ଦୁଃଖ ଦ୍ୱାରା ନିରୁତ୍ସାହିତ ହୋଇ କମଲଜିତଙ୍କ ଅସ୍ୱାଭାବିକ କ୍ଷମତା ଓ କର୍ତ୍ତବ୍ୟର ଭାବନା ଦ୍ୱାରା ସେ ନିଜେ ଦୃଢ଼ିଭୂତ ହୋଇପାରିଥିଲେ। ପାରିବାରିକ ଦାୟିତ୍ୱ ସମ୍ଭାଳିବା ସହ ସେ ନିଜେ ଜୟପୁରର ମହାରାଜ କଲେଜର ଜଣେ ଅତି ଉତ୍ତମ ଛାତ୍ର ହୋଇଥିବା ସତ୍ତ୍ୱେ ତାଙ୍କ ଛୋଟ ଭାଇ ଭଉଣୀ ଅତି ସଫଳତାର ସହ କଲେଜ ଶିକ୍ଷା ସମାପ୍ତ କରନ୍ତୁ ବୋଲି ଚିନ୍ତା କରିଥିଲେ। ସେମାନଙ୍କୁ ଉତ୍ତମ ଶିକ୍ଷା ଗ୍ରହଣର ସହଯୋଗ କରିବାରେ ସହାୟକ ହୋଇଥିଲେ।

କମଲଜିତଙ୍କ ଆକାଡେମିକ୍ ସଫଳତା, କ୍ରିକେଟ ପଢ଼ିଆରେ କଲେଜରେ ଉତ୍କୃଷ୍ଟତା ପ୍ରତିପାଦିତ କରିବା ଏବଂ ତିବ୍ର ବ୍ୟବସାୟିକ କୌଶଳ ଦ୍ୱାରା କରମଚାନ୍ଦ ଥାପରଙ୍କ ସହଯୋଗ କ୍ରମେ ତତ୍‌କାଳନୀ ଭାରତରେ ସେ ଜଣେ ପ୍ରମୁଖ ଉଦ୍ୟୋଗୀ ଭାବେ ପରିଗଣିତ ହୋଇପାରିଥିଲେ। ଥାପରଙ୍କ ଦ୍ୱାରା କୋଇଲା ଓ ଲୁହାପଥର ଖଣି ବ୍ୟବସାୟ ଦାୟିତ୍ୱ କମଲଜିତଙ୍କୁ ଦିଆଯାଇଥିଲା ଏବଂ ସ୍ୱୟଂ ଥାପର ଆଲଓ୍ୱାଲିଆଙ୍କ ପରାମର୍ଶଦାତା ହୋଇଥିଲେ। କମଲଜିତଙ୍କ ତୀକ୍ଷ୍ଣ ବ୍ୟବସାୟିକ ପ୍ରବୃତ୍ତି ତାଙ୍କ ନୂତନ ଖଣି ବ୍ୟବସାୟ ଅଧିକ ଖଣି ବ୍ୟବସାୟ ବିସ୍ତାର ଦିଗରେ ସଫଳତା ପାଇପାରିଥିଲେ।

କମଲଜିତ ଖୁବ୍ ଶୀଘ୍ର ଜଣେ ଆଦର୍ଶ ଉଦ୍ୟୋଗୀ, ଜଣେ ନୀତିଗତ ନିଯୁକ୍ତିଦାତା ଭାବେ କାର୍ଯ୍ୟ କରିଥିଲେ। ସମସ୍ତ ଆର୍ଥିକ କାରବାର ଏବଂ ଦାୟିତ୍ୱ ସହ ସମୟାନୁବର୍ତ୍ତୀ ଏବଂ ବ୍ୟବସାୟ ବ୍ୟତୀତ ସେ ମଧ୍ୟ ବିମାନ, ଅଟୋମୋବାଇଲ୍, ଘଣ୍ଟା ଆଦି କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ। କମଲଜିତଙ୍କର ଅନେକ ଆଦର୍ଶଗତ ଗୁଣ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ। ତାଙ୍କରସବୁଠାରୁ ଚମତ୍କାର ଗୁଣ ହେଉଛି ସ୍ୱୀକୃତି। ମହାନ ଗୁରୁଙ୍କ ଜଣେ ଭକ୍ତ ଅନୁଗାମୀ, ଜଣେ ନିଷ୍ଠାପର ତଥା ଉତ୍ସର୍ଗୀକୃତ ପରିବାର ପିତୃପୁରୁଷ ଏବଂ ସର୍ବୋପରି, ମାନବିତାର ମହାନ କାରଣ ପାଇଁ ବିନୟୀ କମଲଜିତ ଅତୁଳନୀୟ ଥିଲେ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ଏତିକି କୁହାଯାଇପାରିବ- 'ଚିନ୍ତାରେ ମହାନ, କାର୍ଯ୍ୟରେ ମହାନ ଏବଂ ସେ ମହାନ ଆତ୍ମା'। ଆମେ ଆପଣଙ୍କୁ ଧନ୍ୟବାଦ ଦେଉଛୁ, ଆମେ ଚିରଦିନ ପାଇଁ ଆପଣଙ୍କ ସ୍ମୃତିକୁ ସାଇତି ରଖିବୁ।

### କର୍ମଯୋଗୀ
### ଏୟାର ମାର୍ଶାଲ ବିନୋଦ ଭାଟିଆ (ଘନିଷ୍ଠ ବନ୍ଧୁ)

ଜଣେ କର୍ମଯୋଗୀ, କମଲଜିତ ଆରମ୍ଭରୁ କଠିନ ପରିଶ୍ରମ ଏବଂ ପ୍ରବଳ ଅଧ୍ୟବସାୟ ଦ୍ୱାରା ଜଣେ ଜଣାଶୁଣା ଶିଳ୍ପପତି ଭାବେ ନିଜକୁ ଗଢ଼ି ତୋଳିଥିଲେ। ସବୁକ୍ଷେତ୍ରରେ ଜଣେ ଉଚ୍ଚକୋଟୀର ବ୍ୟକ୍ତିତ୍ୱ କମଲଜୀ ମଧ୍ୟ ତାଙ୍କର ଦୟାଳୁ ଏବଂ କୋମଳ ସ୍ୱଭାବ ପାଇଁ ଜଣାଶୁଣା। ଅନ୍ୟମାନଙ୍କ ପ୍ରତି ଗଭୀର ଭାବେ ଧ୍ୟାନ ଦେଇ ସେ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ ନିଜେ ଅସୁବିଧାରେ ରହି ପଡୁଥିଲେ। ଏକ ଭୁଲ ପାଇଁ ସେ ଉଦାର ହେଉଥିଲେ ମଧ୍ୟ ତାଙ୍କ ସୂକ୍ଷ୍ମ ହାସ୍ୟ ରସିକାତା ପାଇଁ ସେ ସ୍ମରଣୀୟ ହୋଇ ରହିବେ। ସେଥିପାଇଁ ତାଙ୍କୁ ସମସ୍ତେ ଭଲ ପାଉଥିଲେ। ଆମ ପାଇଁ ସେ ଜଣେ ଭାଇଠାରୁ ଅଧିକ ଥିଲେ ଏବଂ ଆମେ ତାଙ୍କ ସହ ସୁଖ ଦୁଃଖ ବାଣ୍ଟିବାର ସମସ୍ତ ମୁହୂର୍ତ୍ତରେ ଆନନ୍ଦ ଅନୁଭବ କରୁଥିଲୁ। ତାଙ୍କ ଜୀବନ ଏକ ଆଶୀର୍ବାଦ ଓ ସ୍ମୃତି ଏକ ସମ୍ପତ୍ତି ହୋଇ ରହିବ। ତାଙ୍କୁ ସର୍ବଦା ଶବ୍ଦରେ ଭଲ ପାଇ ହେବ ଏବଂ ବାସ୍ତବରେ ସବୁଦିନ ପାଇଁ ସେ ମନେରହିବେ।

କମଲଜିତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଯେତେବେଳେ ଆମେ ତାଙ୍କ ଶାରୀରିକ ଅନୁପସ୍ଥିତରେ ଶୋକ କରୁଛୁ, ଆସନ୍ତୁ ଆମେ ତାଙ୍କୁ ପ୍ରଶଂସା କରିବା ଏବଂ ଏକ ଅଭୁତ ଜୀବନ ଦେଇ ତାଙ୍କର ଉଲ୍ଲେଖନୀୟ ଯାତ୍ରାକୁ ଆମେ ସମ୍ମାନ ଜଣାଉଛୁ।

ଶାନ୍ତିରେ କମଲଜିତ ବିଶ୍ରାମ କରନ୍ତୁ।

### ଜଣେ ପଥ ପ୍ରଦର୍ଶକ ଆଲୋକ
### ଡ. ଆର୍. ପଟ୍ଟନାୟକ (ବନ୍ଧୁ)

କେଜେଏସ୍ ଭାଇ ମୋର ବଡ଼ଭାଇ ସଦୃଶ ଥିଲେ। ସେ ଓଡ଼ିଶାର ଖଣି ଶିଳ୍ପ ପାଇଁ ଜଣେ ଆଲୋକ ବର୍ତ୍ତିକା ଥିଲେ। ତାଙ୍କର ବିଶାଳ ହୃଦୟ ସେ ନିର୍ମାଣ କରିଥିବା ସଂଗଠନ ଓ ସେ ପ୍ରତିପୋଷଣ କରିଥିବା ଲୋକମାନଙ୍କ ମଧ୍ୟରେ ସ୍ପଷ୍ଟ ହେବା ତାଙ୍କର ସବୁଠୁ ବଡ଼ ସମ୍ପତ୍ତି ଥିଲା। ବର୍ଷ ବର୍ଷ ଧରି ଏକ ଦର୍ଶନ ଓ ଆଗାମୀ ପିଢ଼ି ପାଇଁ ଏକ ଉତ୍ତରାଧିକାରୀ ସୃଷ୍ଟି କରିବାର ଦାୟିତ୍ୱ ତାଙ୍କଠାରୁ ଶିକ୍ଷା ଲାଭ କରିଛି। ସେ ଅସୁସ୍ଥ ଥିବା ସମୟରେ ମୁଁ ତାଙ୍କୁ ଯେତେବେଳେ ଦିଲ୍ଲୀରେ ଶେଷ ଥର ପାଇଁ ସାକ୍ଷାତ କରିଥିଲି ତାଙ୍କ ମନ ନିରନ୍ତର ଜୀବିକା ନିର୍ବାହରେ ନିୟୋଜିତ ଥିଲା ଏବଂ ମୋତେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। କେବଳ ବ୍ୟବସାୟ କଥା ନୁହେଁ, ବରଂ ଜୀବନର ଅନେକ କ୍ଷେତ୍ରରେ ସେ ପ୍ରେରଣା ହୋଇ ରହିଆସିଛନ୍ତି ଏବଂ ତାଙ୍କର ସହଯୋଗ ମୁଁ ସର୍ବଦା ମନେରଖିବି ଯେ, ମୋର ଜୀବନରେ ସେ ଜଣେ ପ୍ରମୁଖ ବ୍ୟକ୍ତି ଥିଲେ। ତାଙ୍କ ପରିବାର ଯେଉଁଳି ତାଙ୍କର ମୂଲ୍ୟବୋଧ ଓ ଉତ୍ତରାଧିକାରୀ ବହନ କରୁଛି ସେଥିପାଇଁ ଗର୍ବିତ ଓ ଆଗାମୀ ଦିନରେ ସେମାନେ ଅନେକଙ୍କ ଜୀବନରେ କେଜେଏସ୍ ଭାଇଙ୍କ ଆଲୋକ ବର୍ତ୍ତିକାକୁ ଉଜାଗର କରି ରଖିବାକୁ ଚାହାନ୍ତି।

### ଏକ ବ୍ୟକ୍ତି ଅନୁଷ୍ଠାନ
### ସିଦ୍ଧାର୍ଥ ପ୍ରଧାନ (ସହଯୋଗୀ)

ଶ୍ରୀ କେଜେଏସ୍ ଆଲୁଓ୍ୱାଲିଆ ପୂର୍ବ ଭାରତର ଖଣି ବ୍ୟବସାୟ କ୍ଷେତ୍ରରେ ଜଣେ ମହାନ ବ୍ୟକ୍ତି ଥିଲେ। ସେ ଜଣେ ବ୍ୟକ୍ତି ଓ ଅନୁଷ୍ଠାନ ମଧ୍ୟ ଥିଲେ। ସେ ପ୍ରାୟତଃ ଏକକ ଭାବରେ ଏକ ସାମ୍ରାଜ୍ୟ ଗଠନ କରିଥିଲେ। ସେ ଲୁହାପଥର ଖଣି କ୍ଷେତ୍ରରେ ସମସ୍ତ ଅସୁବିଧା ବିରୋଧରେ ସଫଳ ହୋଇଥିଲେ। ବର୍ଷ ବର୍ଷ ଧରି ଭାରତରେ ଜଣେ ବ୍ୟକ୍ତି ଭାବେ ସର୍ବାଧିକ ଆୟକର ପ୍ରଦାନ କରୁଥିବା ବ୍ୟକ୍ତି ଭାବେ ତାଙ୍କୁ ସ୍ମରଣ କରାଯାଇପାରିବ। ଖଣି କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଜେନେରେସନ୍ ଅଫ୍ ମାଇନର୍ସ ମନେ ରଖିବେ। ତାଙ୍କର ଆତ୍ମାକୁ ଇଶ୍ୱର ଶାନ୍ତି ଦିଅନ୍ତୁ।

### "ବଡ଼ବିଲ୍ ମେଁ ବାବୁ ବହୁତ ହେ ମଗର ଏକ ସାହାବ ହେଁ"
### କରନପାଲ ସିଂହ (ଜ୍ୱାଇଁ)

ଥରେ ମୋତେ ଜଣେ କହିଥିଲେ, "ବଡ଼ବିଲ୍ ମେଁ ବାବୁ ବହୁତ ହେ ମଗର ଏକ ସାହାବ ହେଁ"। ମୁଁ ପାପା ଏବଂ ତାଙ୍କ ମାର୍ଗକୁ ଆଦର୍ଶ କରି ବଡ଼ ହୋଇଥିଲି। ସେ ବାହାରେ କଠିନ ଥିଲେ ସତ କିନ୍ତୁ ଭିତରେ ସମାନ ଭାବେ ନରମ ଥିଲେ। ଜଣେ ବ୍ୟକ୍ତି ଯିଏ ଆମକୁ ଦୟା ଓ ସହାନୁଭୂତି, ଲୋକଙ୍କ ଉପରେ ବିଶ୍ୱାସ କରିବା ଏବଂ ଅତ୍ୟଧିକ ଆତ୍ମ ଅଖଣ୍ଡତା ଶିଖାଇଥିଲେ। ସେ ସକରାତ୍ମକ ଏବଂ ଆଶାବାଦୀ ସଂସ୍କୃତି ଛାଡ଼ି ଯାଇଛନ୍ତି। ଗତ ଦୁଇ ଦଶନ୍ଧିର ଏକ ଭଲ ସମୟ ପାପାଙ୍କ ସହିତ ଅତିବାହିତ କରିଥିବାରୁ ମୁଁ ଭଗ୍ୟବାନ ମନେକରୁଛି। ସେ ଆମକୁ ପ୍ରେରଣା ଓ ମାଗଦର୍ଶନ ଜାରି ରଖନ୍ତୁ। ଏତିକି କାମନା।

### ଜଣେ ମହାନ ବ୍ୟକ୍ତି
### ହିମାଙ୍ଗିନୀ ସିଂହ (କନ୍ୟା)

କିଛି ଲୋକ ମହାନତା ହାସଲ କରନ୍ତି, କେତେକ ମହାନ ହେବାକୁ ଇଚ୍ଛା କରନ୍ତି, କେତେକ ମହାନ ହୋଇ ଜନ୍ମଗ୍ରହଣ କରନ୍ତି। ମୁଁ ଭାବୁଛି ମୋ ବାପା ସେହି ସୌଭାଗ୍ୟବାନ ଯିଏ ମହାନ ହୋଇ ଜନ୍ମ ଗ୍ରହଣ କରିଥିଲେ। ସେ ତାଙ୍କ ପରିବାର, କର୍ମଚାରୀଙ୍କ ପାଇଁ ଏବଂ ସମାଜ ପାଇଁ ବହୁତ ଭଲ ଥିଲେ। ତାଙ୍କର ଅବଦାନ ଏବଂ ସେ ଛାଡ଼ି ଯାଇଥିବା ଶୂନ୍ୟସ୍ଥାନ କେବେ ବି ପୂରଣ ହୋଇପାରିବ ନାହିଁ। ମୋର ଦେନନ୍ଦୀନ ଜୀବନରେ ମାର୍ଗଦର୍ଶକ ଭାବେ ସେ ଅବ୍ୟାହତ ରହିଛନ୍ତି। ମୁଁ ଜାଣେ ସେ ମୋ ଉପରେ ନଜର ରଖିଛନ୍ତି ଏବଂ ମୋତେ ସବୁକିଛି ସାମ୍ନା କରିବାକୁ ଶକ୍ତି ଦେଉଛନ୍ତି। ସେ ସବୁବେଳେ ଆମ ପରିବାର ପାଇଁ ଏକ ପ୍ରତିମା ହୋଇ ରହିବେ।

ଧରିତ୍ରୀ
DHARITRI
ଶନିବାର, ଅକ୍ଟୋବର ୧୫/୨୦୨୨ | Saturday, October 15/2022 | ପୃଷ୍ଠା-୧



## ଭାରତୀୟ ଟି୨୦ ବିଶ୍ୱକପ୍ ଦଳରେ ଶାମି

ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଯଶପ୍ରୀତ ବୁମ୍ରାଙ୍କ ସ୍ଥାନରେ ପେସ୍ ବୋଲର ମହମ୍ମଦ ଶାମିଙ୍କୁ ସାମିଲ କରାଯାଇଛି।

୧୨

୧୦

## ଅଟୋରେ ମୁମ୍ବାଇ ବୁଲା

ବଲିଉଡ୍ ଅଭିନେତା ବରୁଣ ଧୱନ୍ ଅଟୋରେ ମୁମ୍ବାଇ ବୁଲୁଥିବାର ଦେଖିବାକୁ ମିଳିଛି।



## ଶିବଲିଙ୍ଗର କାର୍ବନ ଡେଟିଂ ଆବେଦନ ଖାରଜ

**ବାରାଣସୀ,୧୪।୧୦(ପି.ଟି.)**

**ଜ୍ଞାନବାପି ମସ୍‌ଜିଦ ମାମଲା**

ଜ୍ଞାନବାପି ମସ୍‌ଜିଦ ପରିସରରେ ଥିବା ଶିବଲିଙ୍ଗର କାର୍ବନ ଡେଟିଂ କରିବା ଲାଗି ଆବେଦନକୁ ବାରାଣସୀର ଏକ ଅଦାଲତ ଶୁକ୍ରବାର ଖାରଜ କରିଦେଇଛନ୍ତି। ଫଳରେ ହିନ୍ଦୁ ପକ୍ଷଙ୍କୁ ବଡ଼ ଝଟକା ଲାଗିଛି। ମସ୍‌ଜିଦ ପରିସରରେ କେବେଠାରୁ ଶିବଲିଙ୍ଗ ସ୍ଥାପିତ ହୋଇଥିଲା ତାହା ଜାଣିବା ନିମନ୍ତେ ବୈଜ୍ଞାନିକ ପଦ୍ଧତିରେ ଏହାର ତଦନ୍ତ କରାଯିବା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦୁଇ ପଦବୀର ଦାୟିତ୍ୱ**




# ଭୂମି ପରେ ଭାଷା

**ଶରତ କୁମାର ଧଳ**
**ପଟ୍ଟାଙ୍ଗୀ, ୧୪।୧୦**

- **ସୀମାନ୍ତରେ ଓଡ଼ିଆ ଶିକ୍ଷାନୁଷ୍ଠାନରେ ତାଲା**
- **ବିଦ୍ୟାଳୟ ମିଶ୍ରଣର ସୁଯୋଗ ନେଉଛି ଆନ୍ଧ୍ର**
- **ଖୋଲୁଛି ତେଲୁଗୁ ସ୍କୁଲ, ଅଜାଡୁଛି ପ୍ରୋତ୍ସାହନ**

ପ୍ରଥମେ ଭୂମି ହାତେଇବାକୁ ଚକ୍ରାନ୍ତ। ଏବେ ଭାଷାକୁ ଅକ୍ତିଆର କରିବାକୁ ପ୍ରୟାସ। ସୀମାନ୍ତ କୋରାପୁଟ ଜିଲାରେ ସରକାରୀ ସ୍କୁଲ ପରିଚାଳନାରେ ରାଜ୍ୟ ପ୍ରଶାସନର ବିଫଳତା, ବିପଦରେ ପଡ଼ିଥିବା ଓଡ଼ିଆ ଭାଷା ସୁରକ୍ଷା ଲାଗି ଯୋଜନାର ଅଭାବ, ସର୍ବୋପରି ପ୍ରାଥମିକ ଶିକ୍ଷାର ହୁଗୁଳା ଭିତ୍ତିଭୂମିର ସୁଯୋଗ ନେଉଛି ଆନ୍ଧ୍ରପ୍ରଦେଶ। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସ୍କୁଲଗୁଡ଼ିକୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ଥିବା ଦର୍ଶାଯାଇ ବନ୍ଦ କରିଦିଆଯାଉଛି। ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁବିଧା ଦୃଷ୍ଟିରୁ ଅନ୍ୟ ବିଦ୍ୟାଳୟ ସହିତ ମିଶ୍ରଣ କରାଯାଉଛି। ହେଲେ ହାତପାଆନ୍ତାରେ ପିଲାଙ୍କୁ କିପରିଶିକ୍ଷା ମିଳିବ ତାହାର ବିକଳ୍ପ କରାଯାଉନାହିଁ। ଫଳରେ ଓଡ଼ିଆ ସ୍କୁଲରେ ତାଲା ଝୁଲୁଥିବା ବେଳେ ସେଠାରେ ଶିକ୍ଷା ବ୍ୟବସ୍ଥାକୁ କରାୟତ୍ତ କରିବାକୁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିସାରିଲାଣି ଆନ୍ଧ୍ର। ସମ୍ପୃକ୍ତ ଗ୍ରାମଗୁଡ଼ିକରେ ପଡ଼ୋଶୀ ରାଜ୍ୟ ପକ୍ଷରୁ ଆରମ୍ଭ କରାଯାଇଛି ପ୍ରୋତ୍ସାହନଭିତ୍ତିକ ଶିକ୍ଷାଦାନ କାର୍ଯ୍ୟକ୍ରମ। ତେଲୁଗୁ ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରାଯାଉଛି। ଏସବୁ କାର୍ଯ୍ୟକ୍ରମକୁ ନିୟମିତ ତଦାରଖ କରୁଛନ୍ତି ଆନ୍ଧ୍ର ଅଧିକାରୀ। ଅମ୍ବାବାଲି, ତଳଗୋଲୁରୁ, ଶୁଙ୍କି, କୋଟିଆ ଭଳି ବିଭିନ୍ନ ଗ୍ରାମରେ ଅନେକ ତେଲୁଗୁ ସ୍କୁଲ ମୁଣ୍ଡ ଟେକିବା ଓଡ଼ିଶା ସରକାର ଏବଂ ସ୍ଥାନୀୟ ପ୍ରଶାସନର ଦୂରଦୃଷ୍ଟିହୀନ ଶିକ୍ଷା ଯୋଜନାକୁ ପଦାକୁ ଆଣିଥିବାବେଳେ ସୀମାନ୍ତରେ ଓଡ଼ିଆ ଭାଷା ପ୍ରତି ଦେଖାଦେଇଥିବା ସଙ୍କଟ ଆହୁରି ଗମ୍ଭୀର ରୂପ ନେଲାଣି।

ସୀମା ସଂଘାତକୁ ନେଇ ଜାତୀୟସ୍ତରରେ 'କୋଟିଆ ଗ୍ରାମପୁଞ୍ଜ' ଆଲୋଚନାର ପ୍ରସଙ୍ଗ ରହି ଆସିଥିବାବେଳେ ଏବେ ଭାଷାକୁ କରାୟତ୍ତ କରିବା ପାଇଁ ପ୍ରାଥମିକ ସ୍କୁଲକୁ ମାଧ୍ୟମ କରିଛି ଆନ୍ଧ୍ର ପ୍ରଶାସନ। କୋଟିଆ ପଞ୍ଚାୟତର ଆର୍ଜୁବାଲସାରେ ଦେଖିବାକୁ ମିଳିଛି ଏହାର ଏକ ଦୃଷ୍ଟାନ୍ତ। ୨୦୦୮ରେ ଏଠାରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ସ୍ଥାପିତ ହୋଇଥିଲା 'ନୂତନ ପ୍ରାଥମିକ ବିଦ୍ୟାଳୟ'। ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଯାଉଥିଲା। ମାତ୍ର ୧୩ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ରହୁଥିବା ଦର୍ଶାଇ ଏହାକୁ ୨୦୨୦ ନଭେମ୍ବର ୧୧ରେ ବନ୍ଦ କରିଦିଆଯାଇଛି। ପରେ ତାହାକୁ ତାଡ଼ିବାଲସା ସ୍କୁଲରେ ମିଶ୍ରଣ କରାଯାଇଛି। ☞ପୃଷ୍ଠା-୨



ଆର୍ଜୁବାଲସାରେ ଆନ୍ଧ୍ର ପକ୍ଷରୁ ସ୍ଥାପିତ ସ୍କୁଲ।

# ରାଜୁ ବିଜେଡି ବିଦ୍ରୋହୀ ପ୍ରାର୍ଥୀ



ଧାମନଗର ବିଧାନସଭା ଉପନିର୍ବାଚନ ପାଇଁ ଶୁକ୍ରବାର ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଦାସ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)/ଭଦ୍ରକ ଅଫିସ**

ଧାମନଗର ପୂର୍ବତନ ବିଧାୟକ ତଥା ଅସନ୍ତୁଷ୍ଟ ବିଜେଡି ନେତା ରାଜେନ୍ଦ୍ର ଦାସ(ରାଜୁ)ଙ୍କୁ ମନାଇବାରେ ବିଜେଡି ବିଫଳ ହୋଇଛି। ଶୁକ୍ରବାର ସେ ଧାମନଗର ବିଧାନସଭା ଉପନିର୍ବାଚନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଭଦ୍ରକ ବ୍ଲକ୍ କାର୍ଯ୍ୟାଳୟଠାରେ ଅତିରିକ୍ତ ଉପଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାଜେନ୍ଦ୍ରଙ୍କ ଏଭଳି ପଦକ୍ଷେପ ବିଜେଡିକୁ ଶକ୍ତ ଧକ୍କା ଦେଇଛି। ଦଳୀୟ ଟିକେଟରେ ନିର୍ବାଚନକୁ ଓହ୍ଲାଇବା ପାଇଁ ସେ ଆଶାବାଦୀ ଥିଲେ। ଶେଷ ମୁହୂର୍ତ୍ତରେ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ରାଜୁଙ୍କ ଉପସ୍ଥିତିରେ ବିଜେଡି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ଅସନ୍ତୋଷକୁ ଚାପି ସେତେବେଳେ ରାଜୁ ଏହାକୁ ସମର୍ଥନ ଦେଇଥିଲେ। କିନ୍ତୁ ଭୁବନେଶ୍ୱରରୁ ଫେରି ଭଦ୍ରକରେ ପହଞ୍ଚିବା ପରେ ସ୍ଥିତି ବଦଳି ଯାଇଥିଲା।

ରାଜେନ୍ଦ୍ର ସ୍ୱାଧୀନ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେବାରୁ ବିଜେଡିର ଆଗଧାଡ଼ି ନେତାଙ୍କ ଏକ ଟିମ୍ ଭଦ୍ରକସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ବୁଝାଶୁଝା କରିଥିଲେ। ହେଲେ ରାଜେନ୍ଦ୍ରଙ୍କର ମାନଭଞ୍ଜନ ହୋଇପାରି ନ ଥିଲା। ସେ ନିଜ ଜିଦ୍‌ରେ ଅଟଳ ଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ନାମାଙ୍କନ ଦାଖଲ କରିବାକୁ ସେ ନିଷ୍ପତ୍ତି ନେଇଥିଲେ। ଗତ ନିର୍ବାଚନରେ ରାଜେନ୍ଦ୍ର ଭାଜପା ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କଠାରୁ ମାତ୍ର ୪,୬୨୫ ☞ପୃଷ୍ଠା-୨

## ନଭେମ୍ବର ୧୨ରେ ହିମାଚଳ ପ୍ରଦେଶ ନିର୍ବାଚନ | ☞ପୃଷ୍ଠା-୮







**The Raymond Shop:** Angul • Balasore • Bargarh • Baripada • Berhampur • Bhadrak • Bhubaneswar • Cuttack • Jajpur Road • Jatni • Jharsuguda • Paralakhemundi • Rourkela • Sambalpur

**Available at: All Leading Furnishing Outlets and Bed & Bath Stores**

**Angul:** Aavaran • Navyam Retails • Nupur • SNK Royale • Shiv Supply Agency • Sajawat • **Balanda :** Garg Handloom & Textiles • **Balangir** • Dindayal & Co. • **Balasore** • Hariyana Handloom • Haryana Handloom Interiors & Decors • Rajasthani Handlooms • Sri Mandir Garments • Hariyana Handloom • Haryana Handloom Interiors & Decors • Rajasthani Handlooms • Sri Mandir Garments • Hariyana Handloom •haryana Handloom Interiors & Decors • Rajasthani Handlooms • Sri Mandir Garments **Balichandrapur** • Shankarlal Mahavir Prasad • **Bargarh** • Bombay Cut Piece Centre • M.G. Fashion • Prakash Store **Baripada** Bombay Store • Hariyana Handloom • Navyam Retails • Radhika **Berhampur** • Nageswar Textile • New Haryana Handloom • Queens Collection Nx • Himalaya Handloom • **Bhadrak** Jagdamba Garments • Lokpriya • Maa Tarini • Jaga Kalia TextilesSuvadra Textiles • Haryana Handlooms **Bhanjanagar** • Panchanana Saree House & Sagar DressesTripathy Fabrics • **Bhawanipatna** • Jain Cloth EmporiumPooja Cloth • Sajawat • **Bhuban** Sri Krishna • Rajhans **Bhubaneswar** Bichhona Ct •Chinmaya Traders • Choudhury Enterprises Furnishing House • Handloom House • Hariyana Home Furnishing • Opulent Décor • Haryana Handlooms Emporium • Jhilimili Textile Pvt. Ltd. • Kalamandir Patia • Kalamandir Royale(BNB) • Kara Retail • Khadi Mandir • Maa Tarini Bastralaya • Narula Sarees & Readymade • New Haryana Handloom • Pearl Furnishings • Prusty Fashion • V.B. & Sons • Urban Furnishers •Amber • **Chhatia** • Ashoka Garments • **Cuttack** • Anshika •Balmukund Hargovind • Bhagabat Enterprises • Bhartia Distributors Private Ltd. • BRM Furnishing World • Care Point • Gaurav•Genx•Himalaya Handloom House•Home Decor Supply Mart • Mohini • Queens Collections Nx • Raghav Textile • Renu Store • **Daspalla** • Chandini • **Deogarh** • Rajhans Textiles **Dhenkanal** • HaryanaHandloom House • Sagar Saree Centre • **Jagatsinghpur** • Khuntia & Khuntia • Khuntia Enterprises • Suryamandir Fashion Bazar • **Jarka** • Shreeman Shreemati • Shyam Sundar Fancy Store • Shreeman Shreemati • Shyam Sundar Fancy Store • **Jatni** • Shree Mandir • **Jeypore** • Sangeeta • **Jharsuguda** • Fashion Clothing • Punjab Cloth Store • Grihalaxmi • Mundra Vastralaya • The Bharat Super Market • Fashion Clothing • Punjab Cloth Store • Grihalaxmi •Mundra Vastralaya • The Bharat Super Market• Geeta Fabrics • Fashion Clothing • Punjab Cloth Store • Grihalaxmi • Mundra Vastralaya • The Bharat Super Market • Geeta Fabrics • **Junagarh** • Poonams Cloth Store • **Kantabanjhi** • S.K Kishanlal & Co. • **Karanjia** •Mangilal Gouri Shankar • **Kendrapara** • Fashion Mayur Saree • Fashion Mayuri Nx • Jayashree Saree Center • Mayuri Decor • **Keonjhar** • Anita Textiles • Haryana Handloom & Co. • Paradise Textiles • Haryana Handloom & Co. • Paradise Textiles Radhika • **Khelar** • Managovinda • **Koraput** • Mayuri Silk House • **Madhuban** • Chandan Cloth Store • **Nabarangpur** • Parasnath Emporium • **Nayagarh** • Ashoka • Guru Fashion • **Nichintakoili** • Kanha Agency • **Nimapara** • Sardar Fancy Cloth House • **Paradeep** • Khuntia & Khuntia • **Paralakhemundi** • Baratam Shopping Mall • **Phulbani** • Ashok Cloth Store • Shree Mandir Cloth Store • **Puri** • City Fashion • **Rahama** • Gajalaxmi Enterprises • **Rayagada** • krishna Mohan Enterprises • **Rayagadarayagada** • L. N. Sahoo & Co. • **Rourkela** • Ghar Sansar Mart • **Salepur** • Mayuri • **Salipur** • Shibani Saree Emporium • **Sambalpur** • Manjit Cloth Store • Silkocot • **Singhpur** • Dhal Brothers • **Soro** • Mangaldeep • **Talcher** • My Style

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...........................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତାଟିଆରେ ଦେଲି ଦହି;
ବାସି ଧୋବଲୁଗା ପିନ୍ଧିବା ପାଇଁ,
ଧୋବଣୀ ସାଙ୍ଗରେ ସହି।**

ଯା'ଠାରୁ ଯାହାର କିଛି ଫାଇଦା ପାଇବାର ଆଶା ଥାଏ ତାକୁ ସେ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରିଥାଏ। ଏପରି କି ତା'ର ମନ ଜାଣି କିଛି କିଛି ଉପହାର ଦେଇ ତା'ସହ ସମ୍ପର୍କ ବଢ଼ାଇଥାଏ। ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଭଳି ଧୋବଣୀ ପାଖରୁ ଧୁଆ ଲୁଗା ପାଇବା ଆଶାରେ ତାକୁ ମନେଇ ବା ହାତେଇ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ମୁତୁରା କି ମୁଁ ମୁତୁରା,
କିଆଁ ଧୋଇବା ଶେଯ କତରା ?**

ସାଧାରଣତଃ ଯେଉଁଠାରେ ଉଭୟପକ୍ଷ ଦୋଷଯୁକ୍ତ ହୋଇଥାନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବା ଉଚିତ ହୋଇ ନ ଥାଏ। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୨୦୨୬ରେ ଟିଟିପିଏସ୍‌ରୁ ବିଦ୍ୟୁତ୍ ଉତ୍ପାଦନ

**ତାଳଚେର,୧୪।୧୦ (ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରଠାରେ ଥିବା ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାମ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ୨୦୨୬ ସେପ୍ଟେମ୍ବରରେ ୬୬୦ ମେଗାୱାଟ୍ ବିଶିଷ୍ଟ ପ୍ରଥମ ୟୁନିଟ୍ କାର୍ଯ୍ୟକ୍ଷମ ହେବ। ଏହାର ୪ ମାସ ପରେ ଅର୍ଥାତ୍ ୨୦୨୭ ଜାନୁୟାରୀରେ ୬୬୦ ମେଗାୱାଟ୍‌ର ୨ୟ ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ କରାଯିବ ବୋଲି ଟିଟିପିଏସ୍ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏଥିରେ କୁହାଯାଇଛି, ନୂତନ ୟୁନିଟ୍ ପାଇଁ ମହାନଦୀ କୋଲ ଫିଲଡ୍‌ସ ଲିମିଟେଡ କୋଇଲା ଯୋଗାଣ କରିବ ଓ ସମଲ ବ୍ୟାରେଜରୁ ପ୍ରକଳ୍ପ ନିମନ୍ତେ ପାଣି ଅଣାଯିବ। ୧୧ ହଜାର ୮୪୪ କୋଟି ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ସାରିଲେଣି। ପ୍ରାରମ୍ଭିକ କାମ ମଧ୍ୟ ଆରମ୍ଭ ହୋଇଗଲାଣି। ଏହି ନୂତନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ଟିଟିପିଏସ୍ କର୍ତ୍ତୃପକ୍ଷ ରାଜ୍ୟ ସରକାର, ଜିଲା ପ୍ରଶାସନ, ଲୋକ ପ୍ରତିନିଧି, ଅଞ୍ଚଳବାସୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ମୁଖ୍ୟ ମହାପ୍ରବନ୍ଧକ ଗୌତମ ଦେବ, ଜେନେରାଲ ମ୍ୟାନେଜର ପ୍ରୋଜେକ୍ଟ ଆର୍.କେ. ସିଂହ, ଜେନେରାଲ ମ୍ୟାନେଜର କୌଶିକ ମଣ୍ଡଳ, ରୋହିତ କୁମାର, ଦୀପକ କୁମାର, ଚନ୍ଦ୍ରଶେଖର କୁମାର, ଡିଜିଏମ୍ ସମ୍ବିତ ଦେବ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଟିଟିପିଏସ୍ ଅଧିକାରୀମାନେ।

# ୧୭ରେ ହାଇଦ୍ରାବାଦ ଇନ୍‌ଭେଷ୍ଟର୍ସ ମିଟ୍

## ଯୋଗ ଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ପରେ ଆସନ୍ତା ୧୭ ତାରିଖରେ ହାଇଦ୍ରାବାଦରେ ଇନ୍‌ଭେଷ୍ଟର୍ସ ମିଟ୍ ହେବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬ ତାରିଖରେ ୨ ଦିନିଆ ହାଇଦ୍ରାବାଦ ଗସ୍ତରେ ଯିବେ। ନଭେମ୍ବର ୩୦ରେ ଆରମ୍ଭ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ତୃତୀୟ ସଂସ୍କରଣକୁ ପୁଞ୍ଜିନିବେଶକାରୀଙ୍କୁ ଆମନ୍ତ୍ରଣ କରିବା ସକାଶେ ଏହି ଇନ୍‌ଭେଷ୍ଟର୍ସ ମିଟ୍‌ର ଆୟୋଜନ କରାଯାଉଛି। ଜାତୀୟ ଶିଳ୍ପ ଅଂଶୀଦାର ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଏଫ୍‌ଆଇସିସିଆଇ) ଏବଂ ଓଡ଼ିଶା ସରକାରଙ୍କ ସହାୟତାରେ ହାଇଦ୍ରାବାଦଠାରେ ଏହି ଇନ୍‌ଭେଷ୍ଟର୍ସ ମିଟ୍ ଆୟୋଜନ କରାଯିବ। ଏଥିରେ ଯୋଗ ଦେବା ପାଇଁ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ସଚିବ ମନୋଜ ମିଶ୍ର ଏବଂ ଷ୍ଟାର୍ଟଅପ୍ ଓଡ଼ିଶାର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଓମ୍‌କାର ରାୟ ପ୍ରମୁଖ ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗ ଦେବେ। ନୂଆଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍ ପରେ ହାଇଦ୍ରାବାଦରେ ମଧ୍ୟ ଅନୁରୂପ ସଫଳତା ମିଳିବ ବୋଲି ଓଡ଼ିଶା ସରକାର ଆଶାବାଦୀ ଅଛନ୍ତି। ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟତଃ ଆଇଟି, ହେଲ୍‌ଥକେୟାର ଓ ଫାର୍ମାସ୍ୟୁଟିକାଲ, ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ, ଅକ୍ଷୟ ଶକ୍ତି ଇଏସ୍‌ଡିଏମ୍ ଓ ଡାଟା ସେଣ୍ଟର ଇତ୍ୟାଦି କ୍ଷେତ୍ର ଉପରେ ଅଧିକ ଫୋକସ କରାଯିବ। ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ୧୭ ତାରିଖରେ ଦିନତମାମ ପୁଞ୍ଜିନିବେଶକାରୀଙ୍କ ସହିତ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ସନ୍ଧ୍ୟା ୬ଟାରେ ଇନ୍‌ଭେଷ୍ଟର୍ସ ମିଟ୍ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ଏହି ବୈଠକରେ ବଡ଼ ବଡ଼ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବା ସହିତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭକୁ ଆମନ୍ତ୍ରଣ କରିବେ।

## ପ୍ରଥମ ପୃଷ୍ଠାରୁ...

### ରାଜୁ ବିଜେଡି ...

ଭୋଟରେ ହାରିଥିଲେ। ବିଷ୍ଣୁଙ୍କ ବିୟୋଗ ପରେ ତାଙ୍କ ପାଇଁ ପୁଣି ଏକ ସୁଯୋଗ ଆସିଲା ବୋଲି ସେ ଧରି ନେଇଥିଲେ। ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା ପୂର୍ବରୁ ରାଜେନ୍ଦ୍ର ଏବଂ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ଭୁବନେଶ୍ୱର ଡକାଯାଇଥିଲା। ଉଭୟଙ୍କ ଉପସ୍ଥିତିରେ ବିଜେଡି ମହିଳା ଭୋଟକୁ ହାତେଇବା ପାଇଁ ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ରାଜେନ୍ଦ୍ର, ମୁକ୍ତିକାନ୍ତ ଏବଂ ଅବନ୍ତୀ ଏକାଠି ଥିବା ଏକ ଫଟୋ ଗଣମାଧ୍ୟମକୁ ଦିଆଯାଇଥିଲା। ଦଳ ଭିତରେ କୌଣସି ମତଭେଦ ନାହିଁ। ସର୍ବସମ୍ମତି କ୍ରମେ ଅବନ୍ତୀଙ୍କୁ ପ୍ରାର୍ଥୀ କରାଯାଇଛି ବୋଲି ଦର୍ଶାଯାଇଥିଲା। ହେଲେ ଏହାକୁ ରାଜେନ୍ଦ୍ର ସହଜରେ ଗ୍ରହଣ କରିପାରି ନ ଥିଲେ। ମନରେ କୁହୁଳୁଥିବା ଅସନ୍ତୋଷକୁ ଚାପି ଭୁବନେଶ୍ୱରରୁ ଫେରିବା ପରେ ସେ ନିଜର ଶକ୍ତି ଯୋଗାଡ଼ରେ ଲାଗି ପଡ଼ିଥିଲେ। ପ୍ରଥମ ଥର ପାଇଁ ଉପନିର୍ବାଚନରେ ଜଣେ ପୂର୍ବତନ ବିଧାୟକ ବିଜେଡି ବିରୋଧରେ ଖୋଲାଖୋଲି ବିଦ୍ରୋହ କରିବା ରାଜନୈତିକ ବାତାବରଣକୁ ସରଗରମ କରି ଦେଇଛି। ରାଜେନ୍ଦ୍ରଙ୍କ ପ୍ରାର୍ଥିତ୍ୱ ବିଜେଡି ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଧାମନଗର ନିର୍ବାଚନ ଦାୟିତ୍ୱ ନେଇଥିବା ନେତା ଓ ବିଜେଡି ପ୍ରାର୍ଥୀଙ୍କ ପାଇଁ ସେ ମୁଣ୍ଡ ବ୍ୟଥାର କାରଣ ହେବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ରାଜେନ୍ଦ୍ର ଦାସଙ୍କ ନାମାଙ୍କନ ଦାଖଲ ନେଇ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି, ବିଜେଡି ଏକ ବୃହତ୍ ଦଳ। କିଏ ଦଳରୁ ବାହାରିଲେ କି ଗଲେ କିଛି ଫରକ ପଡ଼ିବନି। ମୁଖ୍ୟମନ୍ତ୍ରୀ ଯାହା ନିର୍ଦ୍ଦେଶ ଦିଅନ୍ତି, ଆମେ ତାହା ମାନି ଚଳୁ। ବିଜେଡି ଅଧିକ ଭୋଟରେ ଧାମନଗର ନିର୍ବାଚନ ଜିତିବ। ଅନ୍ୟପକ୍ଷରେ ପ୍ରାର୍ଥୀପତ୍ର ଦାଖଲ ପରେ ଗଣମାଧ୍ୟମକୁ ରାଜେନ୍ଦ୍ର କହିଛନ୍ତି ଯେ ଧାମନଗରବାସୀଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା ମୋ ଉପରେ ରହିଛି। ୨୦୦୯ରେ ସେମାନେ ମୋତେ ଆଶୀର୍ବାଦ ଦେଇଥିଲେ। ଲୋକଙ୍କ ସମସ୍ୟା ସହ ମୁଁ ସବୁବେଳେ ରହିଛି। କିଛି କୁଚକ୍ରୀ ଗୋଷ୍ଠୀଙ୍କ ପାଇଁ ମୋତେ ଦଳୀୟ ଟିକେଟ ମିଳିଲାନି। ଧାମନଗର ହେଉଛି ସ୍ୱାଭିମାନର ମାଟି। ଏଠାକାର ଗୁରୁଜନ, କୃଷକ, ଯୁବକ, ଛାତ୍ର ମୋ ସହ ଅଛନ୍ତି। ଏହି ଉପନିର୍ବାଚନରେ ସେମାନେ ମୋତେ ବିଜୟୀ କରାଇବେ ବୋଲି ଦୃଢ଼ ଆଶା ରଖିଛି ବୋଲି ସେ କହିଛନ୍ତି।

### ଶିବଲିଙ୍ଗର କାର୍ବନ ...

ସହ କାର୍ବନ ଡେଟିଂ ପାଇଁ ହିନ୍ଦୁ ପକ୍ଷ ଆବେଦନ କରିଥିଲେ। ଏହାକୁ ନିରାପଦର ସହ ରଖିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଥିବା ଦର୍ଶାଇ ଜିଲା ଜଜ୍ ଏ.କେ. ବିଶ୍ୱେସ ଉକ୍ତ ପିଟିଶନକୁ ଖାରଜ କରିଦେଇଥିବା ସରକାରୀ ଓକିଲ ରାଣା ସଞ୍ଜୀବ ସିଂ କହିଛନ୍ତି। ଗତ ମଙ୍ଗଳବାର ଅଦାଲତ ହିନ୍ଦୁ ପକ୍ଷ ଏବଂ ମସ୍‌ଜିଦ କମିଟିର ଆବେଦନ ଶୁଣାଣି କରିବା ପରେ ଶୁକ୍ରବାର ରାୟ ଘୋଷଣା କରାଯିବ ବୋଲି କହିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଏବଂ ଜନସାଧାରଣଙ୍କ ଭାବାବେଗକୁ ଦୃଷ୍ଟିରେ ରଖି କାର୍ବନ ଡେଟିଂକୁ ଅନୁମତି ଦିଆଯାଇପାରୁନାହିଁ। ୱାଜୁଖାନାକୁ ସିଲ୍ କରି ରଖାଯିବ ବୋଲି ଅଦାଲତ କହିଥିବା ହିନ୍ଦୁ ପକ୍ଷର ଓକିଲ ଶିବମ୍ ଗୌର ସୂଚନା ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶରେ ମସ୍‌ଜିଦ ପରିସରର ଭିଡିଓଗ୍ରାଫି ସର୍ଭେ ବେଳେ ଶିବଲିଙ୍ଗ ମିଳିଥିବା ହିନ୍ଦୁ ପକ୍ଷ ଦାବି କରୁଛନ୍ତି। ତେବେ ତାହା ଶିବଲିଙ୍ଗ ନୁହେଁ, ୱାଜୁଖାନାର ଏକ ଅଂଶବିଶେଷ ବୋଲି ମସ୍‌ଜିଦ ପରିଚାଳନା କମିଟି ଦାବି କରୁଛି। ୫ ହିନ୍ଦୁ ପକ୍ଷଙ୍କ ମଧ୍ୟରୁ ୪ ଜଣ ଶିବଲିଙ୍ଗର କାର୍ବନ ଡେଟିଂ ପାଇଁ ଆବେଦନ କରିଥିଲେ। ଅନ୍ୟପକ୍ଷରେ କାର୍ବନ ଡେଟିଂ କରାଯାଇପାରିବ ନାହିଁ ବୋଲି ମୁସଲମାନ ପକ୍ଷର ଓକିଲ ମମତାଜ ଅହମଦ ପୂର୍ବରୁ କୋର୍ଟଙ୍କୁ ଜଣାଇଥିଲେ। କାରଣ କାର୍ବନ ଡେଟିଂ ନାମରେ ଯଦି ତଥାକଥିତ ଶିବଲିଙ୍ଗ ଭାଙ୍ଗିଯାଏ, ତେବେ ତାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାର ଅବମାନନା ହେବ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଉକ୍ତ ବସ୍ତୁକୁ ସୁରକ୍ଷିତ ରଖିବା ଲାଗି ସୁପ୍ରିମକୋର୍ଟ ବାରାଣସୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ଏହାର ଯାଞ୍ଚ କରାଯିବା ଯଥାର୍ଥ ହୋଇ ନ ପାରେ ବୋଲି ମୁସଲମାନ ପକ୍ଷର ଓକିଲ କହିଥିଲେ। ଜ୍ଞାନବାପି ମସ୍‌ଜିଦ ବାହାର କାନ୍ଥରେ ଥିବା ଶ୍ରୀଙ୍ଗାର ଗୌରୀଙ୍କ ଉପାସନା ଲାଗି ଅନୁମତି ଆବେଦନ ହେଉଛି ମୂଳ ମାମଲା। ଏହାର ଶିବଲିଙ୍ଗ ଢାଞ୍ଚା ସହ କୌଣସି ସମ୍ପର୍କ ନ ଥିବା ମୁସଲମାନ ପକ୍ଷ କହିଥିଲେ। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶର କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ଜ୍ଞାନବାପି ମସ୍‌ଜିଦକୁ ନେଇ ଦୀର୍ଘଦିନରୁ ମାମଲା ବାରାଣସୀ କୋର୍ଟଙ୍କ ବିଚାରାଧୀନ ରହିଛି। ମୋଗଲ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ନିର୍ଦ୍ଦେଶରେ ମନ୍ଦିରର କିଛି ଅଂଶ ଭଙ୍ଗାଯାଇ ସେଠାରେ ମସ୍‌ଜିଦ ନିର୍ମାଣ ହୋଇଥିବା ଅଭିଯୋଗ ହୋଇଆସୁଛି।

### ଭୂମି ପରେ ...

ଆର୍ଜୁବାଲସାରୁ ତାଡ଼ିବାଲସାର ଦୂରତା ୧ କିଲୋମିଟର ହୋଇଥିବାବେଳେ ଛାତ୍ରୀଛାତ୍ରମାନେ ସରକାରୀ ସ୍କୁଲକୁ ଯିବାକୁ ଅମଙ୍ଗ ହେଉଛନ୍ତି। ସେମାନେ ଆନ୍ଧ୍ର ପକ୍ଷରୁ ଆର୍ଜୁବାଲସାରେ ଖୋଲାଯାଇଥିବା ତେଲୁଗୁ ସ୍କୁଲମୁହାଁ ହୋଇଛନ୍ତି। କେବଳ ଏତିକି ନୁହେଁ, ଆର୍ଜୁବାଲସାରେ ୨୪ ପିଲାଙ୍କୁ ନେଇ ଆନ୍ଧ୍ର ପକ୍ଷରୁ ଖୋଲାଯାଇଛି ଏକ ଅଙ୍ଗନୱାଡି କେନ୍ଦ୍ର। ଏହା ଏକ ଅସ୍ଥାୟୀ ଗୃହରେ ଚାଲିଥିବାବେଳେ ସେଠାରେ ଅଙ୍ଗନୱାଡି କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ଓଡ଼ିଶା ସରକାର ପୁଷ୍ଟିକର ଖାଦ୍ୟ ନାମରେ ଅଣ୍ଡା, ଛତୁଆ ଦେଇ ଦାୟିତ୍ୱ ସାରି ଦେଉଥିବା ବେଳେ ସେଠାରେ ଆନ୍ଧ୍ର ସରକାର ସପ୍ତାହକୁ ଥରେ ଅଣ୍ଡା, ଛତୁଆ, ରାଶିଲଡୁ, ବାଦାମଲଡୁ, ଖଜୁରୀ, ଚାଉଳ, ଡାଲି ସହ ରନ୍ଧାଖାଦ୍ୟ ଦେଉଛନ୍ତି। ଗର୍ଭବତୀ ମା'ଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି। ପ୍ରତି ପିଲା ପିଛା ବର୍ଷକୁ ୧୫,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଥିବା ସ୍ଥାନୀୟ ମହିଳା କହିଛନ୍ତି। ଆନ୍ଧ୍ର ଅଙ୍ଗନୱାଡି ପରିଚାଳନା ଦାୟିତ୍ୱରେ ଥିବା ମହିଳା କର୍ମଚାରୀମାନେ ନିୟମିତ ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। କିଛିବର୍ଷ ତଳେ ବୋରାମୁଠା ସହିତ ୧୩ଟି ଗ୍ରାମକୁ ନିଜ ଅଧୀନକୁ ନେଇଯାଇଥିଲା ଆନ୍ଧ୍ର, ଯାହାର ଦୁଃଖ ଏଯାଏ କୋରାପୁଟ ଜିଲାବାସୀଙ୍କ ମନରୁ ଯାଇନାହିଁ। ଏବେ ତେଲୁଗୁ ସ୍କୁଲର ବିସ୍ତାର ଓ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଆନ୍ଧ୍ର ପକ୍ଷରୁ କରାଯାଉଥିବା ଉଦ୍ୟମ ଚିନ୍ତାଜନକ ହୋଇଛି। ଏ ଦିଗରେ ଓଡ଼ିଶା ସରକାର ତୁରନ୍ତ ପଦକ୍ଷେପ ନେଲେ ଆନ୍ଧ୍ରକୁ କଡ଼ା ଜବାବ ମିଳନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ କୁହନ୍ତି, ପିଲାଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ଲାଗି କୁଇ ଭାଷାର ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ରହିଛି। ଏଥିଲାଗି ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି। ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ପିଲାଙ୍କ ପାଇଁ ଆବଶ୍ୟକ ଖେଳ ସାମଗ୍ରୀ ରଖିବାକୁ ପଡ଼ିବ। ଅନ୍ୟପଟେ ଆନ୍ଧ୍ର ପିଲାମାନଙ୍କୁ ଯେଉଁ ସୁବିଧା ସୁଯୋଗ ଦେଉଛି, ତାହା ଆମପକ୍ଷେ ସହଜ ନୁହେଁ ବୋଲି କହି ଜିଲା ଶିକ୍ଷାଧିକାରୀ ନିଜର ଅସହାୟତା ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ମାନସିକ ଅସ୍ଥିରତା ମଧ୍ୟରେ ସମୟ କଟାଇପାରନ୍ତି। ବିବାଦୀୟ ପରିସ୍ଥିତିରେ ଅନ୍ୟ ଲୋକମାନଙ୍କ ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ, ଯାହାକି ଆପଣଙ୍କୁ ସାମୟିକ ଆନନ୍ଦ ପ୍ରଦାନ କରିବ। ଅର୍ଥ, ପ୍ରଶାସନ, ଆଇନ, ସଭା ସମିତି, ଆନୁଷ୍ଠାନିକ କାମ ଓ ବନ୍ଧୁମିଳନ ହେତୁକ ଖୁସି ରହିବେ।

**ବୃଷ** - ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ରହି ଆସିଥିବା ବିବାଦୀୟ ଘଟଣାର ଅବସାନ ଘଟିବ।

**ମିଥୁନ** - କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଅନୁରୋଧକ୍ରମେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ ପାଇଁ ସମର୍ଥନ ଆଶା କରିବେ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଅସୁବିଧାରେ ପଡ଼ି ଅର୍ଥ ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରିବ ନାହିଁ।

**କର୍କଟ** - ବନ୍ଧୁଙ୍କ କଥା ଓ କାର୍ଯ୍ୟକୁ ସମ୍ମତି ପ୍ରଦାନ ପରିପ୍ରେକ୍ଷୀରେ କାର୍ଯ୍ୟହାସଲ କରିବେ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଅଭାବ ଲାଗି ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି।

**ସିଂହ** - ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ, ଯାହାକି ଆପଣଙ୍କ କାମକୁ ସାହାଯ୍ୟ କରିବ। ରାଜନୈତିକ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସାମାଜିକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା କାରଣରୁ ଅଶାନ୍ତ ରହିବେ।

**କନ୍ୟା** - ଆଜି ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇ ଖୁସି ହେବେ। ଆଲୋଚନା ଅବସରରେ ବନ୍ଧୁଙ୍କ ସହ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କ କରିପାରନ୍ତି। ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ।

**ତୁଳା** - ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁ ମିଳନ ଅବକାଶରେ ସନ୍ତାନମାନଙ୍କ ବୈବାହିକ ପ୍ରସ୍ତାବର ଆଲୋଚନା କରିପାରନ୍ତି। ସଭାସମିତିରେ ଯୋଗ ଦେଇ ଲାଭବାନ ହେବେ ଓ ସମ୍ମାନ,ପ୍ରତିଷ୍ଠା ପାଇବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା** - ବହୁ ଦିନର ଆଶା ପୂରଣ କାରଣରୁ ମନ ଉତ୍‌ଫୁଲ୍ଲିତ ରହିବ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ଅନ୍ୟମାନଙ୍କ ଉଦ୍ଦେଶ୍ୟକୁ ବୁଝି ନ ପାରି ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** - ପରିବାରରେ ଛୋଟ କଥାକୁ ନେଇ କଳହ ସୃଷ୍ଟି ଆଶଙ୍କା ଦେଖାଦେଇପାରେ । ସାଂଗଠନିକ କ୍ଷେତ୍ରରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ।

**ମକର** - ଆଜି ଦିନଟିରେ ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ପ୍ରତ୍ୟୁଷ ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ । ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** - ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ବାଣିଜ୍ୟ ଓ ବ୍ୟବସାୟରେ କିଛି ନା କିଛି ସମସ୍ୟା ଅବଶ୍ୟ ପରିଲକ୍ଷିତ ହେବ। ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଆତ୍ମୀୟମାନଙ୍କ ବେଖାତିର ମନୋଭାବ ଦୁଶ୍ଚିନ୍ତାକୁ ବଢ଼ାଇପାରେ।

**ମୀନ** - ଟେନସନ୍ କମିଯିବ ମାତ୍ର ସହଯୋଗ ଭିତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ଆଶଙ୍କାକୁ ଏଡାଇ ହେବନି। ଶିକ୍ଷା, ସନ୍ତାନ, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ।

ଆଜି ଅକ୍ଟୋବର ୧୫ ତାରିଖ, ଶନିବାର, ବିଶ୍ୱ ହାତଧୁଆ ଦିବସ, ବିଶ୍ୱ ଛାତ୍ର ଦିବସ, ଡକ୍ଟର ଏ.ପି.ଜେ. ଅବ୍‌ଦୁଲ କଲାମଙ୍କ ଜୟନ୍ତୀ, ଶିରିଡି ସାଇବାବାଙ୍କ ମହାପ୍ରୟାଣ ଦିବସ, ରାଶି ନକ୍ଷତ୍ର-ମୃଗଶିରା ବୃଷ, ଘ.୧୦।୦୧ ଗତେ ମିଥୁନ ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୭ ଗତେ ଘ.୦୮।୩ ମଧ୍ୟେ, ଘ.୧୧।୫୫ ଗତେ ଘ.୧୨।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।


# classifieds

**Everyday**
0674-2580101, 2549302




**SALE**

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-1669

**Sum Hospital ପାଖରେ (60x40) BDA plotରେ ୩ ମହଲା ଘର ଓ ଏକ 3BHK Apartment ବିକ୍ରିହେବ। 7978124465, 7991006699.** D-1702

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky- 9853150290. D-74136

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-1668

Buy/Sale, 5BHK Duplex Apollo Hospital-2.3cr, 4BHK Duplex Balianta-85lakh, 3BHK Apartment Rasulgarh Highway-89lakh, Land Kalarahanga-2700, Tankapani-2700, AIIMS-2350, Patrapada-2000, Pahala-1800, Nandankanan-1600. 8984071303. D-1762

**30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961.** D-1716

Khurdha Collector Office ରୁ 2 k.m. distanceରେ ଘରବାରି boundary plot ମିଳୁଅଛି। Contact: 7750068828, 9439101373. D-1749

**ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର Rs 850/-sqft. Mob: 7008368091, 9437714391.** D-1576

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

**PURCHASE**

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138




**A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874.** D-73987

3 Bed Room Apartment available for immediate rent (3rd floor). Please contact : 94394 63523. D-1764




Newly open full body massage ladies and gents. 8327740003, 8093860513. D-73985

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Fullbody relax massage refresh your body with trend therapist. 7008773793. D-73650

Newly opened full body massage center by expert therapist. 7381172169. D-73651

Newly open Spa positively health benefit with expert. Contact: 7749976301. D-73882

Herbal full body massage by smart / expert therapist. Contact: 8455985899. D-73986

Newly open Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-73988

Herbal full body massage by smart/ expert therapist. Contact: 9040171280. D-73984

**AFFIDAVIT**

By virtue of affidavit before Executive Magistrate, I Pratima Mahapatra, W/o- Rahul Mahapatra, Palamandap, Badambadi, Cuttack do hereby declare that I have changed my surname from Sahu to Mahapatra for all purposes. D-1770

By virtue of an affidavit sworn before the Notary Public, Attabira, I, Sabita Pradhan, W/o.- Saroj Pradhan, R/o: Village- Gartiapali, PO. Godbhaga, Dist. Bargarh declare that, in Aadhaar Card and SB Account my name is mentioned as Sabita Pradhan. But in RPLI bearing No. OR- 174-RPLI/407114 of Post Office, Godbhaga my name has been mentioned as Puspanjali Pradhan. That Sabita Pradhan and Puspanjali Pradhan is the name of one and same person for all intends and purposes. D-1769


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୯୧,୩୧,୫୪୫ | ୬୫,୬୮,୮୮୯ | ୬୦,୮୧,୯୯,୮୮୪ |
| ଭାରତ | ୪,୪୬,୨୩,୯୯୭ | ୫,୨୮,୮୫୭ | ୪,୪୦,୬୮,୫୫୭ |
| ଓଡ଼ିଶା | ୧୩,୩୫,୩୧୪ | ୯୧୯୯(+୫୩) | ୧୩,୨୫,୫୧୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ହାଇକୋର୍ଟରେ ପହଞ୍ଚିଲା ମାମଲା

# 'ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର ତଦନ୍ତ କରୁ ଇଡି'

- ଲୋକଙ୍କ ଟଙ୍କାରେ ଯୌନ କାମନା ମେଣ୍ଟାଉଥିଲେ ନେତା, ଅଫିସର
- ଓଡ଼ିଶା ପୋଲିସ ଠିକ୍ ଭାବେ ତଦନ୍ତ କରୁନାହାନ୍ତି, କି କରିବେ ନାହିଁ

**କଟକ ଅଫିସ,୧୪।୧୦**

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି। ପୋଲିସ ତଦନ୍ତ ଆଗେଇ ପାରୁ ନ ଥିବାରୁ ମାମଲାର ତଦନ୍ତ ଭାର କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇ ଏହି ନିବେଦନ କରାଯାଇଛି। ଏଥିରେ ଇଡି ନିର୍ଦ୍ଦେଶକ, କେନ୍ଦ୍ର ଅର୍ଥ ସଚିବ, ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଖଣ୍ଡଗିରି ଓ ନୟାପଲ୍ଲୀ ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନରେ ଦର୍ଶାଯାଇଛି , କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଏକ ଗରିବ ପରିବାରରୁ ଆସି ଭୁବନେଶ୍ୱରରେ ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ ଅର୍ଚ୍ଚନା ନାଗ। ବିବାହିତା ମହିଳା ହୋଇଥିଲେ ମଧ୍ୟ ନିଜେ ଯୌନ କାର୍ଯ୍ୟରେ ଜଡ଼ିତ ହେବା ସହ ଦିଲ୍ଲୀ, ମୁମ୍ବାଇ, କୋଲକାତାରୁ ଦେହଜୀବୀ ଆଣି ନିଜ ଘର ଓ ହୋଟେଲରେ ଯୌନ କାର୍ଯ୍ୟରେ ସାମିଲ କରାଉଥିଲେ। ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ବ୍ଲାକ୍‌ମେଲ କରି ରାଜନେତା, ବ୍ୟବସାୟୀ, ପୋଲିସ ଅଧିକାରୀ, ପ୍ରଶାସନିକ ଅଧିକାରୀ, ରେଳ ଅଧିକାରୀ, ସିନେମା ପ୍ରଯୋଜକ, ବିଲଡର ଓ ଅନ୍ୟାନ୍ୟ ଧନଶାଳୀ ବ୍ୟକ୍ତିଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଉଥିଲେ। ୨୦୧୬ରେ ପ୍ରଥମେ ଖଣ୍ଡଗିରି ଥାନା ଅଞ୍ଚଳର ଏକ ଭଡ଼ା ଘରେ ରହି ବିଉଟି ପାର୍ଲରରେ କାର୍ଯ୍ୟ କରିଥିଲେ। ସେହି ସମୟରେ ଘର ମାଲିକଙ୍କୁ ସେକ୍ସ ଜାଲରେ ଫସାଇ ମୋଟା ଅଙ୍କର ଅର୍ଥ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କୁ ଫସାଇ ପ୍ରଚୁର ଅର୍ଥ ରୋଜଗାର କରିଥିଲେ। ସେହି ଅର୍ଥରେ ସେ ଭୁବନେଶ୍ୱର ସତ୍ୟ ବିହାରରେ ରାଜକୀୟ ପ୍ରାସାଦ, ଫାର୍ମ ହାଉସ, ପୁରୁଣା କାର ଶୋରୁମ, ଗାଁରେ ସରକାରୀ ଜମିରେ ବିରାଟ ଅଟାଳିକା, କୋଟି କୋଟି ଟଙ୍କାର ସୁନା ଓ ହୀରା ଅଳଙ୍କାର, ଦାମୀଦାମୀ କାର ଆଦି କରିପାରିଛନ୍ତି। ତାଙ୍କ କଳା ସାମ୍ରାଜ୍ୟରେ ଶାସକ ଦଳର ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକ, ପୋଲିସ ଉଚ୍ଚ ଅଧିକାରୀ, ପ୍ରଭାବଶାଳୀ ଆଇଏଏସ୍, ସୁନା ବ୍ୟବସାୟୀ, ବିଲଡର ଓ ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତି ଜଡ଼ିତ ଥିବାବେଳେ କୋଟି କୋଟି ଟଙ୍କାର ଆର୍ଥିକ କାରବାର ହୋଇଛି। ଥାନାରେ ଅର୍ଚ୍ଚନା ସମେତ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ଅର୍ଚ୍ଚନାଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରି ଜେଲ ପଠାଇଥିଲେ ବି ତଦନ୍ତ ଆଗେଇ ପାରିନାହିଁ। ରାଜ୍ୟ ପୋଲିସ ମାମଲାର ତଦନ୍ତ ଠିକ ଭାବେ କରିପାରିବେ ନାହିଁ। ଓଡ଼ିଶା ଭଳି ଏକ ଗରିବ ରାଜ୍ୟରେ ଲୋକେ ସ୍ୱାସ୍ଥ୍ୟ, ଶିକ୍ଷା, ବାସଗୃହ ଓ ଖାଦ୍ୟ ନ ପାଇ ଭୋକ ଉପାସରେ ମୃତ୍ୟୁବରଣ କରୁଥିବାବେଳେ ସେମାନଙ୍କ ଟଙ୍କାରେ ନେତା, ମନ୍ତ୍ରୀ, ଅଫିସର ଯୌନ କାମନା ମେଣ୍ଟାଉଛନ୍ତି। ତେଣୁ ଇଡି ଦ୍ୱାରା ମାମଲାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଅର୍ଚ୍ଚନାଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି କରି ସରକାରୀ ତହବିଲରେ ମିଶାଇବା ପାଇଁ ନିବେଦନ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

### ଜାମିନ ଆବେଦନ, ରାୟ ସଂରକ୍ଷିତ

ଜେଲରେ ଥିବା ଅଭିଯୁକ୍ତା ଅର୍ଚ୍ଚନା ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ କରିଛନ୍ତି। ତାଙ୍କ ପକ୍ଷରୁ ଓକିଲ ଦେବାଶିଷ ମହାପାତ୍ର ଜାମିନ ଆବେଦନ କରି ବିଭିନ୍ନ ଦିଗକୁ ନେଇ ଯୁକ୍ତି ବାଢ଼ିଥିଲେ। ସୁରକ୍ଷା ଦୃଷ୍ଟିରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅର୍ଚ୍ଚନା କୋର୍ଟଙ୍କ ସାମ୍ନାରେ ହାଜର ହୋଇଥିଲେ। ଶୁଣାଣି ସମୟରେ ଦେବାଶିଷଙ୍କ ଯୁକ୍ତି ଥିଲା, ଅର୍ଚ୍ଚନାଙ୍କ ବିରୋଧରେ ଯେଉଁସବୁ ଅଭିଯୋଗ ଆସିଛି ଓ ଦଫା ଲାଗିଛି ତାହା ପ୍ରଯୁଜ୍ୟ ନୁହେଁ। ତେଣୁ ତାଙ୍କୁ ଜାମିନରେ ଛଡ଼ାଯାଉ ଏବଂ ଏହି ମାମଲାରେ କେସ ଡାଏରୀ ମଗାଯାଉ ବୋଲି କୋର୍ଟଙ୍କ ନିକଟରେ ସେ ଯୁକ୍ତି ବାଢ଼ିଥିଲେ। ଅପରପକ୍ଷରେ ବିପକ୍ଷ ତଥା ସରକାରୀ ଓକିଲ ଏ ଚାନ୍ଦଙ୍କ ଯୁକ୍ତି ଥିଲା, ଏହି ମାମଲାରେ ଆଇପିସିର ୩୭୦, ୩୨୮, ଏବଂ ଆଇଟି ଆକ୍ଟ ୬୬-ଇ ଏବଂ ୬୭ ଭଳି ସଙ୍ଗୀନ ଦଫା ଲାଗିଛି। ତେଣୁ ଅର୍ଚ୍ଚନାଙ୍କୁ ଜାମିନ ଦିଆ ନ ଯାଉ। କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି।




## ହାତୀ ଆକ୍ରମଣରେ ମହିଳା ମୃତ

**ସୁନ୍ଦରଗଡ଼,୧୪।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ବନଖଣ୍ଡ ଉଜ୍ଜ୍ୱଳପୁର ବନାଞ୍ଚଳ ଅନ୍ତର୍ଗତ କୁଲବା ନୂଆଡ଼ିହିରେ ଶୁକ୍ରବାର ହାତୀ ଆକ୍ରମଣରେ କ୍ଲାରା ସୋରେଙ୍ଗ (୫୯) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ଭୋର ୫ଟାବେଳେ ଶୌଚ ପାଇଁ ଯାଇଥିଲାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଓ ବନବିଭାଗ କର୍ମଚାରୀ ପହଞ୍ଚିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ସକାଶେ ପଠାଇଛି। ହାତୀକୁ ସେହି ଅଞ୍ଚଳରୁ ଘଉଡାଇବାକୁ ଉଦ୍ୟମ ଜାରି ରହିଛି। ମୃତକଙ୍କ ପରିବାରବର୍ଗଙ୍କୁ ବନବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।




# ଅପପୁଷ୍ଟି, ମେଦବହୁଳତା ଦୂରକରେ ଅଣ୍ଡା



## ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳିତ

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

ଅଣ୍ଡା ଏକମାତ୍ର ଖାଦ୍ୟ, ଯେଉଁଥିରେ ଭିଟାମିନ୍-ଡି ଯଥେଷ୍ଟ ମାତ୍ରାରେ ଥାଏ। ଅପପୁଷ୍ଟି ଓ ମେଦବହୁଳତା ଦୂର କରିବା ଦିଗରେ ଏହା ଏକ ଉପାଦେୟ ଖାଦ୍ୟ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି। ଶୁକ୍ରବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଶିଷ୍ଠ କହିଲେ, ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ନିୟମିତ ଅଣ୍ଡା ଖାଇବା ଉଚିତ। ଭାରତୀୟ ସ୍ୱାସ୍ଥ୍ୟ ଅନୁସନ୍ଧାନ ପରିଷଦ ଅନୁଯାୟୀ ଜଣେ ଲୋକ ବର୍ଷକୁ ହାରାହାରି ୧୮୦ଟି ଅଣ୍ଡା ଖାଇବା ଆବଶ୍ୟକ। ରାଜ୍ୟରେ ଅଣ୍ଡାର ବ୍ୟବହାର ବୃଦ୍ଧି ସହିତ ଉତ୍ପାଦନ ବୃଦ୍ଧିର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ କୁକୁଡ଼ା ପାଳନର ବିକାଶ ସହିତ ଅଣ୍ଡା ଉତ୍ପାଦନ ବୃଦ୍ଧି କରିବାକୁ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହାଦ୍ୱାରା ନିଯୁକ୍ତି ସହ କୃଷକଙ୍କ ଆୟ ବୃଦ୍ଧିରେ ଏହା ସହାୟକ ହୋଇପାରିଛି ବୋଲି ବଶିଷ୍ଠ କହିଥିଲେ।

ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ଯେଦୁଲ୍ଲା ବିଜୟ କହିଲେ, ଅଣ୍ଡାରେ ଥିବା ପୁଷ୍ଟିସାର ଶିଶୁ ଶରୀର ବୃଦ୍ଧିରେ ସହାୟକ ହୋଇଥାଏ। ଅଣ୍ଡାରୁ ମିଳୁଥିବା ପ୍ରଚୁର ମାତ୍ରାର ଲିଉଟିନ୍ ଓ ଜାନଥିନ୍ ଆଖିକୁ ସୁସ୍ଥ ଓ ସବଳ ରଖିବା ସାଙ୍ଗକୁ ଦୃଷ୍ଟିଶକ୍ତିରେ ବୃଦ୍ଧି ଘଟାଇଥାଏ। ଅଣ୍ଡାରୁ ମିଳୁଥିବା କୋଲିନ୍ ଜୀବକୋଷ ଓ ମସ୍ତିଷ୍କ ବୃଦ୍ଧିର ଏକ ପ୍ରମୁଖ ଉପାଦାନ। ଅଣ୍ଡାରୁ ମିଳୁଥିବା ଆମିନୋ ଏସିଡ୍, ଭିଟାମିନ୍ ବି-୧୨, ଫୋଲିକ୍ ଏସିଡ୍, ସ୍ନେହସାର ଆଦି ମଣିଷକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ବୋଲି ସେ କହିଥିଲେ। ଏସ୍‌ଏଲ୍‌ବିସିର ଆବାହକ ଗୌତମ ପାତ୍ର ଅଣ୍ଡା ଉତ୍ପାଦନ ବୃଦ୍ଧି ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ରାଜ୍ୟସ୍ତରୀୟ ସମାରୋହରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କୁକୁଡ଼ା ଚାଷୀ ଓ ଉଦ୍ୟୋଗୀ, ବ୍ୟାଙ୍କର ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜିଲାସ୍ତରରେ ମଧ୍ୟ ଏହି ଦିବସ ପାଳନ କରାଯାଇଥିଲା। ଭୁବନେଶ୍ୱରର ସ୍କୁଲଗୁଡ଼ିକରେ ଅଣ୍ଡାର ଉପାଦେୟ ଗୁଣ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଏଥିସହିତ ବିଭିନ୍ନ ଅନାଥାଶ୍ରମରେ ଅନ୍ତେବାସୀମାନଙ୍କୁ ଅଣ୍ଡା ବଣ୍ଟନ କରାଯାଇଥିଲା।







## ବିଦ୍ୟୁତ୍ ଫାଶରେ ଦନ୍ତା ମୃତ

### ମନେପଡ଼ିଲା କମଳାଙ୍ଗ ଏଲିଫ୍ୟାଣ୍ଟ ଟ୍ରାଜେଡି



**କାମାକ୍ଷାନଗର, ୧୪।୧୦(ଡି.ଏନ୍.ଏ.)**

୨୦୧୮ ଅକ୍ଟୋବର ୨୭। ମା' ଲକ୍ଷ୍ମୀଙ୍କ ପୂଜାରେ ସାରା ଢେଙ୍କାନାଳ ଜିଲା ଉତ୍ସବମୁଖର ହୋଇଉଠିଥିବାବେଳେ ଓଡ଼ାପଡ଼ା ବ୍ଲକ କମଳାଙ୍ଗରୁ ହାତୀକୁ ନେଇ ଆସିଥିଲା ଦୁଃଖଦ ଖବର। ଏକ ବେସରକାରୀ ନିର୍ମାଣକାରୀ ସଂସ୍ଥାକୁ ଟଣାଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ତାର ନେଇଥିଲା ୭ ହାତୀଙ୍କ ଜୀବନ। ଘଟଣାର ଦୀର୍ଘ ୪ ବର୍ଷ ପରେ ଶୁକ୍ରବାର ଏହାର ପୁନରାବୃତ୍ତି ହୋଇଛି। ବାର୍‌ହା ଶିକାର ପାଇଁ ଜମିରେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ଭୁବନ ରେଞ୍ଜ୍ ଜିରାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ରାଙ୍କିଆ ଗ୍ରାମ କଇଁଥଗୋଡା ନିକଟରେ ଘଟିଛି ଏହି ଘଟଣା। ମଣ୍ଡପରେ ଧନଦାତ୍ରୀଙ୍କ ଆବାହନ ଚାଲିଥିବାବେଳେ ଏଭଳି ଦନ୍ତା ମୃତ୍ୟୁ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ଆନୁମାନିକ ୩୦ ବର୍ଷ ବୟସର ଉକ୍ତ ଦନ୍ତା ମୃତଦେହ ଜମିରେ ପଡ଼ିଥିବା ସ୍ଥାନୀୟ ଅଞ୍ଚଳବାସୀ ଭୋର୍ ସମୟରେ ଦେଖିବାକୁ ପାଇଥିଲେ। ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଦନ୍ତା ଶୁଣ୍ଢରେ ଗଭୀର ଆଘାତ ଲାଗିବା ସହ ରକ୍ତ ଝରିଥିବା ଦେଖିବାକୁ ମିଳିଛି। ଅଭିଯୁକ୍ତମାନେ କୌଶଳକ୍ରମେ ଅଧିକାଂଶ ଜିଆଇ ତାର କାଟି ନେଇଛନ୍ତି। ତେବେ ହାତୀର ମୃତଦେହ ତଳେ ଥିବା କିଛି ଜିଆଇ ତାରକୁ ସେମାନେ ବାହାର କରିପାରି ନ ଥିଲେ, ଯାହାକୁ ବନ ବିଭାଗ ଜବତ କରିଛି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ନାମ ଗୋପନ ରଖି କହିଛନ୍ତି, ହାତୀ ଏବଂ ବାର୍‌ହା ପଲ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। କେତେଜଣ ଦୁର୍ବୃତ୍ତ ବାର୍‌ହା ଶିକାର କରିବାକୁ ଜିଆଇ ତାର ବିଛାଇ ବିଦ୍ୟୁତ୍ ଚାର୍ଜ କରୁଛନ୍ତି। ଏଥିରେ ଛନ୍ଦି ହୋଇ ହାତୀଟିର ମୃତ୍ୟୁ ଘଟିଛି।

ବନ ବିଭାଗର ସୂଚନା ଅନୁଯାୟୀ ଗତ ଗୁରୁବାର ଅଞ୍ଚଳରେ ଦୁଇଟି ହାତୀ ବୁଲୁଥିଲେ। ତେବେ ଅନ୍ୟ ହାତୀଟି କୁଆଡ଼େ ଗଲା ତାହା ଅସ୍ପଷ୍ଟ ରହିଛି। ସୂଚନା ପାଇ ସହକାରୀ ବନ ସଂରକ୍ଷକ ସୁବ୍ରତ କୁମାର ପାତ୍ର, ଭୁବନ ରେଞ୍ଜ ଅଧିକାରୀ ଅନିତା ସେଠୀ ପ୍ରମୁଖ ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ଏ ସମ୍ପର୍କରେ ବ୍ୟବଚ୍ଛେଦ କରିଥିବା ଡାକ୍ତର ଉଦୟନାଥ ମହାଳିକ କୁହନ୍ତି, ବିଦ୍ୟୁତ୍ ଆଘାତରୁ ହାତୀର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି।



କୌଣସି ସମାଜରେ ଇତର ଭାବେ ବଞ୍ଚିରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ । କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀପ୍ସା ଓ ଆଦର୍ଶରେ ଊର୍ଦ୍ଧ୍ୱଗାମୀ ନ ହୁଏ, ତା'ହେଲେ ଆମେ କହିବା-ସେ ସମାଜ ପ୍ରକୃତରେ ବଞ୍ଚିନାହିଁ । ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ । -ଶ୍ରୀଅରବିନ୍ଦ



# ଦୁଇ ପଦବୀର ଦାୟିତ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୧୯୯୨ ବ୍ୟାଚ୍ ଏଜିଏମ୍‌ୟୁଟି (ଅରୁଣାଚଳପ୍ରଦେଶ, ଗୋଆ, ମିଜୋରାମ ଏବଂ ୟୁନିୟନ ଟେରିଟୋରି) କ୍ୟାଡର ଅଧିକାରୀ ଅଶ୍ୱିନୀ କୁମାର ଦିଲ୍ଲୀର ପ୍ରମୁଖ ଶାସନ ସଚିବ(ଗୃହ) ଭାବେ ନିଯୁକ୍ତ ହୋଇଛନ୍ତି । ଅନ୍ୟପକ୍ଷରେ କୁମାର ଏବେ ବି ମ୍ୟୁନିସିପାଲ କର୍ପୋରେଶନ ଅଫ୍ ଦିଲ୍ଲୀ(ଏମ୍‌ସିଡି)ର ଜଣେ ସ୍ୱତନ୍ତ୍ର ଅଧିକାରୀ ଭାବେ କାର୍ଯ୍ୟରତ । ଆଶ୍ଚର୍ଯ୍ୟର କଥା, ସେ ଏହି ଦାୟିତ୍ୱ ସମ୍ପାଦନ ଜାରି ରଖିବେ ବୋଲି ତାଙ୍କ ନିଯୁକ୍ତି ନୋଟିସ ଦର୍ଶାଇଛି । କୁମାରଙ୍କ ନିଯୁକ୍ତି ଘୋଷଣା ଅନେକଙ୍କୁ ଚକିତ କରିଛି । ତାଙ୍କ ନୂଆ ନିଯୁକ୍ତି ସବୁ ବାବୁଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଏମ୍‌ସିଡିରେ କୁମାରଙ୍କ ପଦବୀ ଏବେ କେବଳ ଏକ ପ୍ରତୀକାତ୍ମକ ନା ନିରୀକ୍ଷକାତ୍ମକ ହୋଇ ରହିବ ତାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ରହିଛନ୍ତି । ସୂତ୍ରରୁ ପ୍ରକାଶ, ଦିଲ୍ଲୀର ତିନୋଟି ମ୍ୟୁନିସିପାଲ କର୍ପୋରେଶନର ପଦବୀ ଏକୀକରଣ ସମୟରେ ଏମ୍‌ସିଡିର ସ୍ୱତନ୍ତ୍ର ଅଧିକାରୀ ଭାବେ କୁମାରଙ୍କ କାର୍ଯ୍ୟକାଳ ଏକ ଅସ୍ଥାୟୀ ବ୍ୟବସ୍ଥା ଭାବେ ରଖାଯାଇଥିଲା । ଆଶ୍ଚର୍ଯ୍ୟପ୍ରକଟ କରିଥିବା ଲୋକମାନେ ବିଶ୍ୱାସ କରୁଛନ୍ତି, ତାଙ୍କୁ ପ୍ରମୁଖ ସଚିବ ଭାବେ ନିଯୁକ୍ତ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ସଙ୍କେତ ଦେଉଛି ଯେ, ଏମ୍‌ସିଡିରେ ତାଙ୍କ ସକ୍ରିୟ ଭୂମିକା ଶେଷ ହୋଇଛି ଏବଂ ଗୃହ ବିଭାଗ ହିଁ ତାଙ୍କର ମୁଖ୍ୟ ଦାୟିତ୍ୱ । ମନ୍ତ୍ରଣାଳୟ ନିୟନ୍ତ୍ରଣରେ ସିଧାସଳଖ ଦିଲ୍ଲୀ ପୋଲିସ ରହୁଥିବାରୁ କୁମାରଙ୍କ ନୂଆ ଭୂମିକା ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ଆଉ କେତେକେ ବିଚାର କରୁଛନ୍ତି । ତଥାପି ଦେଖିବାକୁ ଗଲେ ଶାନ୍ତ ଏନ୍‌ସିଆର୍‌ରେ ଆଇନଶୃଙ୍ଖଳା ବଜାୟ ରଖିବା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ତେବେ ଏମ୍‌ଏଚ୍‌ଏ ଓ ଦିଲ୍ଲୀର ଏଏପି ସରକାରଙ୍କ ମଧ୍ୟରେ ଏବକାର ବିଭେଦପୂର୍ଣ୍ଣ ସମ୍ପର୍କ କୁମାରଙ୍କୁ ଅଧିକ ଆହ୍ୱାନର ସମ୍ମୁଖୀନ କରାଇପାରେ । କୁହାଯାଉଛି , ଚଳିତ ବର୍ଷ ଶେଷସୁଦ୍ଧା କୁମାରଙ୍କ ବ୍ୟାଚ୍ ଆଇଏଏସ୍ ଅଧିକାରୀମାନଙ୍କର ନିଯୁକ୍ତି ତାଲିକା ପ୍ରସ୍ତୁତ ହେବ । ଏଣୁ କୁମାରଙ୍କ ଦାୟିତ୍ୱରେ ଶୀଘ୍ର ପରିବର୍ତ୍ତନର ପ୍ରସ୍ତୁତି ଆରମ୍ଭ କରାଯାଇପାରେ ଓ ତାଙ୍କୁ କେନ୍ଦ୍ରରେ ସଚିବ ଭାବେ ଅବସ୍ଥାପିତ କରାଯିବାର ପୂରା ସମ୍ଭାବନା ରହିଛି ।

### ସୁଧାରରେ ବିଳମ୍ବ

ଗୋଟିଏ ମନ୍ତ୍ରଣାଳୟ ତା' ନିଜ କାର୍ଯ୍ୟକଳାପରେ ଶୀଘ୍ର ପରିବର୍ତ୍ତନ କରିବାର ତତ୍ପରତା ପ୍ରକାଶ କରେ ବୋଲି କୁହାଯାଏ । କିନ୍ତୁ ରେଲୱେ ମନ୍ତ୍ରଣାଳୟରେ ଏହା ଘଟିବା ଦେଖାଯାଇନି । ଏହାର ମୁଖ୍ୟ ନିଯୁକ୍ତିଗୁଡ଼ିକରେ ଅତ୍ୟଧିକ ବିଳମ୍ବ କରାଯିବା ବହୁ ସମୟରେ ବାବୁ ଓ ପର୍ଯ୍ୟବେକ୍ଷକମାନଙ୍କୁ ବିସ୍ମିତ କରିଛି । ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କଠୋର ପ୍ରୟାସ ପରେ ମନ୍ତ୍ରଣାଳୟ ଏବେ ଡିଭିଜନାଲ ରେଲୱେ ମ୍ୟାନେଜର(ଡିଆର୍‌ଏମ୍) ଭାବେ ୨୦ ଜଣ ଅଧିକାରୀଙ୍କୁ ନିଯୁକ୍ତି ଦେଇଛି । ପ୍ରଥମରୁ ସବୁ କ୍ୟାଡରର ଏକୀକରଣରେ କଠିନତା ଏବଂ ଅନ୍ୟସବୁ ସୁଧାରକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିରୀକ୍ଷଣ କରୁଥିବା କାରଣରୁ ବିଳମ୍ବ ହେଉଥିବା କୁହାଯାଉଥିଲା । ଏହାସହ ଡିଆର୍‌ଏମ୍ ପଦବୀ ଲାଗି ଯୋଗ୍ୟତାର ସର୍ବନିମ୍ନ ବୟସ ୫୨କୁ ହଟାଇବା ମଧ୍ୟ ବିଳମ୍ବର ଏକ କାରଣ । ସୂତ୍ରରୁ ପ୍ରକାଶ ଯେ, ଯଦି ସରକାର ୫୨ ବର୍ଷ ବୟସ ସୀମାର ମାନଦଣ୍ଡ ଶେଷ କରିଦେଲେ ତେବେ ଏହି ପଦବୀଗୁଡ଼ିକରେ ନିଯୁକ୍ତି ବର୍ଷକରୁ ଅଧିକ ସମୟ ବିଳମ୍ବ କରିବାର କୌଣସି କାରଣ ନାହିଁ । ଡିଭିଜନାଲ ମ୍ୟାନେଜର ଏବଂ ବୋର୍ଡ ମେମ୍ବରମାନଙ୍କ ନିଯୁକ୍ତି ପାଇଁ ମନ୍ତ୍ରଣାଳୟ ଏହି ସମାନ ପଦ୍ଧତି ଆପଣାଇବ କି ନାହିଁ ତା'ଉପରେ ବି କେତେଜଣ ରେଲ୍‌ବାବୁ ବିଚାର କରୁଛନ୍ତି । ସ୍ପଷ୍ଟଭାବେ କ୍ୟାଡର ସଂଘର୍ଷ ଏବଂ ବିଭାଗବାଦ ଦୂର କରି ସମାନତା ଆଣିବା ସକାଶେ ରେଲ୍‌ୱେର ୮ଟି ସଂଗଠିତ ଗ୍ରୁପ୍-ଏ ସର୍ଭିସକୁ ଏକାଠି କରି ଏକ ଇଣ୍ଡିଆନ୍ ରେଲୱେ ମ୍ୟାନେଜ୍‌ମେଣ୍ଟ ସର୍ଭିସ(ଆଇଆର୍‌ଏମ୍‌ଏସ୍) କରାଯିବା ସତ୍ତ୍ୱେ ମଧ୍ୟ ଆଶା କରାଯାଉଥିବା ପରିଣାମ ମିଳିଲା ନାହିଁ । ଏବେସୁଦ୍ଧା ପ୍ରାୟ ୧୧ଟି ରେଲୱେ ଜେନେରାଲ ମ୍ୟାନେଜର ପଦବୀ ଖାଲି ରହିଛି । ଏହାସହ ମନ୍ତ୍ରଣାଳୟରେ ଅନ୍ୟ ପ୍ରମୁଖ ପଦବୀ ଖାଲିପଡ଼ିଛି । ମୁଖ୍ୟ ପଦବୀଗୁଡ଼ିକରେ ନିଯୁକ୍ତିରେ ବିଳମ୍ବିତ ନିଷ୍ପତ୍ତି ମନ୍ତ୍ରଣାଳୟର ଆହ୍ୱାନଗୁଡ଼ିକୁ ଆହୁରି ଜଟିଳ କରିବ ।

### ନିର୍ବାଚନ ପୂର୍ବରୁ ବଦଳି

ଆଗକୁ ହେବାକୁ ଥିବା ଗୁଜରାଟ ବିଧାନସଭା ନିର୍ବାଚନର ଉଷ୍ମତା ବଢୁଛି । ଏହି ପରିପ୍ରେକ୍ଷୀରେ ସେଠାକାର ପ୍ରଶାସନରେ ମନ୍ଥନ ଆରମ୍ଭ ହୋଇଯାଇଛି । ନିର୍ବାଚନକୁ ଦୃଷ୍ଟିରେ ରଖି ବାବୁମାନଙ୍କୁ ଲଗାତର ବଦଳି କରାଯାଉଛି । ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ରଭାଇ ପଟେଲ ସୁରଟ ଓ ଭଦୋଦରା ମ୍ୟୁନିସିପାଲ କର୍ପୋରେଶନର କମିଶନରଙ୍କୁ ବଦଳି କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । କାହିଁକି କେବଳ ଦୁଇଜଣ କମିଶନରଙ୍କୁ ବଦଳି କରାଗଲା ତାହାକୁ ନେଇ ବାବୁ ମହଲରେ ପ୍ରଶ୍ନ ଉଠିଛି । ସୁରଟ ମ୍ୟୁନିସିପାଲ କମିଶନର ବାଞ୍ଛାନିଧି ପାଣିଙ୍କୁ ଭଦୋଦୋରା ମ୍ୟୁନିସିପାଲ କମିଶନର(ଭିଏମ୍‌ସି) ଭାବେ ବଦଳି କରାଯାଇଛି । ଭିଏମ୍‌ସି କମିଶନର ଶାଳିନୀ ଅଗ୍ରୱାଲାଙ୍କ ସ୍ଥାନରେ ତାଙ୍କୁ ଅବସ୍ଥାପିତ କରାଯାଇଛି । ସୂତ୍ରରୁ ପ୍ରକାଶ , ପାଣି ତାଙ୍କ ବଦଳିକୁ ନେଇ ଅସନ୍ତୁଷ୍ଟ ଅଛନ୍ତି । ସୁରଟରେ ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକ ଯୋଜନାର ନିରୀକ୍ଷଣ କରିବା ଲାଗି ତାଙ୍କୁ ସୁରଟରେ ରହିବାକୁ ଅନୁମତି ଦିଆଯାଉ ବୋଲି ସେ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ବିଶ୍ୱସ୍ତ ଭାବେ ଜଣାଶୁଣା ପାଣି କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ଅନୁରୋଧ କରିଥିଲେ । କିନ୍ତୁ ରାଜ୍ୟ ସରକାର ତାଙ୍କୁ ଛାଡ଼ିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି । ସେହିପରି ଅଗ୍ରୱାଲା ଗାନ୍ଧୀନଗରରେ ଓ ଜିଏସ୍‌ଟି ବିଭାଗରେ ନିଯୁକ୍ତି ଚାହୁଁଛନ୍ତି । ରାଜ୍ୟ ସରକାର ଏହାକୁ ମଧ୍ୟ ମନା କରିଦେଇଛନ୍ତି ଓ ଏହା ବଦଳରେ ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କୁ ସୁରଟରେ ଅପେକ୍ଷା କରିବାକୁ ପଡ଼ିବ ।

Email: dilipcherian@gmail.com

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | |
| | | | | | 5 | 2 | | 4 |
| | 2 | 9 | | 6 | | | | |
| | 4 | 6 | 8 | | 1 | | 9 | |
| | | | | | 6 | | | |
| | | | 5 | 4 | | | | |
| | 8 | | | 5 | | | | |
| | | 1 | 6 | | 4 | 7 | | |
| 5 | 9 | | | 2 | | 1 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 4 | 9 | 7 | 8 | 6 | 2 | 5 |
| 9 | 5 | 7 | 2 | 1 | 6 | 4 | 8 | 3 |
| 8 | 6 | 2 | 5 | 4 | 3 | 1 | 7 | 9 |
| 3 | 1 | 8 | 6 | 5 | 2 | 7 | 9 | 4 |
| 7 | 4 | 9 | 8 | 3 | 1 | 5 | 6 | 2 |
| 6 | 2 | 5 | 7 | 9 | 4 | 8 | 3 | 1 |
| 4 | 8 | 1 | 3 | 6 | 9 | 2 | 5 | 7 |
| 2 | 7 | 3 | 1 | 8 | 5 | 9 | 4 | 6 |
| 5 | 9 | 6 | 4 | 2 | 7 | 3 | 1 | 8 |

ଗତକାଲିର ଉତ୍ତର

# ଭାରତର ବୈଦେଶିକ ଓ ବାଣିଜ୍ୟ ନୀତି



ହରେକୃଷ୍ଣ ପଣ୍ଡା

ଭାରତର ବୈଦେଶିକ ନୀତି ସମ୍ବିଧାନ ପ୍ରଣୟନ ପରେ ନିର୍ଦ୍ଧାରିତ ହୋଇଥିଲା । ଏହାକୁ କେନ୍ଦ୍ରକରି ନେହେରୁଙ୍କ ଅମଳରେ ପଞ୍ଚଶୀଳ ନୀତି,ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ପ୍ରବର୍ତ୍ତନ କରାଯାଇଥିଲା । ଭାରତ ସ୍ୱାଧୀନତା ପରେ ୫୦ ବର୍ଷ ଧରି ଏହାର ପ୍ରାସଙ୍ଗିକତା ରହିଲା । କାଳକ୍ରମେ ଏହା ପ୍ରାସଙ୍ଗିକତା ହରାଇଥିବା କୁହାଯାଇପାରେ । ଭାରତର ବୈଦେଶିକ ନୀତି ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରର ବୈଦେଶିକ ନୀତିଠାରୁ ଭିନ୍ନ ଓ ସ୍ୱତନ୍ତ୍ର ବୋଲି କୁହାଯାଇପାରେ । ଭାରତର ବୈଦେଶିକ ନୀତିରେ ବିସ୍ତାରବାଦ ବା ସାମ୍ରାଜ୍ୟବାଦର ଗନ୍ଧ ନାହିଁ । ଏସୀୟ ଏକତା ଉପରେ ଏହି ନୀତି ପର୍ଯ୍ୟବସିତ ଥିଲା । ବିଶ୍ୱର ବିଭିନ୍ନ ରାଷ୍ଟ୍ରସହ ସୁସମ୍ପର୍କସ୍ଥାପନ କରିବା ଏଥିରେ ଲିଖିତ ପ୍ରତିଶ୍ରୁତି ବହନ କରିଥିଲା । ସ୍ୱାଧୀନତା ପରେ ବିଭିନ୍ନ ସରକାର ଏହି ବୈଦେଶିକ ନୀତିକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ ମଧ୍ୟ ପରିବର୍ତ୍ତନ କରିପାରି ନ ଥିଲେ । କିନ୍ତୁ କାର୍ଯ୍ୟଧାରା ସ୍ୱତଃ ବାଟ ଭାଙ୍ଗି ଚାଲିଥିଲା । କାର୍‌ଗିଲ ଯୁଦ୍ଧ ସମୟରେ ଭାରତର ବୈଦେଶିକ ନୀତି ସଙ୍କଟ ଅଭିମୁଖୀ ହେବା ଦେଖାଗଲା । ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଓ ଚାଇନା ଭାରତୀୟ ନୀତିକୁ ସବୁବେଳେ ଭଣ୍ଡୁର କରିବାକୁ ଚାହିଁଲେ । କିନ୍ତୁ ଭାରତର ନୀତିକୁ ବଦଳାଇପାରିଲେ ନାହିଁ । ପ୍ରାରମ୍ଭରେ କୁହାଯାଇଥିଲା ଭାରତର ବୈଦେଶିକ ନୀତି ଅନମନୀୟ । କିନ୍ତୁ ଅନ୍ତର୍ଜାତୀୟ ରାଜନୀତି, କୂଟନୀତି ଓ ଅର୍ଥନୀତିକୁ ଦେଖି ଭାରତର ବୈଦେଶିକ ନୀତି କାର୍ଯ୍ୟଧାରାରେ ପରିବର୍ତ୍ତିତ ହୋଇଛି ସତ, କିନ୍ତୁ ଅନମନୀୟତା ହରାଇ ନାହିଁ । ବେଳେ ବେଳେ ନମନୀୟତାର ସମାଲୋଚନା କରାଯାଇଥିଲେ ମଧ୍ୟ ତାହା କୂଟନୈତିକ ଦୃଷ୍ଟିରୁ ନମନୀୟତା କୁହାଯାଇ ନ ପାରେ ।

ଏବେ ୨ଦଶନ୍ଧି ଧରି ଭାରତର ବୈଦେଶିକ ନୀତି ଚଳଚଞ୍ଚଳ ହୋଇପଡ଼ିଛି । ଆମେରିକା ଓ ରୁଷିଆ ମଧ୍ୟରେ ଭାରତର ସମ୍ପର୍କ ଦୃଢ଼ୀଭୂତ ହୋଇଥିବା କୁହା ଯାଇ ନ ପାରେ । ସେହିପରି ଚାଇନା ,ପାକିସ୍ତାନ,ଶ୍ରୀଲଙ୍କା, ମ୍ୟାନ୍‌ମାର, ପଡ଼ୋଶୀ ରାଷ୍ଟ୍ର ସହ ଭାରତ ସମ୍ପର୍କ ଘନୀଭୂତ କରିବା ପାଇଁ ବହୁଥର ହାତ ବଢ଼ାଇଥିଲେ ମଧ୍ୟ ସେମାନେ ଆଦୌ ବିଶ୍ୱସନୀୟ ହୋଇପାରି ନାହାନ୍ତି । ଭାରତକୁ ବାରମ୍ବାର ଧୋକାଦେଇ ଚାଲିଛନ୍ତି । ଆମେରିକା ମଧ୍ୟ ଭାରତର ସହଯୋଗୀ ରାଷ୍ଟ୍ର ହୋଇପାରି ନାହିଁ । ଚାଇନା, ଆମେରିକା,ରୁଷିଆ ଏସବୁ ରାଷ୍ଟ୍ର ହେଉଛନ୍ତି ବେପାରୀ ରାଷ୍ଟ୍ର । ବାଣିଜ୍ୟ ଉପରେ ଏମାନଙ୍କର ସମ୍ପର୍କ ନିର୍ଭର କରେ । କିନ୍ତୁ ଅନ୍ତର୍ଜାତୀୟ ସ୍ଥିତିକୁ ଦେଖି ଭାରତ ତା'ର ବୈଦେଶିକ ନୀତିର ଫର୍ଦ୍ଦ ଲେଉଟାଇଥାଏ । ନିକଟରେ ୟୁକ୍ରେନ୍-ରୁଷିଆ ଯୁଦ୍ଧରେ ଭାରତ ପାଇଁ ସଙ୍କଟ ସୃଷ୍ଟି ହୋଇଥିବା ଅନୁଭୂତ ହୁଏ । ରୁଷିଆ ପରି ୟୁକ୍ରେନ୍ ମଧ୍ୟ ଭାରତର ବନ୍ଧୁ ରାଷ୍ଟ୍ର । ବାଣିଜ୍ୟ କ୍ଷେତ୍ରରେ ଉଭୟ ରାଷ୍ଟ୍ରର ସହଯୋଗ ଆବଶ୍ୟକ ହୋଇଥାଏ । ପୃଥିବୀର ଅନେକ ରାଷ୍ଟ୍ର ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ବିରୋଧ କରିଥିବା ବେଳେ ଭାରତ ଚାଇନା ସହ ସ୍ୱର ମିଳାଇଥିବା କୁହାଯାଏ । ଯୁଦ୍ଧ ଆରମ୍ଭ ପରେ ଜାତିସଂଘରେ ରୁଷିଆ ବିରୋଧରେ ଯେତେବେଳେ ବୈଠକ ବସିଥିଲା ସେତେବେଳେ ଭାରତ ଭୋଟଦାନରୁ ବିରତ ରହିଥିଲା । ଦ୍ୱିତୀୟ ସଂକଳ୍ପ ସମୟରେ ମଧ୍ୟ ଭାରତ ଭୋଟଦାନରୁ ବିରତ ରହି ରୁଷିଆକୁ ସମର୍ଥନ ଜଣାଇଥିଲା । ଏଥିପାଇଁ ଭାରତର ବୈଦେଶିକ ନୀତିକୁ ଦେଶ ଭିତରୁ ଓ ବାହାରୁ ସମାଲୋଚନା କରାଯିବା ଦେଖାଗଲା । କିନ୍ତୁ ଭାରତ କେଉଁ କାରଣରୁ ଏଭଳି ନୀତି ଅବଲମ୍ବନ କଲା ତାହା ଆଲୋଚନା ପରିସରକୁ ଆସିଲା ନାହିଁ । ଭାରତର ବୈଦେଶିକ ନୀତି କହେ କାହାରି ଗୋଡ଼ାଣିଆ ନ ହୋଇ ରହିବାକୁ ଏବଂ କାହାରିକୁ ଆଖି ଦେଖାଇବୁ ନାହିଁ କିମ୍ବା କାହାରି ଆଖିଦେଖାରେ ଆମ ଆଖି ତଳକୁ କରିବୁ ନାହିଁ । ପାକିସ୍ତାନକୁ ଆଖି ଆଗରେ ରଖି ଭାରତ ତା'ର କୂଟନୀତି ପ୍ରୟୋଗ କରିଥିବା ଅନୁମିତ ହୁଏ । କାରଣ ପାକିସ୍ତାନ ଏପର୍ଯ୍ୟନ୍ତ ରୁଷିଆର ଗୋଡ଼ାଣିଆ ହେବାକୁ ପ୍ରମାଣିତ କରିନାହିଁ । ପୁଣି ଭାରତ ଅସଲ ସମୟରେ ୟୁକ୍ରେନ୍‌ରେ ମାନବିକ ସଙ୍କଟ ଯେତେବେଳେ ଦେଖା ଦେଲା ସେତେବେଳେ ଜାତିସଂଘରେ ଜେଲେନ୍‌ସ୍କିଙ୍କୁ ଭାଷଣ ଦେବାର ଅଧିକାର ନେଇ ଭାରତ ୟୁକ୍ରେନ୍‌କୁ ସମର୍ଥନ ଜଣାଇଥିଲା । ଅନ୍ତର୍ଜାତୀୟ ସ୍ତରରେ ୟୁକ୍ରେନ୍‌କୁ ୧୪୧ ରାଷ୍ଟ୍ର ସମର୍ଥନ କରୁଥିବା ବେଳେ ଶେଷରେ ଭାରତର ସମର୍ଥନକୁ ମାନବିକତା ଦୃଷ୍ଟିରୁ ବିଚାର କରିବା ଆବଶ୍ୟକ । ତା' ବୋଲି ନୁହେଁ ଯେ ରୁଷିଆ ଭାରତର ଶତ୍ରୁ ହୋଇଯିବ ବା ୟୁରୋପୀୟ ରାଷ୍ଟ୍ର ଭାରତର ବିରୋଧୀ ହୋଇଯିବେ । ହୁଏତ ଆମେରିକା ଭାରତକୁ ସେତେବେଳେ ଅବିଶ୍ୱାସ କରିଥିବ । ଏହା ସ୍ୱାଭାବିକ କଥା, ଯାହା ଭାରତ ବିଭିନ୍ନ ଘଟଣାରେ ଆମେରିକାର ଅବିଶ୍ୱସନୀୟ ହୋଇଛି ପୁଣି ପର ମୁହୂର୍ତ୍ତରେ ପରମ ବନ୍ଧୁ ସାଜିଛି । ରୁଷିଆ ମଧ୍ୟ କ୍ଷଣକୋପୀ ଭଳି କେତେବେଳେ ଭାରତ ବିରୋଧରେ ଯାଇ ପାକିସ୍ତାନ ସହ ହାତ ମିଳାଇଛି ତ କେତେବେଳେ ଚାଇନା ସହ ବନ୍ଧୁତା କରିଛି । କାର୍‌ଗିଲ ଯୁଦ୍ଧ ସମୟରେ ଏବଂ ଚାଇନାର ସମରସଜ୍ଜା ସମୟରେ ନା ରୁଷିଆ ନା ଆମେରିକା ଭାରତକୁ ଆଗକୁ ବଢ଼ିବାକୁ ଦେଇଛନ୍ତି ? ପାକିସ୍ତାନକୁ ନେଇ ଭାରତର ବୃହତର କୂଟନୀତିକୁ ବୁଝିବା କଷ୍ଟକର । ଅବଶ୍ୟ ରୁଷ-ୟୁକ୍ରେନ୍ ଯୁଦ୍ଧରେ ଭାରତ ବାରମ୍ବାର ଏହି ଯୁଦ୍ଧ ବନ୍ଦ କରିବା ପାଇଁ ପୁଟିନ୍‌ଙ୍କୁ ଯେପରି ନିବେଦନ କରିଆସିଛି ସେହିଭଳି ମଧ୍ୟ ଜାତିସଂଘର ସୁରକ୍ଷା ପରିଷଦକୁ ହସ୍ତକ୍ଷେପ କରିବା ପାଇଁ ନିବେଦନ କରିଛି । ବର୍ତ୍ତମାନ ଯୁଦ୍ଧ କରିବାର ବେଳ ନୁହେଁ ବୋଲି ପ୍ରଥମ ଦେଶ ଭାରତ ରୁଷିଆକୁ ଚେତାଇ ଦେଇଛି । ଏହା ଆନ୍ତର୍ଜାତିକ ସମୁଦାୟଙ୍କ ପାଇଁ ଖୁବ୍ ଉଦ୍‌ବେଗଜନକ । ଏହି ଅବସରରେ ଚାଇନାର ଆଭିମୁଖ୍ୟକୁ ମଧ୍ୟ ଭାରତ ସମାଲୋଚନା କରିଛି । ସୁରକ୍ଷା ପରିଷଦ ନିରପେକ୍ଷତା ବଦଳରେ ରାଜନୀତିକୁ ଗୁରୁତ୍ୱ ଦେଉଥିବା କେବଳ ଭାରତ ହିଁ ଅଭିଯୋଗ କରିଛି । ପରୋକ୍ଷରେ ବିଚାର କଲେ,ଭାରତକୁ ସୁରକ୍ଷା ପରିଷଦରେ ସ୍ଥାୟୀ ପଦ ନ ଦେବା ପାଇଁ ରୁଷିଆର ଯେପରି ଦୃଢ଼ ସହଯୋଗ ନାହିଁ,ସେହିପରି ଆମେରିକାର ସମର୍ଥନ ଥିଲେ ମଧ୍ୟ ଆନ୍ତରିକତା ପ୍ରକାଶ ପାଉ ନାହିଁ । ବେଳ ଦେଖି ସମର୍ଥନ ଦେବାକୁ କହି ପରବର୍ତ୍ତୀ ସମୟରେ ନୀରବତା ପ୍ରଦର୍ଶନ କରୁଥିବା ଦେଖାଯାଉଛି । ଏ ସମ୍ପର୍କରେ ଭାରତ ସଚେତନ ଥାଇ ଯେସାକୁ ତେସା ନୀତି ଅବଲମ୍ବନ କରୁଥିବା ଦେଖାଯାଏ । ସୁରକ୍ଷା ପରିଷଦର ରୂପାନ୍ତର ପ୍ରକ୍ରିୟା ସମୟ ଅତିବାହିତ ହୋଇ ଯାଇଥିଲେ ହେଁ ଏଯାବତ ଭାରତକୁ ପ୍ରବେଶ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ବିଶ୍ୱ ସମୁଦାୟଙ୍କ ପାଇଁ ନୈରାଶ୍ୟଜନକ ବୋଲି କୁହାଯିବ । ସୁରକ୍ଷା ପରିଷଦରେ ୩ ଦେଶ ଗୋଟିଏ ଗୋଷ୍ଠୀ ଅନ୍ୟ ଦୁଇ ରାଷ୍ଟ୍ର ରୁଷିଆ ଓ ଚାଇନା ଆଉ ଏକ ଗୋଷ୍ଠୀ । ତେଣୁ ଅତୀତରୁ ଏଯାଏ ଏମାନେ କୌଣସି ସମସ୍ୟା ସମାଧାନ କରିପାରିନାହାନ୍ତି, ଭବିଷ୍ୟତରେ ମଧ୍ୟ କୌଣସି ସମସ୍ୟାକୁ ସମାଧାନ କରିପାରିବେ ନାହିଁ ବୋଲି ବିଶ୍ୱାସ କରାଯାଏ । ସୁରକ୍ଷା ପରିଷଦରେ କେବଳ ଭାରତର ଉପସ୍ଥିତି ଏକାନ୍ତ କାମ୍ୟ । ୟୁକ୍ରେନ୍ କ୍ଷେତ୍ରରେ ଦେଖିବାକୁ ଗଲେ ୧୯୯୧ ଡିସେମ୍ବର ୨୧ରେ ଯେତେବେଳେ ୧୧ ଗୋଟି ସାଧାରଣତନ୍ତ୍ରକୁ ନେଇ ଏକ ରାଷ୍ଟ୍ରମଣ୍ଡଳ ଗଠନ କରାଗଲା ଭାରତ ସେବେଠାରୁ ୟୁକ୍ରେନ୍ ସହିତ ବାଣିଜ୍ୟ କାରବାର କରି ଆସିଛି । ରୁଷିଆ ସହ ମଧ୍ୟ ପୁରୁଣା ସମ୍ପର୍କ ରକ୍ଷାକରି ଆସିଛି । ଭାରତ ବୈଦେଶିକ ନୀତି ଓ ବାଣିଜ୍ୟ ନୀତି ମଧ୍ୟରେ ସମନ୍ୱୟ ରକ୍ଷାକରି ଚାଲିଛି ।




ଯାଜପୁର, ମୋ:୯୪୩୭୩୧୫୬୨୩

# ମୁଁ ମହାଭାରତର ମହାନାୟିକା କହୁଛି



ଇଂ. ମୁରଲୀଧର ହୋତା

ପୃଥିବୀର ଚାରିଖଣ୍ଡ ମହାକାବ୍ୟ ରାମାୟଣ, ମହାଭାରତ, ଇଲିଆଡ୍ ଏବଂ ଓଡ଼ିଶେ ମଧ୍ୟରୁ ସର୍ବବୃହତ୍ ମହାକାବ୍ୟ 'ମହାଭାରତ'ର ମୁଁ ମହାନାୟିକା । ଏହି ମହାକାବ୍ୟର ରଚୟିତା ହେଉଛନ୍ତି ମହର୍ଷି ବ୍ୟାସଦେବ ଏବଂ ଏଥିରେ ଲେଖାକାର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ବିଘ୍ନବିନାଶନ ଗଣେଶ । ଏଥିରେ ରହିଛି ଉଚ୍ଚ ବଂଶର ମହତ୍ ଚରିତ୍ର ସହିତ ନୀଚ ଚରିତ୍ରର ଚିତ୍ରଣ, ଉଭୟେ ଦୈବୀ ଏବଂ ଆସୁରୀ ଚରିତ୍ରର ବର୍ଣ୍ଣନ । କେତେକ ଚରିତ୍ର ମଧ୍ୟରେ ସ୍ପଷ୍ଟ ବିରୋଧାଭାସ ଥିବା ସତ୍ତ୍ୱେ ଏହାକୁ ନାଟକୀୟ ଭଙ୍ଗୀରେ ପାଠକ/ଦର୍ଶକମାନଙ୍କର ବିଶ୍ୱାସର ବଳୟ ଭିତରକୁ ଟାଣିନେବାର ଭାବ ଏବଂ ପ୍ରତିଶ୍ରୁତିର ଆଧାରକୁ ଧାରଣକରି ରଖିପାରିବାର ପଣ, ଜୀବନରେ ଭାଗ୍ୟ ଏବଂ ସ୍ୱାଧୀନ ମତ ପୋଷଣର ପଛରେ ଥିବା ଉପକାରୀ ତଥା ଅନିଷ୍ଟକାରୀ ବଳ ପ୍ରୟୋଗର ଭୂମିକା ଇତ୍ୟାଦି ସମ୍ପର୍କରେ ଏକ ହୃଦୟସ୍ପର୍ଶୀ ଢଙ୍ଗରେ ବର୍ଣ୍ଣନା କରାଯାଇଛି । ମୁଁ ସେହି ମହାନାୟିକା ଦ୍ରୁପଦନନ୍ଦିନୀ ଦ୍ରୌପଦୀ ଯିଏ କି ଭାରତୀୟ ଜନମାନସକୁ ଦ୍ୱାପରଯୁଗରୁ ଏଯାବତ୍ ଆଚ୍ଛନ୍ନ କରି ରଖିଆସିଛି । ମୁଁ ଅନ୍ୟ ଯେଉଁ ନାମଗୁଡିକରେ ପ୍ରସିଦ୍ଧିଲାଭ କରିଛି ସେଗୁଡ଼ିକ ହେଲେ ପାଞ୍ଚାଳୀ, ଯାଜ୍ଞସେନୀ, ସୈରିନ୍ଧ୍ରୀ, କୃଷ୍ଣା ଇତ୍ୟାଦି । ତେବେ ଭାରତବର୍ଷର ପ୍ରଜ୍ଞାପୁରୁଷମାନେ ସେ ସମୟରେ ଯେଉଁ 'ପଞ୍ଚସତୀ'ଙ୍କର ତାଲିକା ପ୍ରସ୍ତୁତ କରିଥିଲେ, ସେମାନେ ମୋ ନାମ 'ଦ୍ରୌପଦୀ'କୁ ସର୍ବାଗ୍ରେ ରଖିଥିବାରୁ ମୁଁ ଦ୍ରୌପଦୀ ନାମରେ ସୁପରିଚିତା ।

ମୁଁ ତ ଯଜ୍ଞର ଜ୍ୱଳନ୍ତ ଅଗ୍ନିଶିଖାରୁ ଆବିର୍ଭୂତା । ଯଦିବା ମୁଁ ମନୁଷ୍ୟ ଶରୀରଧାରିଣୀ, ବାସ୍ତବରେ ମୋର ଜନ୍ମ ମନୁଷ୍ୟ ଔରଷରୁ ନୁହେଁ । ଏଭଳି ଏକ ଜନ୍ମଲାଭ କରିବାରେ ମୁଁ ପ୍ରଥମ । ଏକ ସ୍ୱତନ୍ତ୍ର କାର୍ଯ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଶକ୍ତିସହ ମୋର ଆବିର୍ଭାବ । ମୋର ଏହି ଅଲୌକିକ ଜନ୍ମର ଉଦ୍ଦେଶ୍ୟ ଥିଲା କୌରବ ବଂଶର ଧ୍ୱଂସରେ ସହାୟତା କରିବା । ଯେଉଁ ସଂକଳ୍ପ ସହ ମୁଁ ଜନ୍ମ ହୋଇଥିଲି ତାହା ଯେ ମୁଁ ପୂରଣ କରିପାରିଛି ତାହା ହିଁ ମୋ ଜନ୍ମର ସାର୍ଥକତା । ଅତଏବ ମୋତେ ମାନବୀୟ ମୂଲ୍ୟବୋଧର ନିକିତିରେ ତଉଲିବା ଅଯଥାର୍ଥ ମନେହୁଏ । ଆଉ ଏକ ଆଦର୍ଶ ନାରୀ ଚରିତ୍ର ହେଉଛନ୍ତି 'ମହାଭାରତ'ର ଅନ୍ୟତମ ନାୟିକା ମହାରାଣୀ କୁନ୍ତୀ, ଯିଏ କି ଥିଲେ ମୋର ଶାଶୁ । ସେତେବେଳେ ଆର୍ଯ୍ୟାବର୍ତ୍ତର ସୁରକ୍ଷାପାଇଁ ରାଜବଂଶରେ ସୁଯୋଗ୍ୟ ସନ୍ତାନ ଜନ୍ମଦେବା ସମାଜର ଆବଶ୍ୟକତା ଥିଲା । ସେଥିପାଇଁ ମାତା କୁନ୍ତୀ ଭିନ୍ନ ଭିନ୍ନ ଦେବତାମାନଙ୍କଠାରୁ ତିନିଜଣ ବୀର ସନ୍ତାନକୁ ଜନ୍ମ ଦେଇଥିଲେ । ଏହା ତାଙ୍କ ଅଭିଶପ୍ତ ସ୍ୱାମୀଙ୍କ ଜ୍ଞାତସାରରେ ଏବଂ ନିର୍ଦ୍ଦେଶ ଯୋଗୁ ହିଁ ସମ୍ଭବ ହୋଇଥିଲା । ସେତେବେଳେ କୌରବ ୧୦୦ଭାଇଙ୍କ ଦୌରାତ୍ମ୍ୟରେ ଆର୍ଯ୍ୟାବର୍ତ୍ତ ଆର୍ତ୍ତଚିତ୍କାର କରୁଥିଲା । ପଣ୍ଡୁଙ୍କ ନିର୍ଦ୍ଦେଶ ଥିଲା ୧୦୦ଜଣ ଦୁଷ୍ଟ, ଦୁରାଚାରୀ କୌରବମାନଙ୍କୁ ଦମନ କରିବାପାଇଁ ଆହୁରି ଅଧିକ ଦେବତାଙ୍କୁ ଆବାହନ କରି ଅଧିକ ଶକ୍ତିଶାଳୀ ପୁତ୍ରମାନଙ୍କୁ ଜନ୍ମଦେବା ; ମାତ୍ର କୁନ୍ତୀ ଏ ପ୍ରସ୍ତାବରେ ଅରାଜି ହୋଇ ଆଉ ଦୁଇଟି ସନ୍ତାନ ଜନ୍ମ ପାଇଁ ମାଦ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଫଳତଃ ମାଦ୍ରୀ ଅଶ୍ୱିନୀ କୁମାରଙ୍କଠାରୁ ଯମଜ-ସନ୍ତାନ ନକୁଳ ଏବଂ ସହଦେବଙ୍କୁ ଜନ୍ମ ଦେଇଥିଲେ । ପଣ୍ଡୁଙ୍କୁ କୁନ୍ତୀ କଥା ଦେଇଥିଲେ ଏହି ପାଞ୍ଚଜଣ ପଞ୍ଚୁପାଣ୍ଡବଙ୍କୁ ସେ ସମସ୍ତ ଅସୁବିଧାଜନକ ପରିସ୍ଥିତି ଭିତରେ ଏଭଳି ଶୂରବୀର ଭାବରେ ଗଢ଼ିତୋଳିବେ ଯେ ସେମାନେ ଦୁଷ୍ଟ ନିବାରଣ କରି ଯୁଗ ପରିବର୍ତ୍ତନର ମାଧ୍ୟମ ପାଲଟିବେ । ପରବର୍ତ୍ତୀ ସମୟରେ ତାଙ୍କ ସଂକଳ୍ପ ସଫଳ ହୋଇଥିଲା କୌରବ ବଂଶର ନିଧନରେ । ସତୀ ବା ଅସତୀ କେଉଁ ପର୍ଯ୍ୟାୟରେ ତାଙ୍କ ନାମ ଲେଖା ହେବ, ସେଥିପାଇଁ ଭ୍ରୂକ୍ଷେପ କରି ନ ଥିଲେ ମହାରାଣୀ କୁନ୍ତୀ । କାରଣ ଏଥିରେ ନ ଥିଲା ସ୍ୱାର୍ଥାନ୍ଧଭାବ ବରଂ ନିହିତ ଥିଲା ପରାର୍ଥଭାବ । ତାଙ୍କ ପାଇଁ ପ୍ରଜାମଙ୍ଗଳ ଏବଂ ଧର୍ମ ପ୍ରତିଷ୍ଠା ଥିଲା ମହତ୍ତର କାର୍ଯ୍ୟ । ଅତଃ ପାଣ୍ଡବମାନଙ୍କୁ ସାଧାରଣ ମଣିଷ ଭାବେ ଗଣନା କରିବା ଏକ ଭ୍ରମାତ୍ମକ ପ୍ରକ୍ରିୟା ବରଂ ସେମାନେ ଥିଲେ ଦେବଅଂଶୀ ଏବଂ ମହତ୍ତର ଉଦ୍ଦେଶ୍ୟ ନେଇ ଜନ୍ମ ହୋଇଥିଲେ । ସେମାନଙ୍କ ଭିତରେ ଗୁଣଗତ ପାର୍ଥକ୍ୟ ଥିଲେ ମଧ୍ୟ ସେମାନେ ଥିଲେ ପରସ୍ପରର ପରିପୂରକ । ତେବେ ସମଗ୍ର ପ୍ରଜାକୁଳ ସହିତ ପାଣ୍ଡବମାନଙ୍କୁ ଯେଉଁ ଖଳଶକ୍ତିର ସମ୍ମୁଖୀନ ହେବାକୁ ପଡ଼ିଥିଲା ତାହାଠାରୁ ଏକ ବୃହତ୍ତର ଶକ୍ତିର ଆବଶ୍ୟକତା ଥିଲା ସେମାନଙ୍କୁ ଧ୍ୱଂସ କରିବାରେ । ତେଣୁ ପାଣ୍ଡବମାନଙ୍କୁ ଏକାଠି ରଖି ବାରମ୍ବାର ସେମାନଙ୍କର ଲକ୍ଷ୍ୟ ସମ୍ପର୍କରେ ମନେ ପକାଇଦେବାର ଗୁରୁଦାୟିତ୍ୱ ମୁଁ ହିଁ ବହନ କରିଥିଲି । ସେପାଇଁ ତ ମୁଁ ମୋ ଜୀବନରେ ବିନା ଦ୍ୱିଧାରେ ପାଞ୍ଚପତିଙ୍କୁ ବରଣ କରିଥିଲି । ପାଣ୍ଡବମାନେ ମଧ୍ୟ ମୋର ଅସାଧାରଣ ପ୍ରକୃତି ସମ୍ପର୍କରେ ଜ୍ଞାତ ଥିଲେ । ତେଣୁ ସେମାନେ ଅଖଣ୍ଡ ଭାବରେ ମୋ ପ୍ରତି ଶ୍ରଦ୍ଧାଶୀଳ ଓ ଅନୁଗତ ଥିଲେ ।



କୁରୁ ରାଜସଭାରେ ପିତାମହ ଭୀଷ୍ମ, ଆଚାର୍ଯ୍ୟ ଦ୍ରୋଣ, କୁଳଗୁରୁ ବଶିଷ୍ଠ ପ୍ରମୁଖ ଗୁରୁଜନଙ୍କ ସମ୍ମୁଖରେ ଏବଂ ମୋର ପଞ୍ଚପତିଙ୍କ ଉପସ୍ଥିତିରେ, ବଡଭାଇ ଦୁର୍ଯ୍ୟୋଧନର ନିର୍ଦ୍ଦେଶରେ ଅନୁଜ ଦୁଃଶାସନ ମତେ ବିବସ୍ତ୍ର କରିବାର ଅପଚେଷ୍ଟା ମୋତେ ଲଜ୍ଜିତ ଏବଂ ଅପମାନିତ କରିବା ପାଇଁ ହିଁ ଉଦ୍ଦିଷ୍ଟ ଥିଲା । ଜଣେ ସ୍ୱୟଂସମ୍ଭବା ଏବଂ ମାର୍ଜିତ ସ୍ୱଭାବର ନାରୀ ହିସାବରେ ମୋ ପ୍ରତି କରାଯାଇଥିବା ଅନ୍ୟାୟ ଏବଂ ଅତ୍ୟାଚାରର ପ୍ରତିଶୋଧ ମୁଁ ବା ନ ନେଇଥାନ୍ତି କିପରି ? ମୁଁ ଯେଉଁମାନଙ୍କ ବିରୋଧରେ ପ୍ରତିଶୋଧ ନେଲି ସେମାନେ ସମସ୍ତେ ଥିଲେ କ୍ଷମତାଶାଳୀ ରାଜା ଅଥବା ସେମାନଙ୍କର ଅତି ନିକଟତମ ସମ୍ପର୍କୀୟ । ସେହି ପ୍ରତିଶୋଧର ବହ୍ନି ଗୋଟିଏ ରାଜପରିବାରକୁ ଜାଳିପୋଡି ପାଉଁଶ କରିଦେଲା । ପୃଥିବୀ ଦେଖିଲା ଜଣେ ନିର୍ଭୀୟା ଏବଂ ଦୁଃସାହସିନୀ ନାରୀ ଚରିତ୍ରକୁ ।

ଏବେ ମୋ ଜୀବନର ଶେଷ ପର୍ଯ୍ୟାୟକୁ ଆସୁଛି । ମୁଁ ଏବଂ ମୋର ପଞ୍ଚପତି ସ୍ୱର୍ଗାରୋହଣ ଅଭିଯାନରେ ବାହାରିଲୁ । ମୁଁ ମୋର ପତିମାନଙ୍କୁ ଅନୁସରଣ କରୁଥାଏ । ହଠାତ୍ ରୁଦ୍ର ହିମାଳୟ (କେଦାରନାଥ ଓ ବଦ୍ରିନାଥର ମଧ୍ୟବର୍ତ୍ତୀ, ହିମାଳୟର ପଞ୍ଚବରଫାବୃତ ପର୍ବତମାଳା) ଆରୋହଣ ସମୟରେ ପଦସ୍ଖଳନ ଯୋଗୁ ମୋର ମୃତ୍ୟୁ ଘଟିଲା । ମୋର ପ୍ରେତ ଶୁଦ୍ଧିକର୍ମ କରିବାକୁ ମୋ ପାଖରେ ଆଉ କେହି ନ ଥିଲେ । ସେହି ଦିନଠାରୁ ମୋର ଅଶୁଦ୍ଧ, ଅତୃପ୍ତଆତ୍ମା ଅଶରୀରୀ ଭାବରେ ମୋ ପ୍ରିୟ ଦେଶ ଭାରତବର୍ଷର କୋଣ, ଅନୁକୋଣରେ ଘୂରିବୁଲୁଛି । ମୋର ଅଶରୀରୀ ଆତ୍ମା ଏବେ ବି ଭାରତୀୟ ନାରୀ ସମାଜକୁ ଆହ୍ୱାନ ଦେଉଛି ଯେତେ କଷ୍ଟ ସହିବାକୁ ପଡୁ ପଛକେ ନାରୀ ନିର୍ଯାତନାର କଳେ-ବଳେ-କୌଶଳେ ପ୍ରତିଶୋଧ ନେବାକୁ । ସେଇଥିରେ ମୋର ଆତ୍ମା ଅଧିକ ତୃପ୍ତି ଲାଭ କରିବ ଏବଂ ମୋର ଜୀବନବ୍ୟାପୀ ସାଧନାର ମାର୍ଗକୁ ଯେ ଭାରତୀୟ ନାରୀସମାଜ ଆପଣେଇ ନେଇଛି, ଏ କଥା ଜାଣିଲେ ମୋ ଠାରୁ ଅଧିକ ଖୁସି ଆଉ କିଏ ଅବା ହେବ ? ଲିଙ୍ଗଗତ ଭେଦଭାବକୁ ନେଇ ଯେ ପର୍ଯ୍ୟନ୍ତ ଆମ ଦେଶରେ ନାରୀମାନଙ୍କୁ ଅନ୍ୟାୟ, ଅତ୍ୟାଚାର, ଅସମାନତା, ନିର୍ଯାତନା ତଥା ବଳାତ୍କାରର ଶିକାର ହେବାକୁ ପଡୁଥିବ ସେ ପର୍ଯ୍ୟନ୍ତ ମୋ ଅତୃପ୍ତ ଆତ୍ମା ସାରା ଭାରତରେ ଘୂରି ବୁଲୁଥିବ ।

ମହାନଦୀ ବିହାର, କଟକ
ମୋ-୯୮୬୧୧୪୦୧୬୯

## ଏଇ ଭାରତରେ

ପଢ଼ିବା ସମୟରେ ଅଭାବକୁ ଅତି ନିକଟରୁ ଦେଖିଥିଲେ ମନୋଜ ଯାଦବ । ସେଭଳି ସ୍ଥିତି ଆଉ କେଉଁ ପିଲା ସମ୍ମୁଖୀନ ନ ହେବା ଲାଗି ସେ ଶିକ୍ଷାଦାନର ଅଭିନବ ଉପାୟ ଆରମ୍ଭ କରିଛନ୍ତି । ସେ ବାରାଣସୀର ୧୫ଟି ଗାଁର ବସ୍ତିରେ ରହୁଥିବା ୫୦୦ ଗରିବ ପିଲାଙ୍କୁ ମାଗଣାରେ ପଢ଼ାଇ ଶିକ୍ଷାର ମୁଖ୍ୟ ଧାରାରେ ସାମିଲ କରୁଛନ୍ତି । ମନୋଜ ବାରାଣସୀର ପନ୍ଦରପୁରରେ ରହୁଛନ୍ତି । ଗରିବ ପିଲାମାନଙ୍କୁ ମାଗଣାରେ ପଢ଼ାଉଥିବା ମନୋଜ ଗରିବ ପରିବାରରୁ ଆସିଛନ୍ତି । ତାଙ୍କ ମା' ଓ ବାପା ଦିନମଜୁରିଆ ଭାବେ କାମ କରି ଘର ଚଳାଉଥିଲେ । ତେବେ ଦାରିଦ୍ର୍ୟ ଯୋଗୁ ବେଶି ପଢ଼ିପାରିଲେ ନାହିଁ ମନୋଜ । ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡିଗ୍ରୀ ହାସଲ କରିଛନ୍ତି । ତାଙ୍କୁ ବୟସ ୩୫ । ବିଗତ ୫ ବର୍ଷ ହେଲା ବସ୍ତିକୁ ଯାଇ ପିଲାଙ୍କୁ ପଢ଼ାଉଛନ୍ତି । ପ୍ରଥମେ ସେ ତାଙ୍କ ଗାଁ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ । ପରେ ପିଲାସଂଖ୍ୟା ବଢ଼ିବା ଯୋଗୁ ସେ ତାଙ୍କ ମା'ଙ୍କ ନାମରେ ୨୦୧୯ରେ 'ପ୍ରଭାବତୀ ୱେଲଫେୟାର ଫାଉଣ୍ଡେଶନ' ଗଠନ କରି ଏହା ମାଧ୍ୟମରେ ଉକ୍ତ ଅଭିଯାନକୁ ଗତିଶୀଳ କରିଛନ୍ତି । ଅନେକ ଯୁବକ ଚାକିରି ଛାଡ଼ି ଏହି କାର୍ଯ୍ୟରେ ମନୋଜଙ୍କ ସହ ଯୋଡ଼ି ହୋଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଅକ୍ଟୋବର ୧୯୯୭

- ହାର୍ଭାଡ୍ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ରବର୍ଟସ ସି. ମେର୍ଟନ ଏବଂ ଷ୍ଟାଣ୍ଡ ଫୋର୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ମାୟାରନ ଏସ୍. ସ୍କୁଲସଙ୍କୁ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ ।
- ବାଂଲାଦେଶର ଟାଙ୍ଗେଲ ସହର ନିକଟରେ ଦୁଇଟି ବସ ମୁହାଁମୁହିଁ ଧକ୍କା ହେବା ଫଳରେ ୫୮ ଯାତ୍ରୀ ମୃତ ।
- ଜଣାଶୁଣା ମାଲୟାଲାମ ଚଳଚ୍ଚିତ୍ର ନିର୍ମାତା ତଥା କେରଳ ଚଳଚ୍ଚିତ୍ର ଉନ୍ନୟନ ନିଗମର ପୂର୍ବତନ ଅଧ୍ୟକ୍ଷ ପି.ଆର୍.ଏସ୍. ପିଲାଇଙ୍କ ୭୬ ବର୍ଷ ବୟସରେ ପରଲୋକ ।

## ପାଠକ ଶ୍ରେଷ୍ଠ ବିଚାରକ

### ଯୁଦ୍ଧ ବନ୍ଦ କରାଯାଉ

ମହାଶୟ,

ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଯୁଦ୍ଧ ଚାଲିଛି । ଏଥିରେ ପ୍ରତିଦିନ ଦୁଇଦେଶର ସୈନ୍ୟ ସହିତ ସାଧାରଣ ଜନତା ମଧ୍ୟ ମୃତ୍ୟୁ ବରଣ କରୁଛନ୍ତି । ପୃଥିବୀର ବୃହତ୍ତମ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଇନ୍ଧନ ଯୋଗାଇବା ଭଳି ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଯୋଗାଉଛି । ଯେଉଁ ଆମେରିକା ଦିନେ ଚନ୍ଦ୍ରପୃଷ୍ଠକୁ ପ୍ରଥମେ ମଣିଷ ପଠାଇ ଗର୍ବିତ ମନେ କରୁଥିଲା (ପ୍ରାୟ ୫୦ବର୍ଷ ତଳେ), ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନର ହିରୋସୀମା ଓ ନାଗାସାକି ଉପରେ ଦୁଇଟି ପରମାଣୁ ବୋମା (ଲିଟିଲବୟ, ଫ୍ୟାଟ୍‌ମ୍ୟାନ୍) ପକାଇ ନିମିଷେକ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କୁ ମାରିପକାଇଲା । ପରମାଣୁ ବମ୍ ଅନେକଙ୍କୁ ପଙ୍ଗୁ କରି ଦେଇଥିଲା । ଆଜିବି ତା' ପ୍ରଭାବରେ ଅନେକ ଶିଶୁ ପଙ୍ଗୁ ହୋଇ ଜନ୍ମ ଗ୍ରହଣ କରୁଛନ୍ତି । ସେ ସୈନ୍ୟ ହେଉ ବା ସାଧାରଣ ନାଗରିକ, ଏମାନେ ରକ୍ତମାଂସଧାରୀ ମନୁଷ୍ୟ । ଯୁଦ୍ଧରେ ସେମାନଙ୍କୁ ମାରିବା ମାନବତାର ବିରୋଧୀ । ଶାନ୍ତି ପ୍ରତିଷ୍ଠା ପାଇଁ ଗଠିତ ଜାତିସଂଘ ଯୁଦ୍ଧ ବନ୍ଦ କରିବା ଲାଗି ପଦକ୍ଷେପ ନେବା ଉଚିତ ।

– କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚକିତେ ବଧିର ହିୟା
ଲଭିଲା ଶ୍ରବଣ,
ମଣିଲା ଏ କ୍ଷତରାଶି
ନୁହେ ଅକାରଣ ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଭଦ୍ରକରେ ପହଞ୍ଚିଲେ ସାଧାରଣ ପର୍ଯ୍ୟବେକ୍ଷକ**

**ଭଦ୍ରକ ଅଫିସ୍:** ଧାମନଗର ଉପନିର୍ବାଚନ ପରିଚାଳନା ଲାଗି ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଆଇଏଏସ୍ ଅଧିକାରୀ ନିରଞ୍ଜନ କୁମାର ଭଦ୍ରକରେ ପହଞ୍ଚିଛନ୍ତି। ଏଥିସହ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ଚରଣ ସିଂ ମୀନା ତାଙ୍କୁ ସାକ୍ଷାତ କରି ନିର୍ବାଚନ ପରିଚାଳନା ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଯୋଗାଯୋଗ ପାଇଁ ମୋବାଇଲ ନମ୍ବର ୭୮୫୪୮୨୬୫୦୯ ଓ ସକାଳ ୯ଟାରୁ ୧୦ଟା ମଧ୍ୟରେ ସାଲନ୍ଦୀ ଇରିଗେଶନ ଆଇବିରେ ସାକ୍ଷାତ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି।

# ଫେକ୍ ନ୍ୟୁଜ୍ ଉପରେ କଡ଼ା ନଜର

## କାର୍ଯ୍ୟାନୁଷ୍ଠାନ ନେବାକୁ କୁଣ୍ଠାବୋଧ ନାହିଁ: ଇସି

ନୂଆଦିଲ୍ଲୀ,୧୪।୧୦

ନଭେମ୍ବର ୧୨ରେ ହେବାକୁ ଥିବା ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ବେଳେ ଫେକ୍ ନ୍ୟୁଜ୍ ରୋକିବା ପାଇଁ ନିର୍ବାଚନ କମିଶନ (ଇସି)ଙ୍କ ଟିମ୍ ସୋସିଆଲ ମିଡିଆ ଉପରେ କଡ଼ା ନଜର ରଖିବ। ଆବଶ୍ୟକ ସ୍ଥଳେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଶୁକ୍ରବାର ମୁଖ୍ୟ ନିର୍ବାଚନ ଆୟୋଗ (ସିଇସି) ରାଜୀବ କୁମାର ସ୍ପଷ୍ଟ କରିଛନ୍ତି। ହିମାଚଳ ନିର୍ବାଚନ ତାରିଖ ଘୋଷଣା ଅବସରରେ ସିଇସି ରାଜୀବ କୁମାର କହିଛନ୍ତି, ଭୋଟ ବେଳେ ମିଥ୍ୟା ଖବର ବିସ୍ତାରକାରୀଙ୍କ ଉପରେ କଡ଼ା ନଜର ରଖିବା ଲାଗି ସୋସିଆଲ ମିଡିଆ ଟିମ୍ ଗଠନ କରାଯାଇଛି। ଫେକ୍ ନ୍ୟୁଜ୍ ଚିହ୍ନଟ ହେବା ମାତ୍ରେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ୨୦୧୯ ମାର୍ଚ୍ଚରେ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ଏହାର ଦୁରୁପଯୋଗକୁ ଦୃଷ୍ଟିରେ ରଖି ଭଲ୍ୟୁଣ୍ଟାରି କୋଡ୍ ଅଫ୍ ଏଥିକ୍ସ ମାନି ଚଳିବାକୁ ରାଜି ହୋଇଛନ୍ତି। ସତର୍କ ରହିବା ପାଇଁ ପ୍ଲାଟଫର୍ମଗୁଡ଼ିକୁ ଏବଂ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାର୍ଥୀଙ୍କ ସମର୍ଥକମାନେ ଯେପରି ଘୃଣା ମନ୍ତବ୍ୟ ଓ ଫେକ୍ ନ୍ୟୁଜ୍‌ରେ ଜଡ଼ିତ ହେବେ ନାହିଁ ତାହା ସୁନିଶ୍ଚିତ କରିବା ଲାଗି ରାଜନୈତିକ ଦଳଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସେହିପରି ମହିଳାଙ୍କ ମତଦାନ ବୃଦ୍ଧି ସକାଶେ କେତୋଟି ବୁଥ୍ ସମ୍ପୂର୍ଣ୍ଣ ଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ରାଜୀବ କୁମାର ସୂଚନା ଦେଇଛନ୍ତି।




**ହିମାଚଳ ନିର୍ବାଚନ**

# କ୍ଷମତାକୁ ଆସିଲେ ପୁରୁଣା ପେନ୍‌ସନ ଯୋଜନା ଲାଗୁ କରିବୁ: ପ୍ରିୟଙ୍କା

ସିମଲା,୧୪।୧୦(ପି.ଟି.)

ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଫେରିଲେ ସରକାରୀ କର୍ମଚାରୀମାନଙ୍କ ପାଇଁ ପୁରୁଣା ପେନ୍‌ସନ ଯୋଜନା ଲାଗୁ ହେବ ବୋଲି ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶୁକ୍ରବାର ପ୍ରତିଶ୍ରୁତି ଦେଇଛନ୍ତି। ସୋଲାନ ଜିଲାର ଥୋଡୋ ମଇଦାନରେ 'ପରିବର୍ତ୍ତନ ପ୍ରତିଜ୍ଞା ରାଲି'କୁ ସମ୍ବୋଧନ କରି ଏଆଇସିସି ସାଧାରଣ ସମ୍ପାଦିକା ଏହା କହିଛନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ପୁରୁଣା ପେନ୍‌ସନ ଯୋଜନାକୁ ଉଚ୍ଛେଦ କରିଥିଲା। ଏହାକୁ ଫେରାଇ ଆଣିବା ଦାବିରେ ରାଜ୍ୟର ୨ ଲକ୍ଷ କର୍ମଚାରୀ ଦୁଇମାସ ଯାଏ ଧାରଣାରେ ବସିଥିଲେ। ଉକ୍ତ ପେନ୍‌ସନ ଯୋଜନା ସହ ଏକ ଲକ୍ଷ ନିଯୁକ୍ତି ସୃଷ୍ଟି ନିମନ୍ତେ କଂଗ୍ରେସ ସରକାରଙ୍କ ପ୍ରଥମ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରିୟଙ୍କା କହିଛନ୍ତି। ହିମାଚଳପ୍ରଦେଶରେ ୬୩,୦୦୦ ପଦବୀ ଖାଲି ପଡ଼ିଥିବାବେଳେ ବେରୋଜଗାରୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ୫ବର୍ଷ ମଧ୍ୟରେ କଂଗ୍ରେସ ସରକାର ୫ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେବା ସହ ମହିଳାମାନଙ୍କ ଜୀବନ ଧାରଣ ମାନ ବୃଦ୍ଧି ଲାଗି ସେମାନଙ୍କୁ ମାସିକ ୧,୫୦୦ ଟଙ୍କା ଭତ୍ତା ଦିଆଯିବ ବୋଲି ପ୍ରିୟଙ୍କା କହିଛନ୍ତି।



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

# ଭୋଟ ଭିକ୍ଷା କଲେ ଖାର୍ଗେ

## ଓଡ଼ିଶାରେ କଂଗ୍ରେସ ସଭାପତି ପ୍ରାର୍ଥୀ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଏମ୍‌ପି ମଲ୍ଲିକାର୍ଜୁନ ଖାର୍ଗେ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭ୍ୟଙ୍କ ସହ ବୈଠକ କରିଛନ୍ତି। ଏହି ଅବସରରେ ସେ ନିଜର ପ୍ରାର୍ଥିତ୍ୱ ସମ୍ପର୍କରେ ଅବତାରଣା କରିବା ସହ ଭୋଟ ଭିକ୍ଷା କରିଛନ୍ତି। ବୈଠକ ପରେ ସେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ତାଙ୍କ ଗସ୍ତ ସମ୍ପର୍କରେ କହିଛନ୍ତି। ଖାର୍ଗେଙ୍କ ସହ ଏଆଇସିସିର ପୂର୍ବତନ ମୁଖପାତ୍ର ଗୌରବ ବଲ୍ଲଭ ମଧ୍ୟ ଉପସ୍ଥିତ ରହିଥିଲେ।

ଏହି ଅବସରରେ ଗୌରବ କହିଛନ୍ତି, ଇନ୍ଦିରା ଗାନ୍ଧୀଙ୍କ ସମୟରୁ ଖାର୍ଗେ କଂଗ୍ରେସରେ ସକ୍ରିୟ ଭାବେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଆସୁଛନ୍ତି। ପ୍ରାୟ ୫୫ ବର୍ଷ ଧରି ସେ ଶୃଙ୍ଖଳା ଓ ନିଷ୍ଠାର ସହ ଦଳର ସେବା କରିଆସୁଛନ୍ତି। ସେ ପ୍ରଥମେ ବ୍ଲକ କଂଗ୍ରେସ ସଭାପତି, ଜିଲା କଂଗ୍ରେସ ଉପସଭାପତି ଓ ସଭାପତି, ପ୍ରଦେଶ କଂଗ୍ରେସ ଉପସଭାପତି ଓ ସଭାପତି, ବିରୋଧୀ ଦଳ ନେତା ଭାବେ କାର୍ଯ୍ୟ କରିଛନ୍ତି। କର୍ଣ୍ଣାଟକରେ ବହୁବାର ମନ୍ତ୍ରୀ ଏବଂ ନିରବଚ୍ଛିନ୍ନ ୯ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଲୋକ ସଭାକୁ ୨ ଥର ଏବଂ ରାଜ୍ୟ ସଭାକୁ ଥରେ ନିର୍ବାଚିତ ହୋଇଛନ୍ତି। ସେ ଲୋକ ସଭାରେ କଂଗ୍ରେସ ସଂସଦୀୟ ଦଳର ନେତା ଏବଂ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଭାବେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି। ଖାର୍ଗେ କହିଛନ୍ତି, ସଭାପତି ନିର୍ବାଚନ ଲାଗି ତାଙ୍କର କିଛି ନୂତନ ଇସ୍ତାହାର ନାହିଁ। ରାଜସ୍ଥାନର ଉଦୟପୁର ଚିନ୍ତନ ଶିବିରରେ ଏଆଇସିସିର ବିଭିନ୍ନ ବିଶେଷଜ୍ଞ କମିଟିରେ ଘୋଷଣା ହିଁ ତାଙ୍କ ଇସ୍ତାହାର। ସେହି ଘୋଷଣାନାମା ଅନୁସାରେ ସାମାଜିକ ନ୍ୟାୟ, କୃଷକ ଓ ଯୁବକଙ୍କ ଅଧିକାର, ଅର୍ଥନୈତିକ ଏବଂ ବୈଦେଶିକ ନୀତି ସହ ବିଶେଷ କରି କଂଗ୍ରେସ ସାଙ୍ଗଠନିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ। ଆମ ଦେଶକୁ ରସାତଳଗାମୀ କରୁଥିବା ମୋଦି ସରକାର ବିରୋଧରେ ଦୁର୍ବାର ଆନ୍ଦୋଳନ କରିବାକୁ ହେବ। ଦରଦାମ ବୃଦ୍ଧି, ଜାତି, ଧର୍ମ ଓ ବର୍ଣ୍ଣକୁ ନେଇ ଦେଶରେ ହିଂସା, ଓ ଭେଦଭାବ ସୃଷ୍ଟିକରୁଥିବା ମୋଦି, ଭାଜପା ଓ ଆର୍‌ଏସ୍‌ଏସ୍‌କୁ ମୁକାବିଲା କରି ଦେଶରେ ଅଖଣ୍ଡତା, ଭ୍ରାତୃଭାବ, ଶାନ୍ତି, ବଜାୟ ରଖିବା ହେଉଛି ଆମର କର୍ତ୍ତବ୍ୟ। ମୋଦି ସରକାର ଗଣତନ୍ତ୍ରଙ୍କୁ ହତ୍ୟା କରୁଛନ୍ତି। କଂଗ୍ରେସର ନିର୍ବାଚିତ ସରକାର ଯଥା କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦିକୁ ସରକାରୀ କଳର ଅପବ୍ୟବହାର ଓ ଅର୍ଥବଳ ପ୍ରୟୋଗ କରି ମୋଦି ସରକାର ଭାଙ୍ଗି ଦେଇଛନ୍ତି। ଗୋଆ ଓ ମଣିପୁରରେ ମଧ୍ୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅବମାନନା କରିଛନ୍ତି। ଆଉ ଯେଉଁମାନେ ମୋଦି ସରକାରଙ୍କ ଭ୍ରଷ୍ଟାଚାର ଓ ଦୁର୍ନୀତି ବିରୋଧରେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ସିବିଆଇ, ଇଡି ଓ ଆୟକର ବିଭାଗକୁ ଲଗାଇ ହଇରାଣ ହରକତ କରାଯାଉଛି। ଦେଶ ସ୍ୱାଧୀନତା ପାଇଁ ଆର୍‌ଏସ୍‌ଏସ୍ ବା ଭାଜପାର କୌଣସି ଅବଦାନ ନାହିଁ। କଂଗ୍ରେସ ଦଳ ଦେଶକୁ ସ୍ୱାଧୀନତା ଦେଇଛି। ଆର୍‌ଏସ୍‌ଏସ୍ ବ୍ରିଟିଶର ବୋଲକରା ଥିଲା। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି।




ଭୁବନେଶ୍ୱର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ନେତୃବୃନ୍ଦଙ୍କ ସହ ଜାତୀୟ ସଭାପତି ପ୍ରାର୍ଥୀ ମଲ୍ଲିକାର୍ଜୁନ ଖାର୍ଗେ।

# ନାମାଙ୍କନ ଦାଖଲ କଲେ ବିଜେଡି ପ୍ରାର୍ଥିନୀ ଅବନ୍ତୀ

## ଧାମନଗର ଉପନିର୍ବାଚନ ପାଇଁ ମୋଟ ୬ ପ୍ରାର୍ଥୀ

ଭଦ୍ରକ ଅଫିସ, ୧୪।୧୦

ଧାମନଗର ଉପନିର୍ବାଚନ ପାଇଁ ଶୁକ୍ରବାର ଥିଲା ପ୍ରାର୍ଥିପତ୍ର ଦାଖଲର ଶେଷଦିନ। ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସ ନାମାଙ୍କନ ଦାଖଲ କରିଛନ୍ତି। ନେହେରୁ ଷ୍ଟାଡିୟମରୁ ଏକ ବିଶାଳ ଶୋଭାଯାତ୍ରାରେ ଦଳୀୟ ନେତା ଓ ସମର୍ଥକଙ୍କ ସହ ଆସି ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ସେ ପ୍ରାର୍ଥିପତ୍ର ଭରିଥିଲେ। ଏହି ଅବସରରେ ଅବନ୍ତୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳାମାନଙ୍କୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଧାମନଗରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଯେଉଁ ଭରସା ରଖିଛନ୍ତି, ଧାମନଗରବାସୀ ନିଶ୍ଚୟ ପୂରଣ କରିବେ ବୋଲି ଦୃଢ଼ ବିଶ୍ୱାସ ଅଛି। ଏହି ଶୋଭାଯାତ୍ରାରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ରାଜ୍ୟ ସଭା ଏମ୍‌ପି ସୁଲତା ଦେଓ, ମୁନ୍ନା ଖାଁ, ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ବିଧାୟକ ପ୍ରଫୁଲ୍ଲ ସାମଲ, ବ୍ୟୋମକେଶ ରାୟ, ସଞ୍ଜୀବ କୁମାର ମଲ୍ଲିକ, ବିଷ୍ଣୁବ୍ରତ ରାଉତରାୟ, ଅମର ଶତପଥୀ, ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମେତ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବିଜେଡିର ଭଦ୍ରକ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଧାମନଗରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ। ଅପରପକ୍ଷେ ବିଜେଡି ଟିକେଟ ନ ମିଳିବାରୁ ଅସନ୍ତୋଷ ପ୍ରକାଶ କରି ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ତେବେ ଉପନିର୍ବାଚନ ପାଇଁ ମୋଟ ୬ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ବିଜେଡିରୁ ଅବନ୍ତୀ, ଭାଜପାରୁ ସୂର୍ଯ୍ୟବଂଶୀ ସୂରଜ, କଂଗ୍ରେସରୁ ହରେକୃଷ୍ଣ ସେଠୀ, ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ସୂର୍ଯ୍ୟନାରାୟଣ ସେଠୀ ଓ ପବିତ୍ର ମୋହନ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପୂର୍ବରୁ ସୂରଜ ଓ ହରେକୃଷ୍ଣ ନାମାଙ୍କନ ଦାଖଲ କରିସାରିଛନ୍ତି। ଶନିବାର ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବାବେଳେ ସୋମବାର ପ୍ରତ୍ୟାହାର ରହିଥିବା ରିଟର୍ନିଂ ଅଫିସର ଅତିରିକ୍ତ ଉପଜିଲାପାଳ ଲକ୍ଷ୍ମୀପ୍ରସାଦ ସାହୁ ସୂଚନା ଦେଇଛନ୍ତି।



ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସ ଭଦ୍ରକ ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରୁଛନ୍ତି।

### ଦୁଇ ଗୋଷ୍ଠୀ ମୁହାଁମୁହିଁ

ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଦାସ ନିଜ ସମର୍ଥକଙ୍କ ସହ ଯାଇ ନାମାଙ୍କନପତ୍ର ଦାଖଲ ସାରି ଫେରୁଥିବା ବେଳେ ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସଙ୍କ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ଭିତରକୁ ପଶିଥିଲା। ଏହି ସମୟରେ ଉଭୟ ଗୋଷ୍ଠୀର କର୍ମୀଙ୍କ ମଧ୍ୟରେ କିଛି ସମୟ ପାଇଁ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ରାଜେନ୍ଦ୍ର ସମର୍ଥକଙ୍କ 'ରାଜୁ ଭାଇ ଜିନ୍ଦାବାଦ୍' ଓ ବିଜେଡି କର୍ମୀଙ୍କ 'ନବୀନ ପଟ୍ଟନାୟକ ଜିନ୍ଦାବାଦ୍' ନାରାରେ ବ୍ଲକ ଅଫିସ୍ ପରିସର ପ୍ରକମ୍ପିତ ହୋଇଥିଲା। ସ୍ଥିତିକୁ ଦେଖି ପୋଲିସ ରାଜେନ୍ଦ୍ର ଓ ତାଙ୍କ ସମର୍ଥକଙ୍କୁ ସାଇଡ୍ ଗେଟ୍‌ରେ ବାଟ କଢ଼ାଇ ନେଇଥିଲେ।

# ଧାମନଗର ଉପନିର୍ବାଚନ: ଭାଜପାର ୪୦ ଷ୍ଟାର ପ୍ରଚାରକ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ):** ଧାମନଗର ଉପନିର୍ବାଚନ ପାଇଁ ଭାଜପା ପକ୍ଷରୁ ୪୦ ଜଣ ଷ୍ଟାର ପ୍ରଚାରକଙ୍କ ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକାରେ ରାଜ୍ୟ ସଭାପତି ସମୀର ମହାନ୍ତି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ, ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ପ୍ରଭାରି ସୁନୀଲ ବଂଶଲ, ଡି. ପୁରନ୍ଦେଶ୍ୱରୀ, ବିଜୟପାଲ ସିଂ ତୋମାର, ସମ୍ବିତ ପାତ୍ର, ଜୁଏଲ ଓରାମ, ଅପରାଜିତା ଷଡ଼ଙ୍ଗୀ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ମନମୋହନ ସାମଲ, କନକ ବର୍ଦ୍ଧନ ସିଂଦେଓ, ସୁରମା ପାଢୀ, ପ୍ରଭାତୀ ପରିଡା, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ମାନସ ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ମୋହନ ମାଝି, ସୁକାନ୍ତ ନାୟକ, ଭାସ୍କର ମଢେଇ, ପ୍ରକାଶ ସୋରେନ, ନବ ଚରଣ ମାଝି, ସନାତନ ବିଜୁଳି, ବୁଦାନ ମୁର୍ମୁ, ଗଣେଶରାମ ଖୁଣ୍ଟିଆ, ରଘୁନାଥ ମହାନ୍ତି, ପଦ୍ମଲୋଚନ ପଣ୍ଡା, ଐର ଖାରବେଳ ସ୍ୱାଇଁ, ବିଭୁ ପ୍ରସାଦ ତରାଇ, ପବିତ୍ର ଆଚାର୍ଯ୍ୟ, କାଳନ୍ଦୀ ସାମଲ, ଅଭିମନ୍ୟୁ ସେଠୀ ଏବଂ ହେମନ୍ତ ପାଢ଼ୀ ରହିଛନ୍ତି।

# ସୂର୍ଯ୍ୟବଂଶୀଙ୍କ ପ୍ରଚାରରେ ମନମୋହନ



ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଲୋକଙ୍କୁ ନିବେଦନ କରୁଛନ୍ତି।

ଧାମନଗର,୧୪।୧୦(ସ୍ୱ.ପ୍ର./ଡି.ଏନ.ଏ.)

ଧାମନଗର ଉପନିର୍ବାଚନ ପାଇଁ ରାଜନୈତିକ ବାତାବରଣ ସରଗରମ ହୋଇଛି। ଶୁକ୍ରବାର ନାମାଙ୍କନ ଦାଖଲର ଶେଷଦିନ ସୁଦ୍ଧା ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ, କଂଗ୍ରେସ ପକ୍ଷରୁ ହରେକୃଷ୍ଣ ସେଠୀ, ବିଜେଡିରୁ ଅବନ୍ତୀ ଦାସ, ସ୍ୱାଧୀନ ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପ୍ରମୁଖ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭାଜପା ପ୍ରାର୍ଥୀ ତଥା ଦିବଂଗତ ବିଧାୟକ ବିଷ୍ଣୁ ସେଠୀଙ୍କ ପୁଅ ସୂର୍ଯ୍ୟବଂଶୀ ଗତ ୧୧ ତାରିଖରେ ନାମାଙ୍କନ ଦାଖଲ ସାରି ଲୋକସମ୍ପର୍କ ଅଭିଯାନ ଚାଲୁ ରଖିଛନ୍ତି। ନାମାଙ୍କନରେ ଆଗୁଆ ରହିଥିବା ବେଳେ ପ୍ରଚାରରେ ମଧ୍ୟ ଦୁଇପାଦ ଆଗରେ ରହିଛି ଭାଜପା। ପ୍ରଥମଥର ଏହି ଉପନିର୍ବାଚନରେ ପାଦ ଥାପିଥିବା ସୂର୍ଯ୍ୟବଂଶୀ ନିଜର ସମର୍ଥକମାନଙ୍କୁ ଧରି ଘର ଘର ବୁଲି ଲୋକଙ୍କୁ ଭେଟି ମନାଇବାରେ ଲାଗିପଡ଼ିଛନ୍ତି। ଏଥିସହ ଭାଜପାର ହେଭିୱେଟ ନେତା ତାଙ୍କ ପାଇଁ ଗାଁ ଗାଁରେ ବୁଲି ଭୋଟ ଭିକ୍ଷା ଆରମ୍ଭ କରି ଦେଇଛନ୍ତି। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ସୂର୍ଯ୍ୟବଂଶୀଙ୍କ ପ୍ରଚାର ମଙ୍ଗ ଧରିଛନ୍ତି। ସେହିପରି ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଜିଲା ପ୍ରଭାରୀ କାଳନ୍ଦୀ ସାମଲ, ଅଭିମନ୍ୟୁ ସେଠୀ, ବଦ୍ରିନାରାୟଣ ଧଳ, ଉଦୟ ନାରାୟଣ ମଲ୍ଲିକ, ସିପ୍ରା ବାଜପେୟୀ, ମନସ୍ୱିତା ଖୁଣ୍ଟିଆ, ଜିଲା ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁରଥ ଚନ୍ଦ୍ର ସେଠୀ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାତ୍ର ପ୍ରମୁଖ ପ୍ରଚାରରେ ସାମିଲ ହୋଇଛନ୍ତି। ସେମାନେ ତିହିଡ଼ି ଓ ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇ ପ୍ରଚାର କରୁଛନ୍ତି। ଶୁକ୍ରବାର ଅସୁରାଳି, କାସିମପୁର, ଗୋବିନ୍ଦପୁର, ବୁଢ଼ାକୁଟି ଓ ଭଗବାନପୁର ଅଞ୍ଚଳରେ ଲୋକଙ୍କୁ ଭେଟି ଭୋଟଭିକ୍ଷା କରିଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ ଡ୍ରାଇଭର ଦରକାର। ଦରମା: 10,000/-।
ଯୋଗାଯୋଗ:
9825495448

REQUIRED 29NOS (M/F) CANDIDATES
Post of Asst.Engg Asst. Manager / Jr. Engg / Supervisor Electrician / Technician / Store keeper/ Store In-charge/ Welder / Cleark / Peon.
Qualification: 9th/10th to B.Tech
Salary : Rs 9,380/- to Rs 74,800/-
Food & Accommodation facility
Email your CV to : sinterpower12@gmail.com
Contact : 99385 91098

REQUIRED
1. FRONT OFFICE RECEPTION
2. FRONT OFFICE ASSISTANT
3. DATA ENTRY OPERATOR
Salary : Rs.6000/- to Rs.10000/-
English & Hindi speak must
(Only Female candidates apply)
GREY SERVICES
Manmath Nivas, 4th floor, Jagannath Vihar, Balikuda, Gopalpur, Cuttack or Mumbai Office. Please share your CV & Photo Email : hr.grey-recruitment@gmail.com
Website : www.grey-recruitmrnt.com
CONTACT : 9776397019

GREEN TRENDS UNISEX SALOON
PATRAPADA
STAFF REQUIREMENT
Hair and beauty (Female)
Beautician (Female)
Saloon Manager (Female)
9078426667,7325932612

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
- ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥିନୀ ଆବେଦନ କରିପାରିବେ।
- ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
- ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
- ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
7608962459

See Career Appointment on every Wednesday & Saturday

MCL
ମହାନଦୀ କୋଲ୍‌ଫିଲଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
Ref. No.MCL/SBP/EE /2022/Advisor(Commercial-Power)/1734 Dtd.08.10.2022
Extension of Last Date of submission of Application for engagement of full-time Advisor (Commercial-Power) in MCL on contract basis
ଆମର ପୂର୍ବ ବିଜ୍ଞପ୍ତି ନମ୍ବର MCL/SBP/EE/2022/ Advisor (Commerical-Power)/1646 Dt.17.09.2022 ଅନୁସାରେ MCL ରେ ପୂର୍ଣ୍ଣ କାଳିକ ପରାମର୍ଶଦାତା (ବାଣିଜ୍ୟିକ-ଶକ୍ତି) ରେ ଯୋଗଦାନ ଦେବା ପାଇଁ ଆବେଦନ ଦାଖଲର ଶେଷ ତା 18.10.2022 ରିଖ ସନ୍ଧ୍ୟା 5.00 ଘଟିକା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି | ଯୋଗ୍ୟତା ମାନଦଣ୍ଡ, ଯୋଗ୍ୟତା, ଅଭିଜ୍ଞତା, ପରିସର ଏବଂ ସେବା ସହିତ ବିସ୍ତୃତ ବିଜ୍ଞପ୍ତି ଏବଂ ଆବେଦନ ଫର୍ମ www.mahanadicoal.in ୱେବସାଇଟରେ Careers@mcl -> Career News -> ନିଯୁକ୍ତି ଏବଂ CIL ୱେବସାଇଟ୍ www.coalindia.in ରେ ଉପଲବ୍ଧ ରହିଛି |
ସ୍ୱାକ୍ଷର
ଉପ ମହାପ୍ରବନ୍ଧକ (କାର୍ମିକ ଅଧି. ସ୍ଥା)

OFFICE OF THE PRINCIPAL
PANCHAYAT SAMITI HIGHER SECONDARY SCHOOL, MURIBAHAL, BALANGIR
E-mail Id: psjuniorcollegemuribahal@gmail.com
Mob. No.: 9437367435
WALK-IN-INTERVIEW
An interview for the posts of Lecturer in Commerce, Physics, Chemistry and Zoology is scheduled to be held in Panchayat Samiti Higher Secondary School, Muribahal on Dt.23.10.2022 at 10.30 A.M. to 3.00 P.M. Interested candidates having at least 55% of marks in Post Graduation are hereby invited to attend the said interview. Preference goes to the P.G.T. Candidates.
N.B.: No TA, DA will be given on said interview.
Sd./- Principal
P.S. Higher Secondary School, Muribahal



ODISHA PUBLIC SERVICE COMMISSION, CUTTACK

NOTICE

No. 9369/PSC Dt.14.10.2022

PF-1E-11-2021/22 (DR-III)

No. D-190: It is for information of all concerned that, pursuant to Advt. No. 24 of 2021-22, **60 (Sixty)** candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Political Science**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 02.11.2022, 03.11.2022 & 04.11.2022 as per the Programme mentioned below.

PROGRAMME OF INTERVIEW

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 02.11.2022 | 10.30 A.M. | 00112491, 00022851, 00117577, 00118624, 00117136, 00123138, 00121378, 00119419, 00071089, 00117412, 00068448 & 00124895 = **12 Candidates** |
| | | 3.00 P.M. | 00125474, 00133381, 00047506, 00072239, 00073105, 00133281, 00111212 & 00124223 = **08 Candidates** |
| 2 | 03.11.2022 | 10.30 A.M. | 00124768, 00119664, 00133231, 00112183, 00126619, 00118185, 00115851, 00116334, 00120656, 00119473, 00114380 & 00074648 = **12 Candidates** |
| | | 3.00 P.M. | 00117044, 00116055, 00119756, 00122278, 00031472, 00070206, 00060617 & 00115871 = **08 Candidates** |
| 3 | 04.11.2022 | 10.30 A.M. | 00125991, 00116061, 00122993, 00133254, 00040474, 00122671, 00119646, 00114885, 00115154, 00118722, 00119072 & 00115056 = **12 Candidates** |
| | | 3.00 P.M. | 00121094, 00051076, 00077770, 00038747, 00116128, 00132546, 00118362 & 00123947 = **08 Candidates** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview board. White board shall be provided by the commission for the purpose.

OIPR-12002/11/0178/2223 Sd./- Secretary



ODISHA LIFT IRRIGATION CORPORATION LIMITED

(A GOVERNMENT OF ODISHA UNDERTAKING)

OFFICE OF THE EXECUTIVE ENGINEER, LIFT IRRIGATION DIVISION, BHAWANIPATNA

E-mail ID: liftirrigation_bpt@yahoo.in

"E" Procurement Notice

Bid Identification No. OLIC-BPT-01/2022-23 Dt.13.10.2022

No. CAD-2159: **The Executive Engineer, Lift Irrigation Division, Bhawanipatna** on behalf of OLIC invites **Percentage Rate** bids in Single Cover System to be received in **Online Mode Only** for the work **Installation and Energisation of Revival LIPs under different Blocks in Kalahandi District** as detailed in the table below. The Bid should be submitted by the eligible class of contractors as mentioned below registered with the State Government and Contractors of equivalent grade/class registered with Central Government/M.E.S./Railways/C.P.W.D. for execution of Civil works with valid Electrical (H.T.) Licence issued by ELBO Odisha through Online in the Govt. website: **www.tendersodisha.gov.in**. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this Online tender process after necessary portal enrolment but shall have to subsequently undergo registration with appropriate authority of the State.

**1. Name of the Works: Installation & Energisation of River Lift Irrigation Projects with supply of all materials on Turnkey basis. 2. Total Nos. of Package: 44, 3. Approximate Estimated Cost: Rs.3.11 lakhs to Rs.24.90 lakhs, 4. Class of Contractor: As mentioned against each package, 5. Period of Completion: 90 days for all projects from the date of issue of work order. 6. Other details as follows:**

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of tender in the Office of the Executive Engineer, L.I. Division, Bhawanipatna |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Bhawanipatna | OLIC-BPT-01/ 2022-23 | 27.10.2022 at 11.00 Hrs. | 11.11.2022 at 17.00 Hrs. | 04.11.2022 at 17.00 Hrs. | 15.11.2022 at 11.00 Hrs. |

(5% GST (CGST 2.5% & SGST 2.5%) on the paper cost should be deposited in the GSTIN No.- 21AAACO5986G1ZF in legal name/Trade Name: Odisha Lift Irrigation Corporation Ltd. through e-challan).

- Details can be seen from the Website **www.tenderodisha.gov.in**.
- Any Corrigendum/Addendum will be displayed in the above website only.

OIPR-32148/11/0001/2223 Sd./- Executive Engineer, L.I. Division, Bhawanipatna

## ସଂକ୍ଷେପରେ

### ମହାଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି



ମୁନିଗୁଡ଼ା,୧୪।୧୦(ଡି.ଏନ୍.ଏ.)-ରାୟଗଡ଼ା ଜିଲା ମୁନିଗୁଡ଼ା ପାଇକସାହି ସ୍ଥିତ ବିଜୁ ପଟ୍ଟନାୟକ ଯୁବ ସଂସଦ ଏବଂ ମହାଲକ୍ଷ୍ମୀ ପୂଜା କମିଟିର ମିଳିତ ଆନୁକୂଲ୍ୟରେ ୩୫ ତମ ମହାଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ଜଗବନ୍ଧୁ ପଣ୍ଡାଙ୍କ ପୌରୋହିତ୍ୟରେ ଶୁଭଖୁଣ୍ଟି ସ୍ଥାପନ ପୂଜା ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ ଅରକ୍ଷିତ ମାର୍ଥାଙ୍କ ଦ୍ୱାରା ସଙ୍କଳ୍ପ କରାଯାଇଥିବା ବେଳେ ପୁରୋହିତ ନିକୁଞ୍ଜ ଶତପଥୀ, ସଦାନନ୍ଦ ମହାପାତ୍ର, ସୁରେଶ ରଥ, ମଙ୍ଗଳା ସାବତ, ଗଣେଶ ରଣା ପ୍ରମୁଖ ସହାୟତା କରିଥିଲେ। ପରେ ବିଜୁ ପଟ୍ଟନାୟକ କ୍ଲବ ପରିସରରେ ସଭାପତି ଚକ୍ରପାଣି ମାର୍ଥାଙ୍କ ସଭାପତିତ୍ୱରେ ୩୫ତମ ମହାଲକ୍ଷ୍ମୀ ପୂଜା ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଚଳିତ ବର୍ଷ ମଧ ସର୍ବସମ୍ମତି କ୍ରମେ ୨୬ ବର୍ଷ ଧରି ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କୁ ସଭାପତି ଚୟନ କରାଯାଇଥିବା ବେଳେ ଉପ ସଭାପତି ଭାବେ ସମ୍ବାରୁ କୁମୁରୁକା, ସମ୍ପାଦକ ରୂପେ ରମାକାନ୍ତ ମାର୍ଥା, ଯୁଗ୍ମ ସମ୍ପାଦକ ଭାବେ ଚନ୍ଦନ ସାହୁ(ରିଣ୍ଟୁ) ଓ କୋଷାଧ୍ୟକ୍ଷ ଭାବେ ଅଜିତ ନାୟକ(କାଳିଆ) ପ୍ରମୁଖଙ୍କୁ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀ ଭାବେ କେ. ସତ୍ୟନାରାୟଣ(ବାବୁଜି), ନନ୍ଦକିଶୋର ପଟ୍ଟନାୟକ, ଜାମି. ମହେଶ, ଭାରତବନ୍ଧୁ ନାୟକ, ସୁରେନ୍ଦ୍ର ଅଗ୍ରୱାଲ(ଟିଟୁ), ଶଙ୍କର ନାୟକ, ନାଇ ବାବୁ, ରାଜା ବେହେରା ଓ ଆଇନ ପରାମର୍ଶ ଉପଦେଷ୍ଟା ସୁଧାକର ମହାରଣା ପ୍ରମୁଖଙ୍କୁ ଚୟନ କରାଯାଇଛି।

### ବେଆଇନ ମଦ ବିକ୍ରି ଅଭିଯୋଗରେ ଢାବା ମାଲିକ ଗିରଫ

ଉମରକୋଟ, ୧୪।୧୦(ସ୍ୱ.ପ୍ର.)-ଉମରକୋଟ ପୋଲିସ ଧୋଡ୍ରା ନିକଟରେ ଥିବା ବିଡ୍ରି ଢାବା ଉପରେ ଚଢ଼ାଉ କରି ବେଆଇନ ଭାବରେ ବିକ୍ରି ପାଇଁ ରଖିଥିବା ୩୬ଟି ବିଦେଶୀ ମଦ ବୋତଲ ଜବତ କରିଛି। ଏଥିସହ ମାଲିକ ସବ୍ୟସାଚୀ ଗୁପ୍ତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉମରକୋଟ ଥାନାରେ କେସ ନମ୍ବର ୩୭୬/୨୨ରେ ଏକ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ଢାବା ମାଲିକଙ୍କ ଏକ ଅଡିଓ ୨ଦିନ ପୂର୍ବେ ଭାଇରାଲ ହୋଇଥିଲା। ଯେଉଁଥିରେ ସେ ମଦ ବିକ୍ରି କରୁଥିବା ସ୍ୱୀକାର କରିଥିଲେ।

### ଖୁଡୁଖୁଡି ଖେଳ ଉପରେ ଚଢ଼ାଉ, ୩ ଗିରଫ

ଉମରକୋଟ, ୧୪।୧୦(ସ୍ୱ.ପ୍ର.)-ଉମରକୋଟ ପୋଲିସ ପୂର୍ଲାରେ ଚାଲିଥିବା ଖୁଡୁଖୁଡି ଖେଳ ଚାଲିଥିବ ବେଳେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କାନାକୋଟ ଗାଁର ରୂପଧର ହରିଜନ, ବିରିଡାଙ୍ଗିରିର ଲକ୍ଷ୍ମୀନାଥ ହରିଜନ ଓ ତେନ୍ତୁଳିଗାଁର ଦଶରଥ ଭତ୍ରା। ସେମାନଙ୍କଠାରୁ ୧୫୯୦ ଟଙ୍କା ଓ ଜୁଆ ଖେଳ ସାମଗ୍ରୀ ମିଳିଛି। ଘଟଣାସ୍ଥଳରୁ ୬ଟି ବାଇକ ଜବତ କରି ଥାନାକୁ ଅଣା ଯାଇଛି ବୋଲି ଉମରକୋଟ ଥାନାଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି। ଚଢ଼ାଉବେଳେ ଅନ୍ଧାରର ସୁଯୋଗ ନେଇ ଅନେକେ ଖସି ପଳାଇବାରେ ସମର୍ଥ ହୋଇଛନ୍ତି।

### ବିପଦସଙ୍କୁଳ ଯାତ୍ରା, ପ୍ରଶାସନ ନୀରବଦ୍ରଷ୍ଟା

ଚନ୍ଦାହାଣ୍ଡି, ୧୪।୧୦(ଡିଏନ୍.ଏ.)-



ନବରଙ୍ଗପୁର ଜିଲା ଚନ୍ଦହାଣ୍ଡି ବ୍ଲକରେ ଦୈନିକ ପିକ୍ଅପ୍ ଭ୍ୟାନ୍‌ରେ ବିପଦସଙ୍କୁଳଭାବେ ଲୋକେ ଯାତ୍ରା କରୁଛନ୍ତି। ଓଭର ଲୋଡିଂ ଯୋଗୁ କେତେବେଳେଯେ ଦୁର୍ଘଟଣା ଘଟି କେହି କହିପାରିବେ ନାହିଁ। ପ୍ରଶାସନ କିନ୍ତୁ ନୀରବଦ୍ରଷ୍ଟା ସାଜିଛି। ଏ ଦିଗରେ ଦକ୍ଷେପ ନେବାକୁ ଦାବି ହୋଇଛି। ଚନ୍ଦାହାଣ୍ଡି ସମେତ ପଡୋଶୀ ଛତିଶଗଡ଼ ପିକ୍ଅପ୍ ଭ୍ୟାନ ମାଲିକମାନେ ମାଲ ପରିବହନ କରିବାବେଳେ ଅଧିକ ଟଙ୍କା ଆଶାରେ ବିଭିନ୍ନ ବ୍ୟାଣ୍ଡ ପାର୍ଟି ଏବଂ ନାଟକ ଦଳର କଳାକାରଙ୍କୁ ଛେଳି ମେଣ୍ଢା ପରି ବସାଇ ନେଇଥାନ୍ତି। ପୋଲିସ ଦେଖି ମଧ କୌଣସି ପଦକ୍ଷେପ ନେଉନ ଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଚନ୍ଦାହାଣ୍ଡି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଆଗାମୀ ଦିନ ରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

ପାପଡ଼ାହାଣ୍ଡି,୧୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ଗ୍ରାମରେ ଜବରଦଖଲ ଉଚ୍ଛେଦବେଳେ ଶୁକ୍ରବାର ଉତ୍ତେଜନା ଦେଖାଦେଇଛି। ପଞ୍ଚାୟତ ଜାଗାରେ ଅବୈଧ ଷ୍ଟଲ୍ ନିର୍ମାଣ ଓ ନାଳ ଉପରେ ଦୋକାନ ଘରକୁ ପ୍ରଶାସନ ଭାଙ୍ଗିଦେଇଛି। ଦୀର୍ଘଦିନ ଧରି ଜବରଦଖଲ କରି ରଖିଥିବା ବ୍ୟକ୍ତିଙ୍କୁ ପ୍ରଶାସନ ତାଗିଦ କରି ଫେରିଛି।

ସୂଚନା ମୁତାବକ ମୋକିଆ ମାର୍କେଟ ଛକ ନିକଟରେ ରାସ୍ତା କିସମ ଜାଗାରେ ଏକ ବେଆଇନ ଷ୍ଟଲ୍ ନିର୍ମାଣ କରାଯାଇଥିଲା। ଦଶମୁ ହରିଜନ ଏହି ଷ୍ଟଲ୍ କରି ଦୋକାନ ଚଳାଇଥିଲେ। ସେହିପରି କୁନି ନାୟକ



ଜବରଦଖଲ ଉଚ୍ଛେଦ କରାଯାଉଛି।

ନାମକ ଜଣେ ମହିଳା ରାସ୍ତା ପାର୍ଶ୍ୱରେ ଥିବା ନାଳ ଉପରେ ଦୋକାନ ନିର୍ମାଣ କରିଥିଲେ। ଏ ନେଇ ସରପଞ୍ଚ ଜଗଜ୍ଜୀବନ ନାୟକ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜଣାଇଥିଲେ। ସେମାନେ ଏଭଳି ଦୋକାନ କରିବା ଦ୍ୱାରା ମାର୍କେଟ ଲୋକ ଏବଂ ବ୍ୟବସାୟୀଙ୍କୁ ସମସ୍ୟା ହେଉଥିବା ନେଇ ଅଭିଯୋଗ କରିଥିଲେ ସରପଞ୍ଚ। ଏହାପରେ ଜାଗା ଖାଲି କରିବା ନେଇ ତହସିଲ ପକ୍ଷରୁ ନୋଟିସ କରାଯାଇଥିଲା। କିନ୍ତୁ ଉଭୟ ଦୋକାନୀ ନୋଟିସକୁ ବେଖାତିର କରି ଚାଲିଥିଲେ। ଶୁକ୍ରବାର ତହସିଲଦାର ଯୋଗେଶ୍ୱର ଭୋଇ, ପାପଡ଼ାହାଣ୍ଡି ଥାନାଧିକାରୀ ରାମେଶ୍ୱର ପ୍ରଧାନ, ଅତିରିକ୍ତ ତହସିଲଦାର ମଧୁସୂଦନ ମାଝି, ସୁପରଭାଇଜର ଦେବେନ୍ଦ୍ର ମାଝି, ଆର୍ଆଇ ଦହଣା ପୂଜାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଦୋକାନ ଖାଲି କରିବା ଲାଗି କହିଥିଲେ। କିନ୍ତୁ ଦୋକାନୀ ୨ଜଣ ଏହାର ପ୍ରତିବାଦ କରିଥିଲେ। ପାଟିତୁଣ୍ଡ ସହ ଉତ୍ତେଜନା ଦେଖାଦେଇଥିଲା। କର୍ମଚାରୀଙ୍କ ସହ ଟଣାଓଟଣା ମଧ ହୋଇଥିଲା। ପରେ ପୋକ୍‌ଲିନ ସହାୟତାରେ ଦୋକାନ ଭଙ୍ଗାଯାଇଥିଲା। ଏହି ଜବରଦଖଲ ଉଚ୍ଛେଦବେଳେ ମୋକିଆ ସରପଞ୍ଚ, ଯୁଗଳ ବିଷୋୟୀ, ୱାର୍ଡମେମ୍ବର ମାଳତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ ଏସ୍ଏଚ୍‌ଜିଙ୍କୁ ମାଛଚାଷ ପାଇଁ ସହାୟତା

ବିଷମକଟକ,୧୪।୧୦(ଡି.ଏନ୍.ଏ.)

**୨ ଗୋଷ୍ଠୀଙ୍କୁ ମିଳିଲା ମାଛଦାନା ପ୍ରସ୍ତୁତି ମେଶିନ**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଚାଟିକଣା ସ୍ଥିତ ଆଦିବାସୀ ବ୍ୟାଖ୍ୟାନ କେନ୍ଦ୍ରରେ ଜଳ, କୃଷି ସମନ୍ୱୟ ବିକାଶ ପ୍ରଶିକ୍ଷଣ ପ୍ରଦର୍ଶନୀ ଏବଂ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ଆଇସିଏଆର୍‌ର ଟିମ୍ ଲିଡର ଡ. ଏସ୍.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ ଚୁଲାକଣ୍ଟି ତେଜନ୍, ବୈଜ୍ଞାନିକ ଡ.କେ.ସି. ଦାଶ, ଡ. ଏସ୍.କେ. ସାହୁ ଯୋଗଦେଇ ମାଛ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବ୍ଲକର ୧୩ ଏସ୍ଏଚ୍‌ଜିଙ୍କୁ ମାଛଚାଷ ତାଲିମ ଦିଆଯାଇଥିଲା। ୧୩ ଗ୍ରାମର ଗୋଷ୍ଠୀଙ୍କୁ ମାଛଚାଷ ନିମନ୍ତେ ଜାଲ, ମାଛଖାଦ୍ୟ ଏବଂ ଯାଆଁଳ ପ୍ରଦାନ କରାଯାଇଥିଲା। ସେହିପରି ୧୩ଗୋଷ୍ଠୀ ମଧ୍ୟରୁ ଗୌରାଗୁଡ଼ା ଏବଂ ଗୋଏଲକଣା ଗୋଷ୍ଠୀକୁ ଜାଲ, ଖାଦ୍ୟ ଏବଂ ଯାଆଁଳ ସହ ମାଛଦାନା ତିଆରି ମେଶିନ ପ୍ରଦାନ କରାଯାଇଥିଲା। ଚାଟିକଣା ସ୍ଥିତ ଓପିଲିପ୍ ପକ୍ଷରୁ ପୋଗ୍ରାମ୍ ମ୍ୟାନେଜର ସୁଦର୍ଶନ ପାଢ଼ିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।



ଗୋଷ୍ଠୀ ମହିଳାଙ୍କୁ ମାଛ ଯାଆଁଳ ପ୍ରଦାନ କରାଯାଉଛି।

# ମାରିଗୁଡ଼ାରେ କୂଳ ଖାଉଛି ନଦୀ

ରାୟଗଡ଼ା ଅଫିସ,୧୪।୧୦

- ପଥର ଆଡ଼ିବନ୍ଧ ନିର୍ମାଣ ଦାବି
- ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ: ଜିଲାପାଳ

ରାୟଗଡ଼ା ବ୍ଲକ ବାଇସିଂ ପଞ୍ଚାୟତର ମାରିଗୁଡ଼ା ଗ୍ରାମଦେଇ ପ୍ରବାହିତ ନାଗାବଳୀ ନଦୀ ଦିନକୁ ଦିନ କୂଳ ଖାଇବାରେ ଲାଗିଛି। ନଦୀ ଗାଁଠାରୁ ଅଳ୍ପ ଦୂରରେ ପ୍ରବାହିତ ହେଉଥିବାରୁ ୨ ଦିନ ବର୍ଷାରେ ଅନେକ ଲୋକଙ୍କ ଚାଷଜମି ନଷ୍ଟ ହୋଇଛି। ତେଣୁ ନଦୀ ତୁଠକୁ ପଥରରେ ଆଡ଼ିବନ୍ଧ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଶୀଘ୍ର ବ୍ୟବସ୍ଥା ନ କଲେ ଗାଁ ନଦୀରେ ବିଲୀନ ହୋଇଯିବ ବୋଲି ଗ୍ରାମବାସୀ ଶୁକ୍ରବାର ସ୍ୱଧା ଦେବ ସିଂଙ୍କୁ ସାକ୍ଷାତ କରି ଜଣାଇଛନ୍ତି। ନିଜେ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି ଜାତୀୟ ପତାକା

ନନ୍ଦାହାଣ୍ଡି,୧୪।୧୦,(ଡି.ଏନ.ଏ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକାକୁ ଅସମ୍ମାନ। ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଶିଢ଼ି ତଳେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି କେତେଗୁଡ଼ିଏ ଜାତୀୟ ପତାକା। ଏହା ଉପରେ ପାନଛେପ ଆଦି ପଡିଛି। କିନ୍ତୁ ବିଡମ୍ବନାର ବିଷୟ ଯେ କୌଣସି ଅଧିକାରୀଙ୍କର ଏ ଦିଗରେ ନଜର ନାହିଁ।

ଉକ୍ତ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଏବ ବ୍ୟାନର ପଡିଥିଲା। ଯାହା ଉପରେ ପାନଛେପ ଓ ଅନ୍ୟ ଅଳିଆ ପଡିଥିଲା। ଏହା ଦେଖି କେତେଜଣ ବିରୋଧ କରିବାରୁ ତାହାକୁ ବ୍ଲକ ପ୍ରଶାସନ ପକ୍ଷରୁ ହଟାଯାଇଥିଲା। ଏହି ପୋଷ୍ଟର ହଟାଯିବା ପରେ ଏହାତଳୁ ଏକାଧିକ ଜାତୀୟ ପତାକା ମିଳିଥିଲା। କିଛିଦିନ ତଳେ ବ୍ଲକ କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିବାବେଳେ ଜାତୀୟ ପତାକା ଏପରି ପରିତ୍ୟକ୍ତଭାବେ



ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ପଡିଥିବା ଜାତୀୟ ପତାକା ।

ପଡିଥିବା କାହାରି ନଜରରେ କିପରି ଆସି ନ ଥିଲା ସେ ନେଇ ପ୍ରଶ୍ନ ଉଠିଛି। ଏ ନେଇ ବିଡିଓ ଶିବଶଙ୍କର ମୁର୍ମୁଙ୍କୁ ପଚାରିବାରୁ ଜାତୀୟ ପତାକା କିପରି ଏଠାକୁ ଆସିଲା ସେ ବିଷୟରେ କୌଣସି ଧାରଣା ନାହିଁ। ଏହାର ତଦନ୍ତ କରାଯିବ। ଘଟଣା ବିଷୟରେ ଜାଣିବାପରେ କର୍ମଚାରୀଙ୍କୁ କହି ଜାତୀୟ ପତାକାକୁ ସେଠାରୁ ହଟାଯାଇଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟାନର ଗୁଡିକରେ କିଛି ସ୍କୁଲର ୟୁଡାଇସ କୋଡ୍ ଉଲ୍ଲେଖ ଥିଲା। ତେଣୁ ଏ ନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ବେହେରାଙ୍କୁ ପଚାରିବାରୁ ସେ ଏ ବିଷୟ ଅଜ୍ଞ ଅଛନ୍ତି ବୋଲି କହିଛନ୍ତି। ଜାତୀୟ ପତାକା ଓ ମୁଖ୍ୟମନ୍ତ୍ରୀଙ୍କ ଏହି ବ୍ୟାନର ସବୁ କେଉଁଠାରୁ ଆସିଲା ତାହାର ତଦନ୍ତ ଦାବି ହୋଇଛି।

# ଯୋଗଦେଲେନି ଜିଲା ସଭାପତି, ଦଳୀୟ ନେତା

ରାୟଗଡ଼ା ଅଫିସ,୧୪।୧୦

**ବିଜେଡିର ନୂତନ କର୍ମୀ କାର୍ଯ୍ୟାଳୟ ଉଦ୍‌ଘାଟିତ**

ରାୟଗଡ଼ା ବିଜେଡି ପକ୍ଷରୁ ରିଙ୍ଗରୋଡ଼ ସ୍ଥିତ ଗାୟତ୍ରୀ ନଗର ଠାରେ ଏକ ନୂତନ କର୍ମୀ କାର୍ଯ୍ୟାଳୟ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରାୟଗଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ନେତା ପେଦେଣ୍ଟି ରାମୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ରାୟଗଡ଼ା ବିଜେଡିର ସ୍ଥାନୀୟ କର୍ମୀ ୟାଲ୍ଲା ଭେଙ୍କେଟେଶ୍ୱର ରାଓଙ୍କ ନେତୃତ୍ୱରେ ରାୟଗଡ଼ା ବସଷ୍ଟାଣ୍ଡ ଠାରୁ ଗାୟତ୍ରୀ ନଗର ସ୍ଥିତ ନୂତନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶତାଧିକ ବିଜେଡି କର୍ମୀ ବିରାଟ ଶୋଭାଯାତ୍ରାରେ ଯାଇଥିଲେ। ଏହି ସମୟରେ ସହରରେ ଅବସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ରାୟଗଡ଼ା ଜିଲା ସଦରଠାରେ ବିଜେଡିର କୌଣସି ଦଳୀୟ କାର୍ଯ୍ୟାଳୟ ନ ଥିବାରୁ କର୍ମୀମାନେ ସାଙ୍ଗଠନିକ ସମସ୍ୟା ନେଇ ଆଲୋଚନା ଓ ସାଙ୍ଗଠନିକ ବୈଠକ କରିବାରେ ସମସ୍ୟା ହେଉଥିଲା। ଫଳରେ କର୍ମୀମାନେ ଦଳୀୟ କାର୍ଯ୍ୟାଳୟ ଗୃହ ପାଇଁ ବାରମ୍ବାର ଦାବି କରି ଆସୁଥିଲେ। ତେବେ ଶୁକ୍ରବାର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ସୁଧୀର ଦାଶ ଏବଂ ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ପ୍ରମୁଖ ନେତାଙ୍କ ଅନୁପସ୍ଥିତି ନାନା ପ୍ରଶ୍ନ ସୃଷ୍ଟି କରିଛି। ସହରରେ ବିଜେଡିର ଏହା ଏକ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ କାର୍ଯ୍ୟକ୍ରମ ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ଏ ନେଇ ଜିଲା ବିଜେଡି ସଭାପତି ସୁଧୀର ଦାଶଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ । ତେବେ ପୂର୍ବତନ ରାଜ୍ୟସଭା ସଦସ୍ୟ ଭାସ୍କର ରାଓ ଏବଂ ଦଳର ଅନ୍ୟ ନେତାଙ୍କ ସମର୍ଥନରେ ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଥିବା ଦଳୀୟ କର୍ମୀ ୟାଲ୍ଲା ଭେଙ୍କଟେଶ୍ୱର ରାଓ ପ୍ରକାଶ କରିଛନ୍ତି। ଦଳରେ କୌଣସି ଅସନ୍ତୋଷ ନାହିଁ ବୋଲି ସେ କହିଛନ୍ତି।



ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ନୂତନ କାର୍ଯ୍ୟାଳୟକୁ ଯାଉଛନ୍ତି ।

### ଅବନୀ ଦାସଙ୍କ ସ୍ମୃତିସଭା

ନବରଙ୍ଗପୁର,୧୪।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ଦହଣା ନିବାସୀ ଲୋକପ୍ରିୟ ଗାୟକ ଅବନୀ କୁମାର ଦାସଙ୍କ ସ୍ମୃତିସଭା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାର ଅସିତ କୁମାର ଦେଓ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରଦୀପ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ସୁରେଶ ମହାନ୍ତି, ନାଟ୍ୟକାର ଦେବଦାସ ମହାକୁଡ, କଣ୍ଠଶିଳ୍ପୀ ସୁରେଶ ମିଶ୍ର, ଦିଲୀପ ହୋତା, ଜ୍ୟୋତି ପରିଛା, ଅସିତ ଦେଓ ପ୍ରମୁଖ ଅବନୀ ଦାସଙ୍କୁ ମନେପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପ୍ରସାଦ ପାଢ଼ୀ, ଯୁଗଳ ତ୍ରିପାଠୀ, ଅଶୋକ ମହାନ୍ତି, ଅମରନାଥ ମହାନ୍ତି, ଦୁର୍ଗାପ୍ରସାଦ ପ୍ରଧାନୀ, ଜଗନ୍ନାଥ ଆଚାରୀ, ଏ.ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାକୁ ଅଶୋକ ମହାନ୍ତି ଓ ଅନ୍ୟ ଯୁବକଳାକାରମାନେ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତି ପରିଛା ସଂଯୋଜନା କରିଥିଲେ।

### ପାତ୍ରପୁଟରେ ଲାଖବିନ୍ଧା ବଜାର

ତେନ୍ତୁଳିଖୁଣ୍ଟି, ୧୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ପାତ୍ରପୁଟରେ ଲାଖବିନ୍ଧା ବଜାର ଅନୁଷ୍ଠିତ ହୋଇଯାଇଛି। ବିଗତ ୮ଦଶକରୁ ହିଁ ପରମ୍ପରା ଅଦ୍ୟାବଧି ଚାଲିଆସୁଛି। ଗ୍ରାମର ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ଏହା ଆରମ୍ଭ କରାଯାଇଥିଲା। ତତ୍କାଳୀନ ଗ୍ରାମର ମୁଖ୍ୟ ବ୍ୟକ୍ତି ସ୍ୱର୍ଗତ ଜୟରାମ ବିଷୋୟୀ, ଚତୁର ପ୍ରଧାନୀ ଓ ଶୁକ୍ର ବିଷୋୟୀଙ୍କ ଉଦ୍ୟମରେ ପାରମ୍ପରିକ ଭାବେ ଗୋଟିଏ ଲମ୍ବା ବାଉଁଶ ଲାଠି ଶୀର୍ଷରେ ଏକ ବାଇଗଣ ବନ୍ଧାଯାଇ ତାକୁ ଲକ୍ଷ୍ୟଭେଦ କରାଯାଉଥିଲା।ଯିଏ ଲକ୍ଷ୍ୟ ଭେଦକରନ୍ତି ତାଙ୍କୁ ଧୋତି ସହ କିଛି ଅର୍ଥରାଶି ଦେଇ ସମ୍ମାନିତ କରାଯାଇଥାଏ। ଏହି ଲାଖବିନ୍ଧା ଉତ୍ସବରେ ପୂର୍ବତନ ଏମ୍‌ପି



ଖଗପତି ପ୍ରଧାନୀଙ୍କ ବଡ଼ପୁଅ ତ୍ରିନାଥ ପ୍ରଧାନୀ ଗୋଟିଏ ଥରରେ ସଫଳ ହୋଇଥିଲେ। ଗ୍ରାମର ଭଦ୍ରବ୍ୟକ୍ତିଙ୍କ ସହଯୋଗରେ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଚାଲୁରହିଛି ବୋଲି ପୀତାମ୍ବର ବିଷୋୟୀ ପ୍ରକାଶ କରିଥିଲେ। ଏହି ବଜାର ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଲୋକ ସମାଗମ ହୋଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

rgdselfie@gmail.com



@ ଜ୍ୟୋତି



@ ସୁକାନ୍ତ



@ ପ୍ରବୀଣ



@ ମହମ୍ମଦ ହୁସେନ୍



@ ବିକାଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏଏନ୍ଏମ୍‌ଙ୍କ ବଦଳି ଦାବିକଲେ ୪ ଆଶାକର୍ମୀ

ପାପଡାହାଣ୍ଡି,୧୪।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମାଝିଗୁଡ଼ା ଏଏନ୍ଏମ ପୁଷ୍ପାଞ୍ଜଳି ମଲ୍ଲିକଙ୍କ ବଦଳି ଦାବିକରି ୪ଜଣ ଆଶାକର୍ମୀ ଶୁକ୍ରବାର ଜିଲାପାଳଙ୍କୁ ଭେଟିଛନ୍ତି। ଏଏନ୍ଏମ୍‌ଙ୍କ ବଦଳି ନ ହେଲେ ସେଣ୍ଟର କାମ କରିବେନି କି କାହାକୁ କାମ କରାଇବାକୁ ଦେବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ନୂଆଗୁଡ଼ା ଆଶାକର୍ମୀ ଟଭା ହରିଜନ, ବଡ଼ବାର୍ଲି ଆଶା ଡୋଲି ଲେଙ୍କା, ଭାଲୁଝର ଆଶା ଗୋମତୀ ଭତରା ଓ ସାନବାର୍ଲି ଆଶା ପ୍ରେମଶୀଳା ନାୟକ ଶୁକ୍ରବାର ଜିଲାପାଳଙ୍କୁ ଭେଟିଥିଲେ । ମାଝିଗୁଡ଼ା ସେଣ୍ଟର ଏଏନ୍ଏମ୍ ପୁଷ୍ପାଞ୍ଜଳି ମଲ୍ଲିକ ସବୁବେଳେ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର ସହ ଖରାପ ଭାଷାରେ ଗାଳିଗୁଲଜ କରୁଛନ୍ତି। ପ୍ରତ୍ୟେକ ରିପୋର୍ଟ କାର୍ଡ ପାଇଁ ଲୋକଙ୍କୁ ଟଙ୍କା ମାଗୁଛନ୍ତି । ସମସ୍ତଙ୍କୁ ହଇରାଣ କରୁଛନ୍ତି ବୋଲି ଆଶାକର୍ମୀମାନେ ଜିଲାପାଳଙ୍କ ନିକଟରେ ଲିଖିତଭାବେ ଜଣାଇବା ସହ ଏନଏଏମ୍‌ଙ୍କ ବଦଳି ଦାବି କରିଛନ୍ତି।

ପୂର୍ବରୁ ନବରଙ୍ଗପୁର ଏମ୍‌ପି ରମେଶ ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ବ୍ଲକ ଅଧ୍ୟକ୍ଷା ହେମଲତା ମାଝିଙ୍କୁ ସମସ୍ୟା ଜଣାଇଥିଲେ। ସିଡିଏମଓ କାର୍ଯ୍ୟାଳୟରୁ ୪ଜଣିଆ ଟିମ୍ ଆସି କେବଳ ଯାଞ୍ଚ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠା ଗ୍ରହଣ କରାଯାଇନାହିଁ ବୋଲି ଆଶାମାନେ ଅଭିଯୋଗ କରିଛନ୍ତି। ମାଝିଗୁଡା ସମିତି ସଭ୍ୟ ଧୋବା ନାୟକ ମଧ ଏଏନ୍ଏମ୍‌ଙ୍କ ବଦଳି ଦାବି କରିଛନ୍ତି। ଦାବିପୂରଣ ନ ହେଲେ ଆଗାମୀ ଦିନରେ ମାଝିଗୁଡା ଓ ସାନବାର୍ଲି ପଞ୍ଚାୟତବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଏ ନେଇ ଏଏନ୍ଏମ୍‌ଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଏହାର ଉତ୍ତର ଦେଇ ନ ଥିଲେ।

# ରାଜ୍ୟସ୍ତରୀୟ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନବରଙ୍ଗପୁର, ୧୪।୧୦ (ବି.ପ୍ର.)

ନବରଙ୍ଗପୁର ମୁଖ୍ୟ ଷ୍ଟାଡିୟମ ପରିସରରେ ଥିବା ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମରେ ଶୁକ୍ରବାର ରାଜ୍ୟସ୍ତରୀୟ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ୩ଦିନ ବ୍ୟାପୀ ଚାଲିବ। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ର, ଏସ୍‌ପି ଏସ୍.ସୁଶ୍ରୀ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଓଡ଼ିଶାର ସମସ୍ତ ଜିଲାରୁ ପ୍ରାୟ ୧୧୦ଜଣ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଭାଗନେଇଛନ୍ତି। ମ୍ୟାଚ ପରିଚାଳନାରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ଉମାଶଙ୍କର ମହନ୍ତ, ଲକ୍ଷପତି ନନ୍ଦ, କପିଳ ଅଗ୍ରୱାଲ, ତପୁ ମହାରଣା ସହଯୋଗ କରିଥିଲେ। ନବରଙ୍ଗପୁର ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାକେଶ ଗୁପ୍ତାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ସମ୍ପାଦକ ଲିଙ୍ଗରାଜ ମହାନ୍ତି, ଚନ୍ଦନମହାରଣା, ଜି.ପ୍ରସାଦ, ରବିବେହେରା, ସ୍ୱାଧୀନ ପୂଜାରୀ, ମୁରଲୀଧର ଭୂଷଣ ପ୍ରମୁଖ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ୧୬ ତାରିଖରେ ଉଦ୍‌ଯାପିତ ହେବ।





ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୪।୧୦ (ନି.ପ୍ର.)- ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ କୁନ୍ଦାରିଗୁଡାର ସଦନ ଅଖଜି (୩୨)। ଜୟପୁର ଟାଉନ ହଲ ପରିସରରେ ପୌର ପରିଷଦର ଟ୍ରାକ୍ଟର ଥିବା ବେଳେ ଟ୍ରାକ୍ଟରରୁ ହାଇଡ୍ରୋଲିକ ଜେକ ଚୋରି ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ କରି ଏଥିରେ ସଦନଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ନୂତନ ଟ୍ରାକ୍ଟର ସଂଘ ଗଠିତ

ମାଥିଲି,୧୪।୧୦ (ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକରେ ନୂତନ ଭାବେ ଟ୍ରାକ୍ଟର ସଂଘ ଗଠିତ ହୋଇଛି। ସଂଘ ସଭାପତି ଶିବ ପ୍ରସାଦ ପରିଚ୍ଛା, ଉପ ସଭାପତି ଯେଶୁ ଗଣତ,ସମ୍ପାଦକ ଲିଙ୍ଗରାଜ ପୂଜାରୀ,କୋଷାଧକ୍ଷ ବସନ୍ତ ପଣ୍ଡାଙ୍କ ସହ ସଂଘ କର୍ମକର୍ତ୍ତା ମାଥିଲି ତହସିଲଦାର ଚନ୍ଦନ ଭୋଇ,ବିଡ଼ିଓ ହୃଷିକେଶ ଗଣ୍ଡ ଓ ମାଥିଲି ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କୁ ଭେଟି ସଂଘ ପଞ୍ଜୀକରଣର ନକଲ କପି ପ୍ରଦାନ କରିଛନ୍ତି। ଏହି ଅବସରରେ ସେମାନେ ଅଯଥା ଟ୍ରାକ୍ଟର ଡ୍ରାଇଭରମାନଙ୍କୁ ଅଟକ ରଖା ନ ଯିବା, କୌଣସି ଟ୍ରାକ୍ଟର କିମ୍ବା ଡ୍ରାଇଭର ଭୁଲ କଲେ ଟ୍ରାକ୍ଟର ମାଲିକ ସଂଘକୁ ଅବଗତ କରାଇବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା।

### କ୍ୱାକ୍‌ଙ୍କ ଚିକିତ୍ସାରେ ଜଣେ ମୃତ

କାଳିମେଳା, ୧୪।୧୦ (ଡି.ଏନ.ଏ.)- ଜଣେ କ୍ୱାକ୍‌ଙ୍କ ଭୁଲ ଚିକିତ୍ସା ଯୋଗୁ ଶୁକ୍ରବାର କାଳିମେଳା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣା ମାଲକାନଗିରି ଜିଲା କାଳିମେଳା ବ୍ଲକ ସଦର ମହକୁମାଠାରେ ଦେଖିବାକୁ ମିଳିଛି। ମୃତ ବ୍ୟକ୍ତି ଜଣକ କାଳିମେଳା ସଦରର ତପନ ପାଲ (୫୬)ବୋଲି ଜଣା ପଡିଛି। ଖବରରୁ ଜଣାପଡିଛି, ଭେଙ୍କଟପଲମ ପଞ୍ଚାୟତ ଅନ୍ତର୍ଗତ ଏମଭି-୫୯ ଗ୍ରାମର ତପନ ଦୀର୍ଘ ବର୍ଷ ଧରି କାଳିମେଳାରେ ରହି ଦୋକାନ କରି ପରିବାର ଚଳାଇ ଆସୁଥିଲେ। ତାଙ୍କର ଗତ କିଛି ଦିନ ହେଲା ଦାନ୍ତ ଯନ୍ତ୍ରଣା ହେଉଥିଲା। ଶୁକ୍ରବାର ତପନଙ୍କ ଦାନ୍ତ ଯନ୍ତ୍ରଣାହେବାରୁ ସେ ଅପରାହ୍ନ ୩ଟାରେ କାଳିମେଳା ସଦର ଏଟିଏମ ନିକଟରେ ଚିକିତ୍ସା କରୁଥିବା ଡାକ୍ତର ରବିନ୍ଦ୍ରନାଥ ବିଶ୍ୱାସଙ୍କ ପାଖକୁ ଯାଇଥିଲେ। ସେ ସମୟରେ ରବିନ୍ଦ୍ରନାଥ ନ ଥିବା ବେଳେ ତାଙ୍କ ସ୍ତ୍ରୀ ବାସନ୍ତୀ ଡାକ୍ତର ସାଜି ତପନଙ୍କ ଚିକିତ୍ସା କରିଥିଲେ। ସେ ତପନଙ୍କ ଦାନ୍ତ ଉପାଡ଼ିବା ସହ ଇଞ୍ଜେକସନ ଦେଇ ଚିକିତ୍ସା କରିଥିଲେ। ତେବେ ଇଞ୍ଜେକ୍ସନ ନେବାର କିଛି ସମୟ ପରେ ତପନ ଗୁରୁତର ହୋଇପଡିଥିଲେ। ତାଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିଛି ସମୟ ପରେ ସେଠାରେ ତପନଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ କାଳିମେଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଚିକିତ୍ସା କରିଥିବା ଡାକ୍ତରଙ୍କ ଘରେ ତାଲା ପଡିଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ। ସେ ଫେରାର୍ ହୋଇଯାଇଥିବା କୁହାଯାଉଛି।

### ବିଶ୍ୱ ଅଣ୍ଡା ଦିବସ ପାଳିତ

ମାଲକାନଗିରି,୧୪।୧୦(ଡି.ଏନ.ଏ.)- ଶୁକ୍ରବାର ହେଉଛି ବିଶ୍ୱ ଅଣ୍ଡା ଦିବସ। ଏହି ଦିବସ ପାଇଁ ଶୁକ୍ରବାର ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ସତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଜିଲା ସଦରସ୍ଥିତ ଡିଆରଡିଏ କାର୍ଯ୍ୟାଳୟରେ ଏହି ଦିବସ ପାଳନ ହୋଇଥିଲା। ଏଥିରେ ପିଡି ଡିଆରଡିଏ ବାଳ ମୁକୁନ୍ଦ ଭୂୟାଁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଣ୍ଡା ଶରୀର ପାଇଁ ହିତକର। ଏଥିରେ ଥିବା ପ୍ରୋଟିନ ଆମ ଶରୀରକୁ ସୁସ୍ଥ ଓ ବଳ ଯୋଗାଇଥାଏ। ଫଳରେ ପ୍ରତିଦିନ ଅଣ୍ଡା ଖାଇବାକୁ ଭୂୟାଁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଜିଲାର ପରିବର୍ତ୍ତନ ଶିଶୁ ଗୃହ ଓ ଏମ୍‌ଭି-୭ସ୍ଥିତ ଜଗନ୍ନାଥପାଲି ବିଦ୍ୟାଳୟରେ ମଧ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଛି।

### ଲକ୍ଷ୍ମୀପୁରରେ ବିଜେଡିର ପଦଯାତ୍ରା

ଲକ୍ଷ୍ମୀପୁର,୧୪।୧୦ ( ସ୍ୱ.ପ୍ର.)- ବିଧାୟକ ପ୍ରଭୁ ଜାନିଙ୍କ ନେତୃତ୍ୱରେ ଲକ୍ଷ୍ମୀପୁର ବ୍ଲକ ବିଜେଡ଼ି ପକ୍ଷରୁ ଜନସମ୍ପର୍କ ଯାତ୍ରା ଆରମ୍ଭ ହୋଇଛି। ସ୍ଥାନୀୟ ଲକ୍ଷ୍ମୀପୁର ମହାବିଦ୍ୟାଳୟ ଛକଠାରୁ ଏହି ପଦଯାତ୍ରା ବାହାରି ଲକ୍ଷ୍ମୀପୁର ସହର ପରିକ୍ରମା କରିଥିଲା। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସଂପର୍କରେ ଦଳୀୟ କର୍ମୀମାନେ ଜନସାଧାରଣଙ୍କୁ ବୁଝାଇଥିଲେ। ପରେ ଲକ୍ଷ୍ମୀପୁର ଘଡାବନ୍ଧ ଡୋଟାଠାରେ ଏକ ସଚେତନା ସଭା ହୋଇଥିଲା। କୋରାପୁଟ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା ମୁଖ୍ୟଅତିଥି, କୋରାପୁଟ ସତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଚନ୍ଦ୍ରଶେଖର ମାଝୀ, ଜିଲାଯୁବ ସଭାପତି ଲଲାଟ ରଞ୍ଜନ ସେଠୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କରେ ମଧ୍ୟରେ ପୂର୍ବତନ ଏମ୍‌ପି ଝିନ ହିକକା, ପୂର୍ବତନ ବିଧାୟକ କୈଳାସ କୁଲେସିକା, ବ୍ଲକ ଅଧକ୍ଷା ଶୁଆଇ କୁଲେସିକା, ବ୍ଲକ ବିଜେଡ଼ି ସଭାପତି ପ୍ରସାଦ ଖରା, ପୂର୍ବତନ ବ୍ଲକ ଅଧକ୍ଷ କୁମୁଦ ସାଉନ୍ତା, ମହିଳା ସଭାନେତ୍ରୀ କୌସଲ୍ୟା ହିକାକା, ବ୍ଲକ ଯୁବ ସଭାପତି ରଞ୍ଜନ ଖରା ଉପସ୍ଥିତ ଥିଲେ।

# ବିଦ୍ୟାଳୟରୁ ଚାବି ଖୋଲିଲା, ଧାରଣା ପ୍ରତ୍ୟାହୃତ

**କୋରାପୁଟ, ୧୪।୧୦(ସ୍ୱ.ପ୍ର.)**

କୋରାପୁଟ ବ୍ଲକ ଉମୁରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବେଆଇନ ଭାବେ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ଆଦାୟ ଘଟଣା ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନଚେତ ତାଙ୍କ ବଦଳି ଦାବି ନେଇ ଗତ ୧୨ ତାରିଖରୁ ବିଦ୍ୟାଳୟରେ ତାଲା ପକାଇ ଗ୍ରାମବାସୀ ଓ ଅଭିଭାବକ ଧାରଣା ଜାରି ରଖିଥିଲେ। ଏହି ଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଜିଲାପାଳ ଅବଦାଲ ଏମ. ଅଖତାର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ମନୋଜ ପୂଜାରୀ ଘଟଣା ସ୍ଥଳରେ ପହଞ୍ଚି ଧାରଣାରତ ଗ୍ରାମବାସୀ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଉମୁରି ସରପଞ୍ଚ ଅନନ୍ତ ଜାନି, ପୂର୍ବତନ ସରପଞ୍ଚ ରମେଶ ବାଖ୍ୟାଙ୍କ ସମେତ ଗ୍ରାମବାସୀ, ଅଭିଭାବକ ଓ ଜିଲା ଶିକ୍ଷା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେଇଥିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଏସଡିପିଓ ଏ ସମ୍ପର୍କରେ ଏସ୍‌ପି ଓ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କୁ ଘଟଣା ସ୍ଥଳରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେବାରୁ ଜିଲା ଶିକ୍ଷା ଅଧିକାରୀ ନାହାକ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କର ବଦଳି ନେଇ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଜିଲାପାଳ ଚିଠି କରିଥିବା ଗ୍ରାମବାସୀଙ୍କୁ କହିଥିଲେ। ଏଦିଗରେ କିପରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ସେ ନେଇ ଜିଲା ଶିକ୍ଷା ଅଧିକାରୀ ଉଦ୍ୟମ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକ ତାଲା ଖୋଲିଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟକୁ ଯାଇଥିଲେ। ଅନ୍ୟପକ୍ଷରେ ଘଟଣାର ସମାଧାନ ନେଇ ଜିଲା ପ୍ରଶାସନକୁ ଗ୍ରାମବାସୀ ଏକ ମାସ ସମୟ ଦେଇଛନ୍ତି। ଏହି ସମୟ

**ପୋଲିସ ହସ୍ତକ୍ଷେପ ପରେ ଚେତିଲେ ଡିଇଓ**

ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଉଭୟ ବିଦ୍ୟାଳୟ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ତାଲା ପକାଇ ଧାରଣା ଦେବେ ବୋଲି ଉମୁରି ସରପଞ୍ଚ ଅନନ୍ତ ଜାନି ଓ ପୂର୍ବତନ ସରପଞ୍ଚ ରମେଶ ବାଖ୍ୟା କହିଛନ୍ତି। ସୂଚନଯୋଗ୍ୟ, କୋରାପୁଟ ବ୍ଲକ ଅଧୀନରେ ଥିବା ଉମୁରି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା ଚଳିତ ଶିକ୍ଷା ବର୍ଷରେ ବିଦ୍ୟାଳୟରେ ନାମ ଲେଖାଇଥିବା ଆଦିବାସୀ ଓ ହରିଜନ ଛାତ୍ରୀଛାତ୍ରଧୀଙ୍କଠାରୁ ୪୫୦ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତି ଛାତ୍ରୀଛାତ୍ରଙ୍କଠାରୁ ସେ ୨ଶହରୁ ୩ ଶହ ଯାଏ ଅର୍ଥ ଆଦାୟ କରିଥିବା ନେଇ ଗତ ସେପ୍ଟେମ୍ବର ୫ରେ କୋରାପୁଟରେ ଜିଲାପାଳଙ୍କ ଜନଶୁଣାଣି ବେଳେ ସରପଞ୍ଚ ଓ ଅଭିବାଭକମାନେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତରବରିଆ ଭାବେ ରାତି ଅଧିଆରେ କିଛି ଛାତ୍ରୀଛାତ୍ରଙ୍କ ଘରକୁ ଯାଇ କିଛି ଟଙ୍କା ଫେରାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦସ୍ତଖତରେ ୧୫୦ ଟଙ୍କାର ମନିରିସିଟ ଛାତ୍ରୀଛାତ୍ରଙ୍କୁ ଦେଇଥିଲେ। ଅଭିଯୋଗ ପରେ ଜିଲାପାଳ ଅବଦାଲ ଏମ. ଅଖତାର ଜିଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡିଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲା ମଙ୍ଗଳ ଅଧିକାରୀ ଦୁଇ ଥର ଉମୁରି ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରି ଛାତ୍ରୀଛାତ୍ର, ଅଭିଭାବକ, ଗ୍ରାମାବସୀ ଓ ଲୋକ ପ୍ରତିନିଧିଙ୍କ ସହିତ ଆଲୋଚନା ପରେ ଗତ ୧୭ରେ ପ୍ରଶାସନକୁ ଚୂଡାନ୍ତ ରିପୋର୍ଟ ପ୍ରଦାନ କରାଯାଇଥିଲା। ତେବେ ଏଯାଏ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମବାସୀ ଓ ଅଭିଭାବକମାନେ ଗତ ୧୨ ତାରିଖରୁ ବିଦ୍ୟାଳୟର ମୁଖ୍ୟ ଫାଟକକୁ ତାଲା ପକାଇ ଧାରଣା ଦେଇଥିଲେ।

## ଏଆଇଟିୟୁସି ସଂଯୁକ୍ତ ସଂଘରେ ଯୋଗଦେଲେ ମୁନିଗୁଡ଼ା ଆଶାକର୍ମୀ




**ମୁନିଗୁଡ଼ା,୧୪।୧୦(ଡି.ଏନ୍.ଏ.)**

ମୁନିଗୁଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅମ୍ବାଦୋଳା, ଜଗଦଲପୁର, ମୁନିଗୁଡ଼ା, କୁମୁଡାବାଲି ପ୍ରଭୃତି ସେକ୍ଟରର ସମୂହ ଆଶାକର୍ମୀ ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ଶିବାନୀ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁନିଗୁଡ଼ା ଅଞ୍ଚଳର ସମୂହ ଆଶାକର୍ମୀ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି।

ବୈଠକରେ ସତ୍ୟଭାମା ମାଦଳା, ଝିଲି ଚିଚୁଆନ, ଦେବକୀ ଚିଚୁଆନ, ଆଶା କାରୁଆ, ନିରୁପମା ବେହେରା, ରତ୍ନାଲୁ କାଡ୍ରାକା, ପାର୍ବତୀ ଦୋରା, ସୁଶୀଳା କୁଶୁଲିଆ, ସୁରଭି ପତି, ବିଜୟଲକ୍ଷ୍ମୀ ପାଢ଼ୀ ପ୍ରମୁଖ ରାୟଗଡ଼ା ଜିଲାର ଆଶାକର୍ମୀ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଏଆଇଟିୟୁସି ଜିଲା ଆବାହକ ବଳରାମ କୁଶୁଲିଆ ଯୋଗଦେଇ ଆଇଏଲ୍‌ସିର ସୁପାରିସ ଆନୁସାରେ ଆଶାକର୍ମୀଙ୍କ ସମେତ ସମସ୍ତ ସ୍କିମ୍ ୱର୍କର୍ସଙ୍କୁ ୱର୍କର ମାନ୍ୟତା ପ୍ରଦାନ ସହ ମାସିକ ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା ପ୍ରଦାନ, ଅବସର ପରେ ପେନ୍‌ସନ ଓ ଚାକିରିରେ ଥିବାବେଳେ ମୃତ୍ୟୁ ହେଲେ ଅନ୍ୟୂନ ୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ ଏଆଇଟିୟୁସି ନେତୃତ୍ୱରେ ସଂଘ ସଂଗ୍ରାମ ଚଳାଇଥିବା ସୂଚନା ଦେଇଥିଲେ।

## ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ଭେଟିଲେ ଗ୍ରାମବାସୀ




ଗ୍ରାମବାସୀ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ଅଭିଯୋଗ କରୁଛନ୍ତି।

**ଜୟପୁର, ୧୪।୧୦ (ନି.ପ୍ର.)**

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ହରଡାଗୁଡା ପଞ୍ଚାୟତ ଅନ୍ତର୍ଗତ ଜଲାଗୁଡା ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ଭେଟିଛନ୍ତି। ସମାଜିକ କର୍ମୀ ବି. ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

**ପାନୀୟ ଜଳ ସମସ୍ୟା**

ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତିରାଣୀ ରଥଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଜଲାଗୁଡା ଗ୍ରାମରେ ୨୦ ପରିବାର ବସବାସ କରୁଛନ୍ତି। ସେଠାରେ ପାନୀୟ ଜଳ ସୁବିଧା ନ ଥିବାରୁ ଗ୍ରାମବାସୀ ହଇରାଣ ହେଉଛନ୍ତି। ଝରଣା ପାଣି, ଜମିର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିବା ଗ୍ରାମବାସୀ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ଜଣାଇଥିଲେ। ଗ୍ରାମରେ ନଳକୂପ ଖନନ ପାଇଁ ପ୍ରଶାସନକୁ ଅବଗତ କରାଇଥିଲେ ମଧ କିଛି ସୁଫଳ ଏଯାଏ ମିଳି ନ ଥିବା ସେମାନେ କହିଥିଲେ। ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଇ ନଳକୂପ ଖନନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମୁକ୍ତା ଯୋଜନାରେ ଦୁର୍ନୀତି ଅଭିଯୋଗ

**ଜୟପୁର,୧୪।୧୦ (ନି.ପ୍ର.)**

ଜୟପୁର ପୌର ପରିଷଦରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ନାମରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ମୁକ୍ତା ଯୋଜନାରେ ଜୟପୁର ପୌର ପରିଷଦ ପକ୍ଷରୁ କୋଟି କୋଟି ଟଙ୍କାର ସାମଗ୍ରୀ କ୍ରୟ କରାଯାଇଥିଲେ ମଧ ଏହା କୌଣସି ଏସଏଚଜି ଦ୍ୱାରା କ୍ରୟ କରାଯାଇନାହିଁ। ଏନେଇ ଗତ ୩୧।୧୨।୨୦୨୧ରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏହାର ଚିଠି ସଂଖ୍ୟା ୭୭୦/୨୨। ନୋଟିସ ଅନ୍ତର୍ଗତ କାର୍ଯ୍ୟ ସକାଶେ ଜୟପୁର ସହରର ୮୮ଟି ଏସଏଚଜି ଆବେଦନ କରିଥିଲେ। ମାତ୍ର କେଉଁକେଉଁ କାର୍ଯ୍ୟ ଏସଏଚଜ ନାମରେ ହୋଇଛି ତାହାର କୌଣସି ତଥ୍ୟ ସିଡିପିଓଙ୍କ କାର୍ଯ୍ୟାଳୟରେ ମିଳୁ ନ ଥିବା ଯୁବ ସଙ୍ଗଠନର ଆବାହକ ରବୀନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଭାରତମାଳା ପ୍ରକଳ୍ପରେ ଜମି ହରାଇଥିବା ଚାଷୀ ତହସିଲଦାରଙ୍କୁ ଭେଟିଲେ

**ଦଶମନ୍ତପୁର,୧୪।୧୦( ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଢ଼ା ପଞ୍ଚାୟତର ୪ ଖଣ୍ଡ ଗ୍ରାମର ଗ୍ରାମବାସୀ ଶୁକ୍ରବାର ଦଶମନ୍ତପୁର ତହସିଲଦାର ଅଜୟ ପ୍ରକାଶ ତିର୍କିଙ୍କୁ ସାକ୍ଷାତ କରି ୭ ଦଫା ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଭାରତ ମାଳା ରାସ୍ତା ନିର୍ମାଣ ପ୍ରକଳ୍ପ ଅଡପୁର, ବାଉଁଶଗୁଡା, ମାଝିଗୁଡା ଓ ହାତୀମୁଣ୍ଡା ଗ୍ରାମବାସୀଙ୍କ ବହୁ ଚାଷ ଜମି ନଷ୍ଟ ହେଉଛି। ମାତ୍ର ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକଠାରୁ ବହୁତ କମ ଟଙ୍କା କ୍ଷତିଗ୍ରସ୍ତ ପରିବାରଙ୍କୁ ଦେଇଛି। ଏ ଯାଏ ୪ ଖଣ୍ଡ ଗ୍ରାମର ୪୬ ଜଣ ଚାଷୀଙ୍କୁ ଜମି ବାବଦ ଟଙ୍କା ମିଳିନାହିଁ। ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକଠାରୁ ଅଧିକ ଜମି ନଷ୍ଟ କରି ପକାଉଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରି ଜମି ହରାଇଥିବା ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ବ୍ୟକ୍ତିଗତ ଭାବେ ଜମି ହରାଇଥିବା ଲୋକଙ୍କ ନାମ ଦେଲେ ଯାଞ୍ଚ ପରେ ଆବଶ୍ୟକ ଅନୁସାରେ କ୍ଷତିପୂରଣ ବ୍ୟବସ୍ଥା ହେବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ବାଇପାସ ରାସ୍ତା ନିର୍ମାଣରେ ଗ୍ରାମବାସୀଙ୍କ ଗାଈ, ଛେଳି ଚଳାଚଳ ବ୍ୟବସ୍ଥା କରିବା, ପାଖନା ଗୁଡା ଗ୍ରାମର ଗୌଡସାହିଠାରୁ କଦମଝୋଲା ଯାଏ ନୂତନ ବାଇପାସ ରାସ୍ତା ନିର୍ମାଣ, ଓଡପୁର ହରିଜନ ସାହିଠାରୁ ଗଡିକୁପଲ୍ଲୀ ଆମ୍ବଗଛ, ଉପର ଗଉଡସାହିଠାରୁ ତଳ ଗଉଡସାହି ଏବଂ ଭାଙ୍ଗଲାମୁଣ୍ଡାଠାରୁ ବାଗଡୁମା, ଓଡପୁର ଆମ୍ବଗଛ ଯାଏ ନୂତନ ବାଇପାସ ରାସ୍ତା ନିର୍ମାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଆଲମା ୪-୦ ଗୋଲରେ ବିଜୟୀ

**ମାଲକାନଗିର,୧୪।୧୦ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଳିମେଳା ଥାନା ତାମନପାଲି ସଦର ମହକୁମାରେ ଶହୀଦ ଲକ୍ଷ୍ମଣ ନାୟକ ମହିଳା ଫୁଟବୋଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ଯାଇଛି। ଏହି ଫାଇନାଲ ମ୍ୟାଚ ଆଲମା ଓ ତାମନପାଲି ମଧ୍ୟରେ ଅନୁଷ୍ଠିତ

**ବାଳିକା ଫୁଟବଲ ଟୁର୍ନାମେଣ୍ଟ**

ହୋଇଥିଲା। ଆଲମା ଦଳ ୪-୦ ଗୋଲରେ ତାମନପାଲିଙ୍କୁ ହରାଇ ବିଜୟୀ ହୋଇଥିଲା। ମ୍ୟାଚରେ ଆଲମା ଦଳର ଲକ୍ଷ୍ମୀ ପଡିଆମୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା। ଆଲମା ଦଳର କୋଚ ଭାବେ ୟୁସୁଫ୍ ଖାନ୍ ରହିଥଲେ। ଉଦ୍ ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ମାନସ ମାଡକାମି, ମୁକୁନ୍ଦ ସୋଡି, କାଳିମେଳା ବ୍ଲକ ଅଧକ୍ଷା ସୁବାସିନୀ ସୋଡି, ମହାରାଜପାଲି ସରପଞ୍ଚ ମୁତା ସୋଡି ଉପସ୍ଥିତ ରହି ବିଜେତା ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ବାଳିକା ଫୁଟବଲ୍ ଖେଳାଳିମାନେ।

## ବୋରିଗୁମ୍ମା ପ୍ରେସ କ୍ଲବ ପକ୍ଷରୁ ବୈଠକ

**ବୋରିଗୁମ୍ମା,୧୪।୧୦(ଡି.ଏନ.ଏ.)**

ବୋରିଗୁମ୍ମାସ୍ଥିତ ଡାକବଙ୍ଗଳାଠାରେ ବୋରିଗୁମ୍ମା ପ୍ରେସ କ୍ଲବର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପ୍ରେସ କ୍ଲବକୁ କିପରି ଭାବେ ସୁଦୃଢ଼ କରାଯିବ, ପ୍ରେସ କ୍ଲବର ସ୍ଥାୟୀ ଗୃହ ନିର୍ମାଣ ନେଇ ସଭ୍ୟମାନେ ମତ ଦେଇଥିଲେ। ବୈଠକରେ ସଭାପତିଙ୍କ ସହ ଉପ ସଭାପତି ରଞ୍ଜନ ମିଶ୍ର, ସମ୍ପାଦକ ଏନ.ପ୍ରିନ୍ସ କୁମାର, ଉପଦେଷ୍ଟା କେ.ସାକିଲି ଦୋରା, ସହ ସମ୍ପାଦକ ସୁଶୀଲ କୁମାର ପଟ୍ଟନାୟକ, ପି.ଅନନ୍ତ ରାଓ, ସୁକାନ୍ତ ମାଝୀ, ମାନସ ରଥ, ଶଙ୍କର ମହାନ୍ତି, ବିଷ୍ଣୁ ପଣ୍ଡା, ବିଘ୍ନେଶ୍ୱର ଷଡଙ୍ଗୀ, ଅମରିତ ଖୋସଲା, ଗୋପାଳ ଡଙ୍ଗରି ପ୍ରମୁଖ ଉପସ୍ଥିତ ଥିଲେ।

## କଡାକଡି ଯାଞ୍ଚ ଉପରେ ଗୁରୁତ୍ୱ

**କୋରାପୁଟ,୧୪।୧୦(ସ୍ୱ.ପ୍ର.)-**

କୋରାପୁଟ ଜିଲା ସଡକ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗାଡିମୋଟରଜନିତ ଦୁର୍ଘଟଣା ରୋକିବାକୁ ଆଗାମୀ ଦିନରେ କଡାକଡି ଯାଞ୍ଚ କରିବାକୁ ବୈଠକରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଅବଦାଲ ଏମ. ଅଖତାରଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ଜିଲାପାଳ କହିଥିଲେ ଯେ, ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଗାଡି ମୋଟର ଯାଞ୍ଚ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ମହାବିଦ୍ୟାଳୟ ଛାତ୍ରମାନେ ବେପାରୁଆ ଭାବେ ଗାଡି ଚଳାଉଥିବାରୁ ଆଗାମୀ ଦିନରେ ଏହାକୁ ରୋକିବାକୁ ସମ୍ପୃକ୍ତ ମହାବିଦ୍ୟାଳୟର ଅଧୀକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ। ହେଲମେଟ, ଡ୍ରାଇଭିଂ ଲାଇସେନ୍ସ ଧରପଗଡ କଡାକଡି ହେବ। ଯେଉଁମାନେ ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିବେ ସେମାନଙ୍କ ଲାଇସେନ୍ସକୁ ନାକଚ କରାଯିବଲ୍। କୋରାପୁଟ, ସୁନାବେଡା, ସେମିଳିଗୁଡା, ଜୟପୁର, କୋଟପାଡ ଆଦି

**ଜିଲା ସଡକ ସୁରକ୍ଷା କମିଟି ବୈଠକ**

ସହରରେ ଟ୍ରାଫିକ ନିୟନ୍ତ୍ରଣ କରିବା, ରାସ୍ତା ଉପରେ ଜବରଦଖଲ କରିଥିବା ଅସ୍ଥାୟୀ ବ୍ୟବସାୟୀ ପ୍ରତିଷ୍ଠାନ ଓ ଦୋକାନକୁ ଉଚ୍ଛେଦ କରିବା, କୋରାପୁଟ- ଜୟପୁର ଘାଟି ରାସ୍ତାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା କଡରେ ସୁରକ୍ଷା ବାଡ ନିର୍ମାଣ କରିବା, ଦୁର୍ଘଟଣାପ୍ରବଣ ଅଞ୍ଚଳରେ ବୋର୍ଡ ଲଗାଇବା , ହମ୍ପସ ନିର୍ମାଣ କରିବା ନେଇ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗର ମିଳିତ ଚଢାଉ କରି ବେପାରୁଆ ଗାଡି ଚାଳକଙ୍କ ଉପରେ ଜରିମନା ସହ ସେମାନଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ପରିବହନ ବିଭାଗ ଡେପୁଟି କମିଶନର ପ୍ରତାପ କିଶୋର ପଣ୍ଡା, ଅତିରିକ୍ତ ପରିବହନ ଅଧିକାରୀ ତପନ ବେଟି ,ଏମଭିଆଇ ଚନ୍ଦ୍ରା ବିଶ୍ୱାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମାଲକାନଗିରିରେ ହେଲା ଓଟିଇଟିର ପୁନଃ ପରୀକ୍ଷା

**ମାଲକାନଗିରି,୧୪।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲାରେ ଗତ ଅଗଷ୍ଟ ୨୯ ତାରିଖରେ ୩ଟି କେନ୍ଦ୍ରରେ ଓଟିଇଟି ପରୀକ୍ଷା ହୋଇଥିଲା। ଏହି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଘଟଣା ବିଭିନ୍ନ ଗଣମାଧମରେ ପ୍ରକାଶ ପାଇବା ପରେ ଏହାକୁ ରଦ୍ଦ କରି ଶୁକ୍ରବାର ପୁନଃ ପରୀକ୍ଷା କରାଯାଇଛି। ତେବେ ଶୁକ୍ରବାର ପୁଣି ପ୍ରଶ୍ନପତ୍ର ଲିକ ହୋଇଥିବା ଅଭିଯୋଗ ହୋଇଛି। ଗତ ୨୯ ତାରିଖରେ ପରୀକ୍ଷା ଦେଇଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ପୁନର୍ବାର ଏହି ପରୀକ୍ଷା ଦେଇଥିଲେ। ତେବେ ଉକ୍ତ ଦିନ ଯେଉଁମାନେ ପରୀକ୍ଷା ନ ଦେଇ ଅନୁପସ୍ଥିତ ଥିଲେ ସେମାନେ ପରୀକ୍ଷା ଦେଇନାହାନ୍ତି। ଗତ ୨୯ ତାରିଖ ପରୀକ୍ଷାରେ କପି କରୁଥିବା ୯ ଜଣ ଶିକ୍ଷକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଶୁକ୍ରବାର ଜିଲାର ୩ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଛି। ଶୁକ୍ରବାର ମୋଟ ୭୭୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ମାଲକାନଗିରି ଜିଲା ସଦର ମହକୁମାରସ୍ଥିତ ମହିଳା ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଛି। ଉପ

**ପୁଣି ପ୍ରଶ୍ନପତ୍ର ଲିକ୍ ଅଭିଯୋଗ**

ଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ମାନସ ଜେନା ଓ ଅନ୍ୟାନ୍ୟ ଅଧିକାରୀମାନେ ପରୀକ୍ଷା କେନ୍ଦ୍ରଗୁଡିକ ଗସ୍ତ କରି ସମୀକ୍ଷା କରିଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଏହି ପରୀକ୍ଷାରେ ତ୍ରୁଟି ହେବା ସହ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଥିବା ବେଳେ ଶୁକ୍ରବାର ମଧ ସମାନ ଅଭିଯୋଗ ଆସିଛି। ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପୂର୍ବରୁ ମୋବାଇଲରୁ ମୋବାଇଲକୁ ପ୍ରଶ୍ନ ଓ ଉତ୍ତରଖାତା ଘୂରି ବୁଲୁଥିବା ଦେଖିବାକୁ ମିଳିଥିଲା। ବାରମ୍ବାର ଏଭଳି ହେଉଥିବା ଯୋଗୁ ଜିଲାରେ ପୂର୍ବରୁ ହୋଇଥିବା ପରୀକ୍ଷା ବାତିଲ କରଯାଇଥିଲା। ଶୁକ୍ରବାର ପୁଣି ଏପରି ଅଭିଯୋଗ ପରେ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀ ଟଙ୍କା ଦେଇ ପ୍ରଶ୍ନପତ୍ର ପାଇଥିବା କଥା ଉଠିଛି। ତେବେ ଏହାକୁ ଜିଲା ଶିକ୍ଷା ଅଧିକାରୀ ମାନସ ଜେନା ଖଣ୍ଡନ କରି ମାଲକାନଗିରି ଜିଲାରୁ ଏପରି କୌଣସି ପ୍ରଶ୍ନପତ୍ର ଲିକ ହୋଇ ନ ଥିବା କହିଛନ୍ତି। ଜିଲାରେ ପରୀକ୍ଷା ସୂଚାରୁ ରୂପେ ହୋଇଥିବା ସେ କହିଛନ୍ତି।

## ଲୋପ ପାଇଯାଉଥିବା ବାଉଁଶର ଅଭିବୃଦ୍ଧି ଉପରେ ଗୁରୁତ୍ୱ

**ମାଲକାନଗିର,୧୪।୧୦ (ଡି.ଏନ୍.ଏ.)**

ଅବକ୍ଷୟମୁଖୀ ବାଉଁଶ ଜଙ୍ଗଲର ପୁନରୁଦ୍ଧାର, ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟାରେ ବାଉଁଶ ଚାଷ, ବାଉଁଶର ଉପଯୁକ୍ତ ବ୍ୟବହାର ସହ ବିକ୍ରି ସମ୍ପର୍କରେ ଏକ କର୍ମଶାଳା ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଯୋଗ ଦେଇଥିଲେ। ଏଥିରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝୀ, ସହକାରୀ ଜିଲାପାଳ ତଥା ଜଙ୍ଗଲ ଜମି ଅଧିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତା ଚୌଧୁରୀ ଉପସ୍ଥିତ ଥିଲେ। ମାଲକାନଗିରି ଜିଲାର କାଳିମେଳା ଏବଂ ଚିତ୍ରକୋଣ୍ଡା ତହସିଲ ଅଞ୍ଚଳର ଜଙ୍ଗଲ ଜମି ଅଧିକାର କମିଟି ସଦସ୍ୟାସଦସ୍ୟଙ୍କ ସହ କଳାହାଣ୍ଡି ଜିଲାର ବନ ସଂରକ୍ଷଣ ସମିତି ଏବଂ ଜଙ୍ଗଲ ଜମି ଅଧିକାର କମିଟି କର୍ମକର୍ତ୍ତା ଅଂଶଗ୍ରହଣ

**ବାଉଁଶ ପରିଚାଳନା,ବିକ୍ରି ନେଇ କର୍ମଶାଳା**

କରିଥିଲେ। ବିଶେଷ କରି ବନାଞ୍ଚଳରେ ବସବାସ କରୁଥିବା ଆଦିବାସୀ ଏବଂ ବନବାସୀମାନଙ୍କ ଅବଗତ ନିମନ୍ତେ କେନ୍ଦ୍ର ସରକାରଙ୍କ ୨୦୦୫ ଜଙ୍ଗଲ ଜମି ଅଧିକାର ଆଇନ ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରି ମାଲକାନଗିରି ଜିଲାରେ କାଳିମେଳା ତହସିଲର ୨୪ଟି ସଙ୍ଗଠନ କିପରିସେମାନଙ୍କର ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ପାଇବେ, ସେସବୁ ଜମିରେ ବାଉଁଶ ଚାଷ, ବାଉଁଶ ରୋପଣ ଏବଂ ବାଉଁଶ କାଟି ବିକ୍ରି କରି ଲାଭବାନ ହେବେ ସେନେଇ ଆଲୋଚନା ହୋଇଥିଲା। ମାଲକାନଗିରି ଜିଲାରେ ପୂର୍ବରୁ ଥିବା ବାଉଁଶ ଜଙ୍ଗଲ ଲୋପ ପାଇଯାଉଥିବା ବେଳେ ସେସବୁ ଜଙ୍ଗଲର କିପରି ଅଭିବୃଦ୍ଧି ହେବ ସେଥିପ୍ରତି ବିଭିନ୍ନ କମିଟି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ବାଉଁଶ ଉପରୁ ଶତ ପ୍ରତିଶତ ଶୁଳ୍କ ଛାଡ କରିଛନ୍ତି। ସ୍ଥାନୀୟ ଲୋକେ ବିନା ଶୁଳ୍କରେ ଏହି ବାଉଁଶ ବ୍ୟବହାର କରି ବାଉଁଶରେ ଗୃହପୋକରଣ ପ୍ରସ୍ତୁତ କରି ବଜାରରେ ବିକ୍ରି କରିପାରିବେ। ଗୋଷ୍ଠୀଗତ ଭାବେ ବିଭିନ୍ନ କାଗଜକଲକୁ ବାଉଁଶ ବିକ୍ରି ଓ ଏହାର ପଦ୍ଧତି ନେଇ ଭିଡିଓ କନଫେରେନ୍ସ ମାଧ୍ୟମରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ କାଗଜକଲ କର୍ମକର୍ତ୍ତା ମାଲକାନଗିରି ଆସି ବିଭିନ୍ନ କମିଟି ସହ ବାଉଁଶ ଜଙ୍ଗଲର ଅଭିବୃଦ୍ଧି, ଗୋଷ୍ଠୀଗତ ଜମିରେ ବାଉଁଶ ରୋପଣ ଏବଂ ତାହାର ବିକ୍ରି ଉପରେ ତାଲିମ ଦେବେ। ରାଜସ୍ୱ ଓ ବନ ବିଭାଗ ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାର ନେଇ ଜଙ୍ଗଲ ଏବଂ ରାଜସ୍ୱ ବିଭାଗର ଆଇନକୁ ଦୃଷ୍ଟିରେ ରଖି ଉପଯୁକ୍ତ କମିଟିକୁ ଗୋଷ୍ଠୀଗତ ଅଧିକାର ତୁରନ୍ତ ଦେଲେ ଜଙ୍ଗଲ ଅଭିବୃଦ୍ଧିସହ ବାଉଁଶ ବୃଦ୍ଧିଏବଂ ବ୍ୟବସାୟୀ କରଣରେ ଜିଲାବାସୀ ସୁଫଳ ପାଇବେ ବୋଲି ମତ ପ୍ରକାଶ ପାଇଥିଲା। କର୍ମଶାଳାରେ କାଳିମେଳା ତହସିଲଦାରଙ୍କ ସହ କାଲମେଳା ବନାଞ୍ଚଳ ଅଧିକାରୀ, ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ, ଏମ୍.ଭି. ୭୯ ବନାଞ୍ଚଳ ଅଧିକାରୀଙ୍କ ସହ ହାଇଦ୍ରାବାଦରୁ ଆସିଥିବା କେ ସଂସ୍ଥାର କର୍ମକର୍ତ୍ତା ସତ୍ୟ ପ୍ରସନ୍ନ, ସୁଷମା କାଟାମୁରି ଉପସ୍ଥିତ ରହି ହିତାଧିକାରୀଙ୍କୁ ତାଲିମ ଦେଇଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି।

**ପାକ୍ ଅର୍ଥ ମନ୍ତ୍ରୀଙ୍କୁ ମିଛୁଆ, ଚୋର କହିଲେ ଲୋକେ**

ପାକିସ୍ତାନ ଅର୍ଥମନ୍ତ୍ରୀ ଇଶକ୍ ଦାର୍‌ଙ୍କୁ ଆମେରିକାର ଦୁଲେର ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ହଟହଟା ହେବାକୁ ପଡ଼ିଛି। ୱାଶିଂଟନ ଆସୁଥିବାବେଳେ ବିମାନ ବନ୍ଦରରେ କେତେଜଣ ଲୋକ ତାଙ୍କୁ ମିଛୁଆ ଏବଂ ଚୋର କହିଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ବନ୍ୟା କ୍ଷତିଗ୍ରସ୍ତ ପାକିସ୍ତାନ ପାଇଁ ଆର୍ଥିକ ସହାୟତା ଆଶାରେ ଦାର ୱାଶିଂଟନ ଯାଇଥିବା କୁହାଯାଉଛି।

## ସଂକ୍ଷେପରେ

### ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଙ୍କୁ ଛୁରାମାଡ଼

**ସିଡ୍‌ନୀ,୧୪।୧୦:** ଅଷ୍ଟ୍ରେଲିଆରେ ଜଣେ ଭାରତୀୟ ଛାତ୍ର ବର୍ଣ୍ଣବୈଷମ୍ୟ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଆଗ୍ରାର ୨୮ ବର୍ଷୀୟ ଛାତ୍ର ଶୁଭମ୍ ଗର୍ଗଙ୍କୁ ଛାତି, ପେଟ ଓ ମୁହଁକୁ ଏକାଧିକ ଥର ଛୁରାମାଡ଼ କରାଯାଇଥିଲା। ନ୍ୟୁ ସାଉଥ୍‌ୱେଲ୍‌ସସ୍ଥିତ ଏକ ବିଶ୍ୱବିଦ୍ୟାଳୟରେ ମେକାନିକାଲ ଇଞ୍ଜିନିୟରିଂରେ ପିଏଚ୍‌ଡି କରୁଥିବା ଶୁଭମ ଗତ ୬ ତାରିଖ ରାତିରେ ପାସିଫିକ୍ ହାଇୱେ ଦେଇ ଘରକୁ ଫେରୁଥିବାବେଳେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଏହି ମାମଲାରେ ଡାନିଏଲ୍ ନରଉଡ୍ ନାମକ ଯୁବକଙ୍କୁ ଗିରଫ କରାଯାଇ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଡିସେମ୍ବର ୧୪ ପର୍ଯ୍ୟନ୍ତ ହାଜତକୁ ପଠାଇଦିଆଯାଇଛି।

### ଏମ୍‌ଜିଆର୍‌ଙ୍କ ପ୍ରତିମୂର୍ତ୍ତି ଭଙ୍ଗା ନେଇ ଉତ୍ତେଜନା

**ଚେନ୍ନାଇ,୧୪।୧୦:** ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେର ପ୍ରତିଷ୍ଠାତା ଏମ୍.ଜି. ରାମଚନ୍ଦ୍ରନ(ଏମ୍‌ଜିଆର୍)ଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ଶୁକ୍ରବାର କୁଡ଼ାଲୋର ଜିଲାରେ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଏଆଇଏଡିଏମ୍‌କେ କର୍ମୀମାନେ ଏହାର ପ୍ରତିବାଦରେ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲେ। ଅକ୍ଟୋବର ୧୭ରେ ଏଆଇଏଡିଏମ୍‌କେର ପ୍ରତିଷ୍ଠା ଦିବସ ଥିବାବେଳେ ଏମ୍‌ଜିଆର୍‌ଙ୍କ ପୂର୍ଣ୍ଣାବୟବ ସିମେଣ୍ଟ ପ୍ରତିମୂର୍ତ୍ତିର ବାମ ହାତ କେହି ଭାଙ୍ଗିଦେଇଥିବା ଶୁକ୍ରବାର ସକାଳେ ଦେଖିବାକୁ ମିଳିଥିଲା। ଦଳର ବରିଷ୍ଠ ନେତା ତଥା ଭୁବନଗିରି ବିଧାୟକ ଅରୁଣାମୋଝିଥେଭାନ୍‌ଙ୍କ ନେତୃତ୍ୱରେ ମରୁଥୁର ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

### ୪ରୁ ଅଧିକ ସନ୍ତାନ ଥିଲେ ମିଳିବନି ସରକାରୀ ସୁବିଧା

**ମଣିପୁର ସରକାରଙ୍କ ଅଧାଦେଶକୁ କ୍ୟାବିନେଟ ମଞ୍ଜୁରୀ**

**ଗୁଆହାଟୀ,୧୪।୧୦:** ମଣିପୁରରେ ୪ରୁ ଅଧିକ ସନ୍ତାନ ଥିବା ପରିବାରକୁ ଆଉ ସରକାରୀ ସୁବିଧା ମିଳିବ ନାହିଁ। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ମଣିପୁର ରାଜ୍ୟ ଜନସଂଖ୍ୟା କମିଶନ ସ୍ଥାପନ ନିମନ୍ତେ ଅଧାଦେଶକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା କାର୍ଯ୍ୟକାରୀ ହେଲେ ୪ରୁ ଅଧିକ ସନ୍ତାନ ଥିବା ପରିବାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବେ। ୨୦୧୧ ଜନସଂଖ୍ୟା ରିପୋର୍ଟ ଅନୁଯାୟୀ ମଣିପୁରର ଲୋକସଂଖ୍ୟା ୨୮.୫୬ ଲକ୍ଷ, ଯାହା ୨୦୦୧ରେ ୨୨.୦୩ ଲକ୍ଷ ଥିଲା। ପୂର୍ବରୁ ଆସାମ ସରକାର ଏକ ନିର୍ଦ୍ଦେଶନାମା ବଳରେ ୨ରୁ ଅଧିକ ସନ୍ତାନ ଥିଲେ ସରକାରୀ ଚାକିରି ମିଳିବ ନାହିଁ ବୋଲି ଘୋଷଣା କରିଥିଲେ।

# ଭାରତୀୟ ଅର୍ଥନୀତିକୁ କଟାକ୍ଷ

## ସ୍ପାନିଶ୍ ଖବରକାଗଜ କଭର ଷ୍ଟୋରିରେ ସାପୁଆକେଳା

**ମାଡ୍ରିଡ୍/ ନୂଆଦିଲ୍ଲୀ,୧୪।୧୦**

ଏକଦା ଭାରତକୁ ସାପୁଆକେଳାଙ୍କ ଦେଶ ବୋଲି ୟୁରୋପୀୟମାନେ କହୁଥିଲେ। ଦେଶ ବିକାଶ ଦିଗରେ ଅଗ୍ରସର ହେଉଥିବା ଦର୍ଶାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ପୂର୍ବରୁ ଭାରତ ପ୍ରତି ପାଶ୍ଚାତ୍ୟର ସାପୁଆ କେଳା ଓ କଳାଯାଦୁ ଆଭିମୁଖ୍ୟ ବିଷୟରେ ଏକାଧିକଥର ଅବତାରଣା କରିଥିଲେ। ୟୁରୋପୀୟ ରାଷ୍ଟ୍ର ସ୍ପେନ୍ ସମ୍ଭବତଃ ସାପୁଆ କେଳା ପ୍ରସଙ୍ଗ ଭୁଲିପାରି ନାହିଁ। ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିକୁ ଚିତ୍ରଣ କରିବାକୁ ଯାଇ ସ୍ପେନ୍‌ର ଏକ ଖବରକାଗଜ ଏହାର ପ୍ରଥମ ପୃଷ୍ଠାରେ ସାପୁଆ କେଳା ଛବି ଛାପିଛି। ଭାରତର ବିଭିନ୍ନ ମହଲରେ ଏହାକୁ ସମାଲୋଚନା କରାଯାଇଛି।

‘ଲା ଭାଙ୍ଗୁଆର୍ଡିଆ’ ହେଉଛି କାଟାଲୋନିଆର ଏକ ଅଗ୍ରଣୀ ଖବରକାଗଜ, ଯାହାର ମୁଖ୍ୟାଳୟ ବାର୍ସିଲୋନାରେ ଅବସ୍ଥିତ। ଅକ୍ଟୋବର ୯ରେ ଏହି ସ୍ପାନିଶ୍ ନ୍ୟୁଜ୍‌ପେପର ଭାରତୀୟ ଅର୍ଥନୀତି ସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ କରିଛି, ଯାହାର ଶୀର୍ଷକ ରହିଛି ‘ଦି ଆୱାର୍ ଅଫ୍ ଦ ଇଣ୍ଡିଆନ୍ ଇକୋନୋମି’। ଏହି ପ୍ରଚ୍ଛଦ ଷ୍ଟୋରିରେ ଏକ କାର୍ଟୁନ ରହିଛି। ଉକ୍ତ ବ୍ୟଙ୍ଗ ଚିତ୍ର ଜଣେ ସାପୁଆ କେଳାଙ୍କର, ଯିଏକି ଏକ ଗ୍ରାଫ୍ ଭିତରେ ବସି ନାଗେଶ୍ୱରୀ ବଜାଉଛନ୍ତି। ସାରା ବିଶ୍ୱ ମୁଦ୍ରାସ୍ଫୀତିଜନିତ




ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ଆଗକୁ ମାନ୍ଦାବସ୍ଥା ଦେଖାଦେଇପାରେ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏଭଳି ସମୟରେ ଭାରତୀୟ ଅର୍ଥନୀତିର ଉପରମୁହାଁ ଗ୍ରାଫ୍‌କୁ ସାପୁଆକେଳା ଜଣକ ନିୟନ୍ତ୍ରଣ କରୁଥିବା ଏହି କାର୍ଟୁନରୁ ବୁଝାପଡୁଛି। ସାମାଜିକ ଗଣମାଧ୍ୟମରେ ଏହି ଫଟୋ ବହୁଳ ପ୍ରସାରିତ ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବେଙ୍ଗାଲୁରୁର ଭାଜପା ଏମ୍‌ପି ପି.ସି.ମୋହନ କହିଛନ୍ତି, ଭାରତର ଦୃଢ଼ ଅର୍ଥନୀତି ବୈଶ୍ୱିକ ସ୍ୱୀକୃତି ପାଇଛି। ସ୍ୱାଧୀନତାର ଅନେକ ଦଶନ୍ଧି ପରେ ମଧ୍ୟ ଆମ ଛବିକୁ ସାପୁଆକେଳା ଭାବେ ଦର୍ଶାଇବା ମୂର୍ଖାମି ଛଡ଼ା କିଛି ନୁହେଁ। ସେହିପରି ଜିରୋଧା ସିଇଓ ନୀତୀନ କାମାଥ କହିଛନ୍ତି, ଭାରତୀୟ ଅର୍ଥନୀତି ସମ୍ପର୍କରେ ବିଶ୍ୱର ଧାରଣା ବଦଳିବାରେ ଲାଗିଛି। କିନ୍ତୁ ଭାରତକୁ ପ୍ରତିନିଧିତ୍ୱ କରିବା ଭଳି ସାପୁଆକେଳାର ସାଂସ୍କୃତିକ ବ୍ୟଙ୍ଗ ଚିତ୍ର ଦେଶ ପ୍ରତି ଏକ ଅପମାନ। ଲେଖକ ରଜତ ସେଠୀ ମଧ୍ୟ ଏଭଳି ତାଚ୍ଛଲ୍ୟକୁ ନିନ୍ଦା କରିଛନ୍ତି। ଆଉ କେତେଜଣ ୟୁଜର୍ସ ଏଥିରେ ଅପମାନିତ କଲା ଭଳି କିଛି ନାହିଁ ବୋଲି ମତ ଦେଇଛନ୍ତି।

## ପରଟା ଉପରେ ୧୮% ଜିଏସ୍‌ଟି କାଏମ

**ନୂଆଦିଲ୍ଲୀ,୧୪।୧୦ (ପି.ଟି.)**

ପ୍ୟାକେଜ୍‌ଡ ପରଟା ଉପରେ ୧୮ ପ୍ରତିଶତ ଜିଏସ୍‌ଟିକୁ ଗୁଜରାଟ ଆପିଲେଟ୍ ଅଥରିଟି ଫର୍ ଆଡଭାନ୍ସ ରୁଲିଂ (ଏଏଏଆର୍) କାଏମ୍ ରଖିଛନ୍ତି। ଅଟାରେ ପ୍ରସ୍ତୁତ ହେଲେ ମଧ୍ୟ ପ୍ୟାକ୍ ହୋଇଥିବା ପରଟାକୁ ଖାଇବା ପୂର୍ବରୁ ଗରମ କରିବାକୁ ପଡ଼ିଥାଏ। ପରଟା ପ୍ରସ୍ତୁତିରେ ଅଟା ବ୍ୟତୀତ ବିଭିନ୍ନ ପନିପରିବା, ପିଆଜ, ମେଥି, ଆଳୁ, ତେଲ ଆଦି ବିଭିନ୍ନ ସାମଗ୍ରୀ ବ୍ୟବହାର କରାଯାଇଥାଏ। ଏହା ସାଦା ରୁଟି କିମ୍ବା ଚପାତିଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ୫ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇପାରିବ ନାହିଁ ବୋଲି ଏଏଏଆର୍ କହିଛନ୍ତି। ୨୦୨୧ ଜୁନ୍‌ରେ ଗୁଜରାଟ ଅଥରିଟି ଫର୍ ଆଡଭାନ୍ସ ରୁଲିଂ (ଏଏଆର୍) ପରଟା ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ ହେବା ଉଚିତ ବୋଲି କହିଥିଲେ। ଏହାକୁ ଅହମଦାବାଦର ବଡ଼ିଲାଲ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଏଏଏଆର୍‌ରେ ଚ୍ୟାଲେଞ୍ଜ କରାଯାଇଥିଲା।

ଏଏଏଆର୍‌ଙ୍କ ରାୟକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ଆବାହକ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା

**ବ୍ରିଟିଶ ଶାସକ ଖାଦ୍ୟସାମଗ୍ରୀ ଉପରେ ଟିକସ ଲଗାଇ ନ ଥିଲେ: କେଜ୍‌ରିୱାଲ**



କରିଛନ୍ତି। ଏପରିକି ବ୍ରିଟିଶମାନେ ଖାଦ୍ୟସାମଗ୍ରୀ ଉପରେ ଟିକସ ଲଗାଇ ନ ଥିଲେ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ବିଭିନ୍ନ ସାମଗ୍ରୀ ଉପରେ ଅତ୍ୟଧିକ ଜିଏସ୍‌ଟି ଲଗାଇଥିବାରୁ ଦେଶରେ ମୁଦ୍ରାସ୍ଫୀତି ବଢ଼ିଚାଲିଛି। ଦରବୃଦ୍ଧିରୁ ନିସ୍ତାର ପାଇବାକୁ ହେଲେ ଜିଏସ୍‌ଟି ହ୍ରାସ କରାଯିବା ଆବଶ୍ୟକ ବୋଲି କେଜ୍‌ରିୱାଲ କହିଛନ୍ତି।

## ଆଇଏନ୍‌ଏସ୍ ଅରିହନ୍ତରୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା



**ନୂଆଦିଲ୍ଲୀ,୧୪।୧୦**

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତର ଆଣବିକ ଶକ୍ତି ଚାଳିତ ବୁଡ଼ାଜାହାଜ ଆଇଏନ୍‌ଏସ୍ ଅରିହନ୍ତରୁ ଶୁକ୍ରବାର ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ସଫଳତାର ସହ ପରୀକ୍ଷା କରାଯାଇଛି। ବଙ୍ଗୋପସାଗରରେ ଏକ ନିର୍ଦ୍ଧାରିତ ଲକ୍ଷ୍ୟସ୍ଥଳକୁ ଏହି ମିସାଇଲ ସଠିକ୍ ଟାର୍ଗେଟ କରିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତର ଆକ୍ରମଣ ଦକ୍ଷତା ବୃଦ୍ଧିରେ ଏହା ଏକ ବଡ଼ ମାଇଲଖୁଣ୍ଟ। ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ନିର୍ମାଣ କରିବାରେ ଭାରତ ବିଶ୍ୱରେ ଷଷ୍ଠ ରାଷ୍ଟ୍ର। ୨୦୦୯ ଜୁଲାଇରେ କାର୍ଗିଲ ବିଜୟ ଦିବସ ଅବସରରେ ଏହି ବୁଡ଼ାଜାହାଜକୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସ୍ତ୍ରୀ ଗୁରୁଶରଣ କୌର ଶୁଭାରମ୍ଭ କରିଥିଲେ। କେ-୧୫ ଏବଂ କେ-୪ ଭାରତ ନିର୍ମିତ ସବ୍‌ମାରିନ୍ ଲଞ୍ଚଡ ବାଲିଷ୍ଟିକ୍ ମିସାଇଲ ଯାହାର ଲକ୍ଷ୍ୟଭେଦ କ୍ଷମତା ୩,୫୦୦ କିଲୋମିଟର।

# ନଭେମ୍ବର ୧୨ରେ ହିମାଚଳ ନିର୍ବାଚନ

**ନୂଆଦିଲ୍ଲୀ,୧୪।୧୦**

ଭାଜପା ଶାସିତ ହିମାଚଳ ପ୍ରଦେଶରେ ଆସନ୍ତା ନଭେମ୍ବର ୧୨ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଶୁକ୍ରବାର ଏନେଇ ଘୋଷଣା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ରାଜୀବ କୁମାର କହିଛନ୍ତି, ହିମାଚଳ ବିଧାନସଭାର ସମସ୍ତ ୬୮ ଆସନରେ ଆସନ୍ତା ୧୨ରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଡିସେମ୍ବର ୮ରେ ଗଣତି କରାଯିବ। ଗଣତନ୍ତ୍ରର ଏହି ପର୍ବରେ ସର୍ବାଧିକ ମତଦାତାଙ୍କ ଯୋଗଦାନକୁ ସୁନିଶ୍ଚିତ କରାଇବା ଲାଗି ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି। ହିମାଚଳ ପ୍ରଦେଶ ସହ ଗୁଜରାଟ ବିଧାନସଭା ପାଇଁ ମଧ୍ୟ ନିର୍ବାଚନ ତାରିଖ ଘୋଷଣା କରାଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ନିର୍ବାଚନ ଆୟୋଗ ଏନେଇ ଘୋଷଣା କରିନାହାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ରାଜ୍ୟରେ ଅଧିକ ପ୍ରତିଶ୍ରୁତିର ସୁଯୋଗ ଦେବା ପାଇଁ ନିର୍ବାଚନ କମିଶନ ଏପରି କରିଥିବା କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି।


ସିଇସି ରାଜୀବ କୁମାର

ହିମାଚଳ ପ୍ରଦେଶରେ ଗତ ୩ ଦଶନ୍ଧି ମଧ୍ୟରେ କୌଣସି ଶାସକ ଦଳ ବିରୋଧୀକୁ ହରାଇ ପୁନର୍ବାର କ୍ଷମତାସୀନ ହେବାର ନଜିର ନାହିଁ। ଏଥର ଏହାକୁ ଭୁଲ୍ ପ୍ରମାଣିତ କରିବା ପାଇଁ ଭାଜପା ଯଥାସାଧ୍ୟ ଉଦ୍ୟମ ଚଳାଇଥିବାବେଳେ ନିର୍ବାଚନ ତାରିଖ ଘୋଷଣା କରାଯାଇଛି। ସିଇସି ରାଜୀବ କୁମାର କହିଛନ୍ତି, ୫୫ ଲକ୍ଷ ଯୋଗ୍ୟ ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୧.୮୬ ଲକ୍ଷ ପ୍ରଥମ ଥର ପାଇଁ ଭୋଟ ଦେବେ। ୧.୨୨ ଲକ୍ଷ ମତଦାତାଙ୍କ ବୟସ ୮୦ ବର୍ଷରୁ ଅଧିକ ଏବଂ ୧,୧୮୪ ଭୋଟର ହେଉଛନ୍ତି ଶତାୟୁ। ନିର୍ବାଚନ

**ମୋଦିଙ୍କୁ ବଡ଼ ପ୍ରତିଶ୍ରୁତିର ସୁଯୋଗ ଦେବା ପାଇଁ ଗୁଜରାଟ ନିର୍ବାଚନ ତାରିଖ କହିଲେନି ଇସି: ଜୟରାମ ରମେଶ**

ପାଇଁ ଅକ୍ଟୋବର ୧୭ରେ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ଅକ୍ଟୋବର ୨୫। ନାମାଙ୍କନପତ୍ରଗୁଡ଼ିକୁ ୨୭ରେ ଯାଞ୍ଚ କରାଯିବ। ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ। ନଭେମ୍ବର ୨୭ରେ ଭୋଟ ଗ୍ରହଣ ଓ ଡିସେମ୍ବର ୮ରେ ଗଣତି କରାଯିବ। ତେବେ ଗୁଜରାଟ ବିଧାନସଭା ନିର୍ବାଚନର ଭୋଟ ଗଣତି ମଧ୍ୟ ଡିସେମ୍ବର ୮ରେ ହେବ କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ସିଇସି କହିଥିଲେ, ଗୁଜରାଟ କଥା ନିଷ୍ପତ୍ତି ନେବା ପରେ ଜଣାଇଦିଆଯିବ। ହିମାଚଳ ପ୍ରଦେଶ ବିଧାନସଭା କାର୍ଯ୍ୟକାଳ ୨୦୨୩ ଜାନୁୟାରୀ ୮ରେ ଶେଷ ହେଉଥିବାବେଳେ ଗୁଜରାଟ ବିଧାନସଭା ଅବଧି ଫେବୃୟାରୀ ୧୮ରେ ସରିବ। ଏହା ମଧ୍ୟରେ ୪୦ ଦିନର ବ୍ୟବଧାନ ଥିବାରୁ ଗୋଟିଏ ରାଜ୍ୟର ନିର୍ବାଚନ ଅନ୍ୟ ରାଜ୍ୟର ଭୋଟକୁ ପ୍ରଭାବିତ କରିବ ନାହିଁ। ତଥାପି ଦୁଇ ରାଜ୍ୟର ବିଧାନସଭା ନିର୍ବାଚନ ନଭେମ୍ବର-ଡିସେମ୍ବରରେ କରାଯାଇପାରିବ। ୨୦୧୭ ନିର୍ବାଚନ ଭଳି ଏଥର ମଧ୍ୟ ଦୁଇ ରାଜ୍ୟର ଭୋଟ ଗଣତି ଏକସଙ୍ଗେ ହୋଇପାରିବ ବୋଲି ସିଇସି କହିଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କେନ୍ଦ୍ରକୁ ଟାର୍ଗେଟ କରି କହିଛନ୍ତି, ଗୁଜରାଟ ନିର୍ବାଚନ ତାରିଖ ଘୋଷଣା କରା ନ ଯିବାକୁ ନେଇ ବିସ୍ମିତ ହେବାର ନାହିଁ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଗଲେ ପ୍ରଧାନମନ୍ତ୍ରୀ ସେଠାରେ ଉଦ୍‌ଘାଟନ ଓ ଶିଳାନ୍ୟାସର ବଡ଼ ପ୍ରତିଶ୍ରୁତି ଦେଇପାରିବେ ନାହିଁ। ମୋଦିଙ୍କୁ ଆଉ କିଛି ସମୟ ଦେବା ପାଇଁ ଇସି ଗୁଜରାଟ ଭୋଟକୁ ଘୁଞ୍ଚାଇଦେଇଥିବା ସେ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ୨୦୧୭ ହିମାଚଳ ନିର୍ବାଚନରେ ଭାଜପା ୪୪ ଆସନ ଦଖଲ କରି ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। କଂଗ୍ରେସକୁ ମାତ୍ର ୨୧ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## ଜିନ୍‌ପିଙ୍ଗ୍‌ଙ୍କୁ ବିରୋଧକରି ବେଜିଂରେ ବିକ୍ଷୋଭ

**ବାରାଣସୀ,୧୪।୧୦(ପି.ଟି.)**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ବିରୋଧ କରି ସର୍ବସାଧାରଣରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚାଇନାର ‘ଜିରୋ କୋଭିଡ୍’ ନୀତିକୁ ସମାଲୋଚନା କରାଯାଇ ରାଜଧାନୀ ବେଜିଂର ବିଭିନ୍ନ ବ୍ୟସ୍ତବହୁଳ ଛକ ସ୍ଥାନରେ ବ୍ୟାନର ଲଗାଯାଇଛି। ଗୁରୁବାର ଲାଗିଥିବା ଏହି ବ୍ୟାନରଗୁଡ଼ିକରେ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କୁ ସିଧାସଳଖ ସମାଲୋଚନା କରାଯାଇଛି। ଚାଇନା ଶାସକଙ୍କ ବିରୋଧରେ ସର୍ବସାଧାରଣରେ ବିକ୍ଷୋଭ ଏକ ବିରଳ ଘଟଣା। ଜିନ୍‌ପିଙ୍ଗ ରାଷ୍ଟ୍ରପତି ହେବା ଦିନରୁ ଏଭଳି ବିରୋଧ କେବେ ଦେଖାଯାଇ ନ ଥିଲା। ତେବେ ଉକ୍ତ ବ୍ୟାନର କିଏ ଲଗାଇଛି ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। ପୋଲିସ ବିଭିନ୍ନ ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ବ୍ୟାନରରେ ଜିନ୍‌ପିଙ୍ଗ୍‌ଙ୍କୁ ଏକଛତ୍ରବାଦୀ ଏବଂ ଉତ୍ପୀଡ଼କ ବୋଲି ଦର୍ଶାଯାଇ ତାଙ୍କର ବହିଷ୍କାର ଦାବି କରାଯାଇଛି। ଜିରୋ କୋଭିଡ୍ ନୀତିର କଟକଣା କୋହଳ କରିବା ଲାଗି ଏଥିରେ ଆହ୍ୱାନ ଦିଆଯାଇଛି। ଜନସାଧାରଣଙ୍କର ଅଧିକାର ରହିବା ଆବଶ୍ୟକ, ସେମାନଙ୍କୁ କ୍ରୀତଦାସ ଭଳି ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ବ୍ୟାନରରେ ଲେଖାଯାଇଛି।



ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି)ର ୨୦ତମ ଜାତୀୟ କଂଗ୍ରେସ ରବିବାର ଡକାଯାଇଛି। ଏହି ବୈଠକରେ ଜିନ୍‌ପିଙ୍ଗ୍‌ଙ୍କୁ ପୁନର୍ବାର ନେତା ନିର୍ବାଚନ କରାଯିବ ବୋଲି କୁହାଯାଉଥିଲା। ସେ ତୃତୀୟ ଥର ଲାଗି ଚାଇନା ରାଷ୍ଟ୍ରପତି ରହିବେ ବୋଲି ଆଶା କରାଯାଉଥିଲାବେଳେ ତାଙ୍କ ବିରୋଧରେ ଦେଶରେ ବିକ୍ଷୋଭ ଦେଖାଦେଇଛି। ଏହା ସତ୍ତ୍ୱେ ଚାଇନା ତାହାର ଜିରୋ କୋଭିଡ୍ ନୀତି ବଦଳାଇବା ନେଇ କୌଣସି ସୂଚନା ମିଳିନାହିଁ। ଚାଇନାରେ ରାଜନୈତିକ ବିକ୍ଷୋଭ ଅତି ବିରଳ ଘଟଣା ହୋଇଥିବାରୁ ବ୍ୟାନର ଜରିଆରେ ସାଙ୍କେତିକ ବିକ୍ଷୋଭକୁ ଅତ୍ୟନ୍ତ ଗୁରୁତର ସହ ନିଆଯାଇଛି।

**ବ୍ରିଟେନ ଅର୍ଥମନ୍ତ୍ରୀ ପଦରୁ କ୍ୱାର୍ଟେଙ୍ଗ୍ ବହିଷ୍କୃତ**

# ଜେରେମି ହଣ୍ଟ୍ ନୂଆ ଅର୍ଥମନ୍ତ୍ରୀ

**ଲଣ୍ଡନ,୧୪।୧୦**

ବ୍ରିଟିଶ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ତାଙ୍କ ଅର୍ଥମନ୍ତ୍ରୀ କ୍ୱାସି କ୍ୱାର୍ଟେଙ୍ଗ୍‌ଙ୍କୁ ଶୁକ୍ରବାର ବହିଷ୍କାର କରିଛନ୍ତି। ତାଙ୍କ ସ୍ଥାନରେ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଜେରେମି ହଣ୍ଟଙ୍କୁ ଦେଶର ନୂଆ ଅର୍ଥମନ୍ତ୍ରୀ କରାଯାଇଛି। ପୂର୍ବତନ ଅର୍ଥମନ୍ତ୍ରୀ କ୍ୱାର୍ଟେଙ୍ଗ୍‌ଙ୍କ ଟିକସ ହ୍ରାସ ନିଷ୍ପତ୍ତିକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ବୈଠକରେ ଯୋଗଦେବା ଲାଗି


ଜେରେମି ହଣ୍ଟ୍

ୱାଶିଂଟନରେ ଥିବା କ୍ୱାର୍ଟେଙ୍ଗ୍‌ଙ୍କୁ ତୁରନ୍ତ ଲଣ୍ଡନ ଡକାଯାଇଥିଲା। ମାତ୍ର ୩୭ ଦିନ ହେଲା ଅର୍ଥମନ୍ତ୍ରୀ ପଦରେ ଥିବା କ୍ୱାର୍ଟେଙ୍ଗଙ୍କୁ ବିଦା କରାଯାଇଥିବାରୁ ୧୯୭୦ ପରେ ସେ ବ୍ରିଟେନରେ ସବୁଠୁ କମ୍ ଦିନ ରହିଥିବା ଅର୍ଥମନ୍ତ୍ରୀ ବୋଲି କୁହାଯାଉଛି। ସେପ୍ଟେମ୍ବର ୨୩ରେ ଅର୍ଥମନ୍ତ୍ରୀ କ୍ୱାର୍ଟେଙ୍ଗ ନୂଆ ଆର୍ଥିକ ନୀତି ଘୋଷଣା କରିଥିଲେ। ବ୍ରିଟିଶ ଅର୍ଥନୀତିର ଅଭିବୃଦ୍ଧିକୁ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ଟ୍ରସ୍‌ଙ୍କ ଟିକସ ହ୍ରାସ୍ ଏବଂ ଡିରେଗୁଲେଶନ ଦୂରଦୃଷ୍ଟି ସମ୍ପର୍କରେ ସେ ଅବଗତ କରାଇଥିଲେ। ତେବେ ଏହାର ପ୍ରତିକୂଳ ପ୍ରଭାବ ଶେୟାର ବଜାର ଉପରେ ପଡ଼ିଥିଲା। ପେନ୍‌ସନ ପାଣ୍ଠିର ସୁରକ୍ଷା ପାଇଁ ବ୍ୟାଙ୍କ ଅଫ୍ ଇଂଲଣ୍ଡକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ନୂଆ ଆର୍ଥିକ ନୀତି ଯୋଗୁ କଞ୍ଜରଭେଟିଭ୍ ପାର୍ଟି ପ୍ରତି ସମର୍ଥନ ହ୍ରାସ ପାଉଥିବାରୁ ଏହାକୁ ବଦଳାଇବା ପାଇଁ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉପରେ ଜୋର୍‌ଦାର ଚାପ ପଡୁଥିଲା। ଏପରିକି ଟ୍ରସ୍‌ଙ୍କୁ ବଦଳାଇ ଋଷି ସୁନକଙ୍କୁ ପ୍ରଧାନମନ୍ତ୍ରୀ କରିବା ଲାଗି ମଧ୍ୟ ଦଳୀୟ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଥିଲା।



ସମ୍ପ୍ରତି ସାରା ବିଶ୍ୱରେ ତୈଳ ଓ ଶକ୍ତି ସଙ୍କଟ ଦେଖାଦେଇଛି। ଏହାର ଗମ୍ଭୀରତାକୁ ଦର୍ଶାଇବାକୁ ଯାଇ ଫରାସୀ ସ୍ପାଇଡରମ୍ୟାନ୍ ଅଲାଇନ୍ ରୋବର୍ଟ ପ୍ୟାରିସସ୍ଥିତ ମୋଣ୍ଟପାମାସେ ଟାୱାରକୁ ଚଢ଼ୁଛନ୍ତି।

# ଗିରଫର ୮ ବର୍ଷ ପରେ ସାଇବାବା ଦୋଷମୁକ୍ତ

**ନାଗପୁର/ନୂଆଦିଲ୍ଲୀ,୧୪।୧୦**

ମାଓବାଦୀଙ୍କ ସହ ସମ୍ପର୍କ ଅଭିଯୋଗରେ ଗିରଫ ହେବାର ୮ ବର୍ଷ ପରେ ଦିଲ୍ଲୀ ୟୁନିଭର୍ସିଟିର ପୂର୍ବତନ ପ୍ରଫେସର ଜି.ଏନ୍. ସାଇବାବାଙ୍କୁ ଶୁକ୍ରବାର ବମ୍ବେ ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି। ୫୨ ବର୍ଷୀୟ ସାଇବାବାଙ୍କୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ଗିରଫ କରିବା ଅବୈଧ। ତେଣୁ ତାଙ୍କୁ ଖଲାସ କରାଯାଉ ବୋଲି ହାଇକୋର୍ଟ ନାଗପୁର କେନ୍ଦ୍ରୀୟ କାରାଗାରକୁ ନିର୍ଦ୍ଦେଶ ଦେଇଛନ୍ତି।

ଦେଶ ବିରୋଧରେ ଯୁଦ୍ଧ ସକାଶେ ମାଓବାଦୀଙ୍କ ସହ ସମ୍ପର୍କ ରଖିବା ଅଭିଯୋଗରେ ସାଇବାବାଙ୍କୁ ୨୦୧୪ ଫେବୃୟାରୀରେ ଗିରଫ କରାଯାଇଥିଲା। ୨୦୧୭ ମାର୍ଚ୍ଚରେ ମହାରାଷ୍ଟ୍ରର ଗଡ଼ଚିରୋଲି

**ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲା ଏନ୍‌ଆଇଏ**


ଜି.ଏନ୍. ସାଇବାବା

ଜିଲା କୋର୍ଟ ଏହି ମାମଲାରେ ସାଇବାବା ଓ ଜବାହରଲାଲ ନେହେରୁ ୟୁନିଭର୍ସିଟିର (ଜେଏନ୍‌ୟୁ)ର ଜଣେ ଛାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ସାଇବାବା ଏହାକୁ ବମ୍ବେ ହାଇକୋର୍ଟଙ୍କ ନାଗପୁର ଡିଭିଜନ ବେଞ୍ଚରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ରୋହିତ ଦେଓ ଏବଂ ଅନିଲ ପାନ୍‌ସରେଙ୍କ ଖଣ୍ଡପୀଠ ସାଇବାବାଙ୍କ ଅପିଲ ପିଟିଶନର ଶୁଣାଣି କରି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମହାରାଷ୍ଟ୍ର ସରକାର ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ସୁପ୍ରିମକୋର୍ଟ ଯାଇଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କ ଖଣ୍ଡପୀଠରେ ତ୍ୱରିତ ଶୁଣାଣି କରାଯାଉ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅନୁରୋଧ କରିଛନ୍ତି। ପୋଲିସଜନିକ ପାରାଲେସିସ୍‌ଗ୍ରସ୍ତ ସାଇବାବା ହ୍ୱିଲଚେୟାର ଉପରେ ନିର୍ଭରଶୀଳ।

# ଯୁବପିଢ଼ିଙ୍କ ମୁଣ୍ଡ ଖରାପ କରୁଛନ୍ତି ଏକତା

**ନୂଆଦିଲ୍ଲୀ,୧୪।୧୦**

ପ୍ରଯୋଜିକା ଏକତା କପୁରଙ୍କ ୱେବ୍ ସିରିଜ୍ ‘XXX’ ରେ ଆପତ୍ତିଜନକ କଣ୍ଟେଣ୍ଟକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କୁ ଭର୍ତ୍ସନା କରିଛନ୍ତି। ଏକତା ଭାରତର ଯୁବପିଢ଼ିଙ୍କ ମସ୍ତିଷ୍କକୁ ପ୍ରଦୂଷିତ କରୁଥିବା ଶୀର୍ଷ ଅଦାଲତ କହିଛନ୍ତି। ଏକତାଙ୍କ ଓଭର୍ ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମ ଅଲ୍ଟ ବାଲାଜୀରେ ପ୍ରସାରିତ ଉକ୍ତ ୱେବ୍ ସିରିଜର ସିଜନ୍-୨ରେ ଯବାନମାନଙ୍କୁ ଅପମାନିତ ଓ ସେମାନଙ୍କ ପରିବାରର ଭାବାବେଗକୁ କୁଠାରାଘାତ କରାଯାଇଥିବା ଅଭିଯୋଗ ଆଣି ବିହାରର ବେଗୁସରାଇସ୍ଥିତ ଏକ କୋର୍ଟରେ ପିଟିଶନ ଦାଖଲ କରାଯାଇଛି। ପୂର୍ବତନ ସୈନିକ ଶମ୍ଭୁ କୁମାରଙ୍କ ଆବେଦନକ୍ରମେ



ବେଗୁସରାଇ କୋର୍ଟ ଏକତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି।

ଏକତା କପୁରଙ୍କ ବିରୋଧରେ ଗିରଫ ପରୱାନା ଜାରି ହେବା ପରେ ସେ ପାଟନା ହାଇକୋର୍ଟରେ ଏକ ପିଟିଶନ ଦାଖଲ

- ୱେବ୍ ସିରିଜ୍‌ରେ ଆପତ୍ତିଜନକ କଣ୍ଟେଣ୍ଟ
- ଭର୍ତ୍ସନା କଲେ ସୁପ୍ରିମକୋର୍ଟ

କରିଛନ୍ତି। ଏହାର ଶୁଣାଣି ହେଉ ନ ଥିବାରୁ ଏକତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପାଟନା ହାଇକୋର୍ଟରେ ଦାଖଲ ପିଟିଶନର ଶୁଣାଣି ଏତେ ଶୀଘ୍ର ହେବାକୁ ଯାଉନାହିଁ ବୋଲି ଏକତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ସୁପ୍ରିମକୋର୍ଟଙ୍କୁ କହିଥିଲେ। ଜଷ୍ଟିସ୍ ଅଜୟ ରୋହତଗୀ ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଉପରେ କହିଛନ୍ତି, କିଛି ଗୋଟେ କରିବାକୁ ପଡ଼ିବ। ତୁମେ ଭାରତୀୟ ଯୁବପିଢ଼ିଙ୍କ ମୁଣ୍ଡ ଖରାପ କରୁଛ। ଓଟିଟି କଣ୍ଟେଣ୍ଟ ସମସ୍ତଙ୍କ ପାଇଁ ଉପଲବ୍ଧ। ତୁମେ ଲୋକଙ୍କୁ କିପରି ଜିନିଷ ଦେଖିବାକୁ ଦେଉଛ? ଉତ୍ତରରେ ମୁକୁଲ ରୋହତଗୀ କହିଥିଲେ, ଏକତାଙ୍କ ୱେବ୍ ସିରିଜ୍‌ର କଣ୍ଟେଣ୍ଟ ହେଉଛି ସବ୍‌ସ୍କ୍ରିପ୍‌ଶନଭିତ୍ତିକ। ଦେଶରେ କିଏ କ'ଣ ଦେଖିବେ ତାହା ସମ୍ପୃକ୍ତ ଦର୍ଶକଙ୍କ ସ୍ୱାଧୀନତା। ଖଣ୍ଡପୀଠ କହିଥିଲେ, ଯେଉଁମାନେ ସ୍ୱର ଉତ୍ତୋଳନ କରିପାରନ୍ତି ସେମାନଙ୍କ ପାଇଁ ଏହି ଅଦାଲତ ଉଦ୍ଦିଷ୍ଟ ନୁହେଁ। ପାଟନାର ଜଣେ ଓକିଲଙ୍କ ଜରିଆରେ ହାଇକୋର୍ଟରେ ବିଚାରାଧୀନ ମାମଲାର ସ୍ଥିତି ସମ୍ପର୍କରେ ଜାଣିବାକୁ ଏକତାଙ୍କ ଉଦ୍ଦେଶ୍ୟରେ ଖଣ୍ଡପୀଠ ରୋହତଗୀଙ୍କୁ ପରାମର୍ଶ ଦେଇଛନ୍ତି।

## ସେନ୍‌ସେକ୍ସରେ ୬୮୫ ପଏଣ୍ଟ ବୃଦ୍ଧି

ନୂଆଦିଲ୍ଲୀ,୧୪।୧୦: ଦିନକ ପରେ ପୁଣି ଥରେ ଦଲାଲ ଷ୍ଟ୍ରିଟ୍‌ର ଫଳାଫଳ ନିବେଶକଙ୍କୁ ଖୁସି କରିଛି। ଏପରିକି ଚଳିତ ସପ୍ତାହର ୫ମ ବା ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ମାର୍କେଟର ନିବେଶକମାନେ କିଛି ପରିମାଣର ନିବେଶ ପୂର୍ବ କାରବାର ତୁଳନାରେ ଫେରିପାଇଛନ୍ତି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୬୮୫ (୬୮୪.୬୪) ପଏଣ୍ଟ ବୃଦ୍ଧି ଘଟି ୫୭,୯୨୦ (୫୭,୯୧୯.୯୭) ଅଙ୍କରେ କାରବାର ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୭୧ (୧୭୧.୩୫) ପଏଣ୍ଟ ବଢ଼ି ୧୭,୧୮୬ (୧୭,୧୮୫.୭୦) ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି।

# ଖସିଲା ପାଇକାରୀ ମୁଦ୍ରାସ୍ଫୀତି ହାର

## ସେପ୍ଟେମ୍ବରରେ ଡବ୍ଲ୍ୟୁପିଆଇ ୧୦.୭%



ନୂଆଦିଲ୍ଲୀ,୧୪।୧୦

ହୋଲ୍‌ସେଲ ପ୍ରାଇସ ଇଣ୍ଡେକ୍ସ (ଡବ୍ଲ୍ୟୁପିଇ) ଆଧାରିତ ମୁଦ୍ରାସ୍ଫୀତି ଚଳିତ ବର୍ଷ ସେପ୍ଟେମ୍ବରରେ ୧୦.୭୦% କୁ ହ୍ରାସ ପାଇଛି। ଏପରିକି ଚଳିତ ବର୍ଷ ଅଗଷ୍ଟ ମାସରେ ପାଇକାରୀ ଆଧାରିତ ମୁଦ୍ରାସ୍ଫୀତି ୧୨.୪୧%ରେ ପହଞ୍ଚିଛି ବୋଲି ଶୁକ୍ରବାର ସରକାରୀ ସୂତ୍ରରୁ ଜଣାପଡ଼ିଛି। ବିଶେଷକରି ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ମୁଖ୍ୟତଃ ଖଣିଜ ତୈଳ, ଖାଦ୍ୟ ପଦାର୍ଥ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍, ରାସାୟନିକ ପଦାର୍ଥ ଏବଂ ରାସାୟନିକ ଦ୍ରବ୍ୟ, ମୌଳିକ ଧାତୁ, ବିଦ୍ୟୁତ୍, ବସ୍ତ୍ର ଇତ୍ୟାଦି ମୂଲ୍ୟ ବୃଦ୍ଧିରେ ବେଶ୍ ସହାୟକ ହୋଇଛି ବୋଲି ସରକାର ମତବ୍ୟକ୍ତ କରିଛନ୍ତି। ସେହିଭଳି ହାଇ ସ୍ପିଡ୍ ଡିଜେଲ (ଏଚ୍‌ଏସ୍‌ଡି) ରେ ସର୍ବାଧିକ ମୁଦ୍ରାସ୍ଫୀତି ୬୫.୯୬% ରହିଥିବା ସରକାରୀ ତଥ୍ୟରେ ଉଲ୍ଲେଖ କରାଯାଇଛି। ସେହିପରି ଆଳୁ ମୂଲ୍ୟରେ ୪୯.୭୯% ବୃଦ୍ଧି ଏବଂ ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍‌ରେ ୪୪.୭୨% ବୃଦ୍ଧି ଘଟିଛି। ସେହିଭଳି ଦୀର୍ଘ ସମୟ ପରେ ମୂଲ୍ୟ ବୃଦ୍ଧିରୁ ନିସ୍ତାର ମିଳିବ ବୋଲି ଆଶା କରାଯାଉଛି। କାରଣ ଖୁଚୁରା ମୁଦ୍ରାସ୍ଫୀତି ୫ ମାସର ଶୀର୍ଷରେ ପହଞ୍ଚିଥିବା ବେଳେ ପାଇକାରୀ ମୁଦ୍ରାସ୍ଫୀତିରେ ସାମାନ୍ୟ ହ୍ରାସ ଘଟିଛି। ଏପରିକି ୨୦୨୨ ଜୁନ୍‌ରେ ୧୫%କୁ ପାର କରିଥିବା ପାଇକାରୀ ମୁଦ୍ରାସ୍ଫୀତି ବର୍ତ୍ତମାନ ହ୍ରାସ ପାଇଚାଲିଛି। ସେହିପରି ଅଗଷ୍ଟରେ ୧୨.୪୧% ରୁ ହ୍ରାସ ହୋଇ ବର୍ତ୍ତମାନ ୧୦.୭୦%କୁ ପହଞ୍ଚିଯାଇଛି। ତେବେ ପାଇକାରୀ ମୁଦ୍ରାସ୍ଫୀତି ଲଗାତର ୧୮ ମାସ ହେଲା ୧୦%ରୁ ଉର୍ଦ୍ଧ୍ୱରେ ରହିଛି। ଏହା ପୂର୍ବରୁ ଅଗଷ୍ଟରେ ଡବ୍ଲ୍ୟୁପିଆଇ ୧୧ମାସର ନିମ୍ନସ୍ତରକୁ ଚାଲି ଆସିଥିଲା। ହେଲେ ବର୍ତ୍ତମାନ ଆହୁରି ହ୍ରାସ ହୋଇ ୧୮ ମାସର ସର୍ବନିମ୍ନସ୍ତରକୁ ପହଞ୍ଚିଛି। ଗତ ମେ ମାସରେ ଡବ୍ଲ୍ୟୁପିଆଇ ୧୫.୮୮% ରେ ରେକର୍ଡ ସ୍ତରରେ ପହଞ୍ଚିଥିଲା। ତେବେ ସେପ୍ଟେମ୍ବରରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୯.୯୩%ରୁ ହ୍ରାସ ହୋଇ ୮.୦୮% ଓ ଖାଦ୍ୟ ତୈଳ ପାଇକାରୀ ମୁଦ୍ରାସ୍ଫୀତି ବିଯୁକ୍ତ ୦.୭୪% ହ୍ରାସ ହୋଇ ବିଯୁକ୍ତ ୭.୩୨%କୁ ପହଞ୍ଚିଥିଲା।

## ୧୬ରେ ଡିବିୟୁର ଶୁଭାରମ୍ଭ କରିବେ ମୋଦି

ଭୁବନେଶ୍ୱର,୧୪।୧୦

ଦେଶର ଆର୍ଥିକ ଅନ୍ତର୍ଭୁକ୍ତିକୁ ଅଧିକ ବ୍ୟାପକ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର (୧୬ ଅକ୍ଟୋବର) ଦେଶର ୭୫ଟି ଜିଲାକୁ ୭୫ଟି ଡିଜିଟାଲ ବ୍ୟାଙ୍କ ୟୁନିଟ୍ (ଡିବିୟୁ) ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ବୋଲି ଜଣାପଡ଼ିଛି। ଏ ନେଇ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ(ଭିସି) ରେ ଦେଶବାସୀଙ୍କୁ ସମ୍ବୋଧନ ମଧ୍ୟ କରିବେ। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ବାର୍ଷିକ ବଜେଟରେ ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶର ୭୫ ଜିଲାରେ ୭୫ଟି ଡିବିୟୁ ସ୍ଥାପନା ନିମନ୍ତେ ଘୋଷଣା କରାଯାଇଥିଲା।

## ଓଭୋ ଫାର୍ମ ପକ୍ଷରୁ ନୂତନ ଉତ୍ପାଦ ଉନ୍ମୋଚିତ




ଭୁବନେଶ୍ୱର,୧୪।୧୦

ରାଜ୍ୟର ପ୍ରମୁଖ ଅଣ୍ଡା ଉତ୍ପାଦନକାରୀ ସଂସ୍ଥା 'ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍' ପକ୍ଷରୁ ଶୁକ୍ରବାର ଏକ ନୂଆ ବ୍ରାଣ୍ଡ 'କେନ୍‌କୋ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଶ୍ୱ ଅଣ୍ଡା ଦିବସ ପରିପ୍ରେକ୍ଷୀରେ ବ୍ରାଣ୍ଡର ନୂତନ ଉତ୍ପାଦଗୁଡିକୁ ମଧ୍ୟ ଉନ୍ମୋଚନ କରାଯାଇଛି। ୪ଟି ଭିନ୍ନ ଭିନ୍ନ ପ୍ରକାରର ଅଣ୍ଡା ଯଥା ହାଇ-ପ୍ରୋ, ବ୍ରାଉନ୍, ଇମ୍ୟୁନୋ ଓ ହାର୍ଟି ବର୍ତ୍ତମାନ ଭୁବନେଶ୍ୱର, କୋଲକାତା ଓ ଗୁଆହାଟୀ ଭଳି ବୃହତ୍ ବଜାରରେ ଉପଲବ୍ଧ ହେଉଛି। ସେହିଭଳି ସାରା ଦେଶର ଗ୍ରାହକମାନେ ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ ସାଙ୍ଗକୁ ସୁପରମାର୍ଟ ଓ ୪୦୦ରୁ ଅଧିକ ସାଧାରଣ ଦୋକାନଗୁଡ଼ିକରେ ମଧ୍ୟ କେନ୍‌କୋ ବ୍ରାଣ୍ଡର ଅଣ୍ଡାଗୁଡିକୁ କ୍ରୟ କରିପାରିବେ ବୋଲି ଫାର୍ମ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡର ସିଇଓ ସମରେନ୍ଦ୍ର ମିଶ୍ର କହିଛନ୍ତି, ଆମେ ଆମର ଗ୍ରାହକଙ୍କୁ ଗୁଣାତ୍ମକ ଓ ସ୍ୱାସ୍ଥ୍ୟକର ଉତ୍ପାଦ ପ୍ରଦାନ କରିବା ଲାଗି ପ୍ରତିବଦ୍ଧ ରହିଛୁ। ସେହିଭଳି ଅଣ୍ଡା ବଜାରରେ ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବା ଉପରେ କାର୍ଯ୍ୟ କରିବା ଜାରି ରଖିବୁ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ବିଶ୍ୱ ଅଣ୍ଡା ଦିବସରେ ଆମେ ଆମର ନୂଆ ବ୍ରାଣ୍ଡ କେନ୍‌କୋର ଉନ୍ମୋଚନକରି ବେଶ୍ ଉତ୍ସାହିତ ଓ ଗର୍ବ ଅନୁଭବ କରୁଛୁ। ଓଡ଼ିଶାର ବଲାଙ୍ଗୀର ଜିଲାରେ ଅବସ୍ଥିତ ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶା ଓ ଏହାର ପଡ଼ୋଶୀ ରାଜ୍ୟଗୁଡିକୁ ଅନ୍ତର୍ଜାତୀୟ ମାନକ ସହିତ ସର୍ବୋଚ୍ଚ ଗୁଣମାନର ଅଣ୍ଡା ଯୋଗାଉଛି। ଓଭୋ ଫାର୍ମର ୩ଟି ଅତ୍ୟାଧୁନିକ ଫାର୍ମ ଜରିଆରେ ପ୍ରତିଦିନ ୧ମିଲିୟନରୁ ଅଧିକ ଅଣ୍ଡା ଉତ୍ପାଦନ କରାଯାଉଛି। ସେହିଭଳି ଗୁଣାତ୍ମକ ପୋଷଣ-ସମୃଦ୍ଧ ଅଣ୍ଡା ଯୋଗାଇବା ଉପଭୋକ୍ତାଙ୍କ ଜୀବନ ଓ ଜୀବିକାକୁ ସମୃଦ୍ଧ କରିବାର ଏକ ଲକ୍ଷ୍ୟ ସହ ଦୀର୍ଘ ୨୦ବର୍ଷ ହେବ ଫାର୍ମର ପ୍ରତିଷ୍ଠାତା ସୌମେନ୍ଦ୍ର ମିଶ୍ର ଏବଂ ସିଇଓ ସମରେନ୍ଦ୍ର ମିଶ୍ର କଠିନ ପରିଶ୍ରମ ସାଙ୍ଗକୁ ପ୍ରୟାସ ମଧ୍ୟ ଜାରି ରଖିଛନ୍ତି।

## ଜେଜିଆଇରେ ଓଡ଼ିଶାର ୨୦ ଷ୍ଟାର୍ଟଅପ୍

ଭୁବନେଶ୍ୱର,୧୪।୧୦

ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କାର ରାୟଙ୍କ ନେତୃତ୍ୱରେ ଓଡ଼ିଶାର ୨୦ଟି ଟେକ୍ ଷ୍ଟାର୍ଟଅପ୍‌ଙ୍କର ଏକ ପ୍ରତିନିଧି ଦଳ ବିଶ୍ୱର ପ୍ରତିଷ୍ଠିତ ଟେକ୍ ଓ ଷ୍ଟାର୍ଟଅପ୍ ଜାଇଟେକ୍ସ ଗ୍ଲୋବାଲ ଇଭେଣ୍ଟ(ଜେଜିଆଇ)-୨୦୨୨ରେ ଅଂଶଗ୍ରହଣ କରିବା ଲାଗି ଦୁବାଇରେ ପହଞ୍ଚିଛନ୍ତି। ଉକ୍ତ ଇଭେଣ୍ଟ ଚଳିତ ଅକ୍ଟୋବର ୧୦ରୁ ଦୁବାଇର ୱାର୍ଲଡ ଟ୍ରେଡ୍ ସେଣ୍ଟରଠାରେ ଆୟୋଜିତ ହେଉଛି। ଏହି ବିଶ୍ୱସ୍ତରୀୟ ଇଭେଣ୍ଟରେ ଓଡ଼ିଶା ସରକାରଙ୍କ ଷ୍ଟାର୍ଟଅପ୍ ଓଡ଼ିଶା ଏକ ପାର୍ଟିସିପେଟିଂ ପାର୍ଟନର ଭାବେ ଅଂଶଗ୍ରହଣ କରିଛି। ଜାଇଟେକ୍ସରେ ଓଡ଼ିଶାର ଏହି ଷ୍ଟାର୍ଟଅପ୍‌ଗୁଡିକ୍ ନିଜର ଉତ୍ପାଦଗୁଡ଼ିକର ପ୍ରଦର୍ଶନ କରିବା ସହ ବିଶ୍ୱ ପ୍ରଯୁକ୍ତି ବଜାରଗୁଡ଼ିକ ସହିତ ଯୋଡ଼ି ହେବେ। ବିଶେଷକରି ଏଡ୍‌ଟେକ, ଏନ୍‌ଏଫ୍‌ଟି, ଏଣ୍ଟରପ୍ରାଇଜ ଟେକ୍, ଆଇଓଟି (ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ), ସ୍ୱାସ୍ଥ୍ୟ ଟେକ୍ନୋଲୋଜି, ଇ-କମର୍ସ, ବୈଦ୍ୟୁତିକ ଯାନ, ଫିନ୍‌ଟେକ, ରୋବୋଟିକ୍ସ, ଏଆଇ/ଏମ୍‌ଏଲ ଏବଂ କଞ୍ଜ୍ୟୁମର ଟେକ୍ ଭଳି କ୍ଷେତ୍ରରୁ ଆସିଥିବା ଓଡ଼ିଶା ଭିତ୍ତିକ ଷ୍ଟାର୍ଟଅପ୍‌ଗୁଡ଼ିକ 'ନର୍ଥ ଷ୍ଟାର-୨୦୨୨'ରେ ଯୋଗଦେବା ପାଇଁ ସେଠାରେ ଉପସ୍ଥିତ ରହିଛନ୍ତି, ଯାହାକି ଜାଇଟେକ୍ସ ଗ୍ଲୋବାଲ ୨୦୨୨ର ଏକ ଅଂଶ। ଏହି ପ୍ରତିନିଧି ଦଳ ତାଜ ଦୁବାଇ, ବିଜ୍‌ନେସ ବେ ୟୁଏଇରେ ଆୟୋଜିତ ହେବାକୁ ଥିବା 'ଇଣ୍ଡିଆ ଷ୍ଟାର୍ଟଅପ୍ କନ୍‌ଫ୍ଲୁଏନ୍ସ ୨୦୨୨'ରେ ମଧ୍ୟ ଯୋଗଦେବ। ଏହି ବୈଠକ ଓଡ଼ିଶାର ଷ୍ଟାର୍ଟଅପ୍‌ଗୁଡ଼ିକୁ ୟୁଏଇର ଷ୍ଟାର୍ଟଅପ୍ ଏବଂ ମଧ୍ୟ ପୂର୍ବ ଆଧାରିତ ବୃହତ୍ ଇକୋସିଷ୍ଟମ ଷ୍ଟେକ୍‌ହୋଲ୍‌ଡରଙ୍କ ସହ ଯୋଡ଼ିହେବା ଲାଗି ଏକ ସୁଯୋଗ ପ୍ରଦାନ କରୁଛି। ଏହି ପ୍ରତିନିଧି ଦଳ ଶାରଜା ରିସର୍ଚ୍ଚ ଇନୋଭେସନ ଏବଂ ଟେକ୍ନୋଲୋଜି ପାର୍କ (ଏସ୍‌ଆର୍‌ଆଇଟିପି)ର ପରିଦର୍ଶନ ମଧ୍ୟ କରିବେ। ଜାଇଟେକ୍ସ ଗ୍ଲୋବାଲ-୨୦୨୨ରେ ୫୦୦୦ ପ୍ରଦର୍ଶକ ଅଂଶଗ୍ରହଣ କରିଛନ୍ତି ଯାହାକି ପ୍ରତିଶ୍ରୁତି ଏବଂ ସୁଯୋଗରେ ପରିପୂର୍ଣ୍ଣ ଏକ ନୂଆ ଦୁନିଆର ପ୍ରଦର୍ଶନ କରୁଛି। ଜାଇଟେକ୍ସ ଗ୍ଲୋବାଲ-୨୦୨୨ର ଏହି ୪୨ତମ ସଂସ୍କରଣରେ ସବୁଠାରୁ ଅତ୍ୟାଧୁନିକ କମ୍ପାନୀ ଏବଂ ଜ୍ଞାନର ସମ୍ମିଶ୍ରଣ ଦେଖିବାକୁ ମିଳିବ, ଯାହା ୬ଜିର ଉତ୍କୃଷ୍ଟ ଶକ୍ତିଠାରୁ ଆରମ୍ଭକରି ମେଟାଭର୍ସର ବିଶାଳ ଭର୍ଚୁଆଲ ବ୍ୟବସାୟ ଇକୋସିଷ୍ଟମର ଗଭୀରତା ପର୍ଯ୍ୟନ୍ତ ପ୍ରବେଶ କରିବ।

## 'ଖୁସିର ପର୍ବ' ବିଜେତାଙ୍କୁ ସମ୍ବର୍ଦ୍ଧନା ଦେଲା ଟ୍ରେଣ୍ଡ୍‌ସ




ଭୁବନେଶ୍ୱର,୧୪।୧୦

ରିଲାଏନ୍ସ ରିଟେଲର ପ୍ରମୁଖ ୟୁନିଟ୍ 'ଟ୍ରେଣ୍ଡ୍‌ସ' ପକ୍ଷରୁ ଦୁର୍ଗାପୂଜା ଓ ଦଶହରା ସମୟରେ ଅନୁଷ୍ଠିତ 'ଖୁସିର ପର୍ବ' ପ୍ରତିଯୋଗିତାର ବିଜେତା ସମ୍ପର୍କରେ ଶୁକ୍ରବାର ଘୋଷଣା କରାଯାଇଛି। ଏପରିକି ଟ୍ରେଣ୍ଡ୍‌ସ ଖୁସିର ପର୍ବ ମାଇଁ ପୂଜା ମାଇଁ ଲୁକ୍‌ସ ପ୍ରତିଯୋଗିତାରେ କଟକର ନିତାଶା ସିମ୍ପଲ ୧ମ ପୁରସ୍କାର ଜିତିଥିବା ବେଳେ ରାଉରକେଲାର ତନିସା ପତି ୨ୟ ଏବଂ ରେମୁଣାର ପ୍ରଜ୍ଞା ନାୟକ ୩ୟ ପୁରସ୍କାର ଜିତିଛନ୍ତି। ସେହିପରି ପୂଜା ସେଲିବ୍ରେଶନ ରିଲ୍‌ସ-ଭିଡିଓ ପ୍ରତିଯୋଗିତାରେ ଯାଜପୁରର ଅଭୀପ୍‌ସା ସାମଲ ୧ମ ପୁରସ୍କାର ଜିତିଥିବା ବେଳେ ସାଲେପୁରର ଶ୍ରୀଦେବୀ ବିଶ୍ୱାଳ ୨ୟ ଓ କଟକର ସନ୍ତୋଷ ବେହେରା ୩ୟ ପୁରସ୍କାର ଜିତିଛନ୍ତି। ଏକ ବର୍ଣ୍ଣାଢ଼୍ୟ ଖୁସିର ପର୍ବ ଫିନାଲେ କାର୍ଯ୍ୟକ୍ରମରେ ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତାଙ୍କ ଉପସ୍ଥିତିରେ ଖୁସିର ପର୍ବ ପ୍ରତିଯୋଗିତାର ସମସ୍ତ ୬ ବିଜେତାଙ୍କୁ ଟ୍ରେଣ୍ଡ୍‌ସ ପକ୍ଷରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ଓ ଗ୍ରାହକଙ୍କୁ ଉତ୍ସାହିତ କରିବା ଲାଗି ଟ୍ରେଣ୍ଡ୍‌ସ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଓ ଖୁସିର ପର୍ବ ପ୍ରତିଯୋଗିତା ଭଳି ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ବିଶେଷକରି ଗ୍ରାହକମାନଙ୍କୁ ନିଜର ପୂଜା ଲୁକ୍ କିମ୍ବା ପୂଜା ଉତ୍ସବ ପାଳନର ଭିଡିଓ- ରିଲ୍‌ସକୁ ଟ୍ରେଣ୍ଡ୍‌ସ ସହ ଶେୟାର କରିବା ଜରିଆରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରାୟ ୧.୨୦ ଲକ୍ଷ ଟଙ୍କାର ପୁରସ୍କାର ଜିତିବାର ସୁଯୋଗ ନେବା ପାଇଁ ଆହ୍ୱାନ କରାଯାଇଥଲା। ଏଥିପାଇଁ ଦିଆଯାଇଥିବା ହ୍ୱାଟ୍ସଆପ୍ ନମ୍ବର ଓ ୱେବ୍‌ସାଇଟ୍‌ରେ ହଜାର ହଜାର ଗ୍ରାହକ ସେମାନଙ୍କ ଆବେଦନ ଦାଖଲ କରିଥିଲେ।

## ସୌରଭ ଗାଙ୍ଗୁଲି ବନ୍ଧନ ବ୍ୟାଙ୍କର ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୧୪।୧୦

ବନ୍ଧନ ବ୍ୟାଙ୍କ୍ ପକ୍ଷରୁ ସୌରଭ ଗାଙ୍ଗୁଲିଙ୍କୁ ବ୍ୟାଙ୍କର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଥିବା ବିଷୟରେ ଘୋଷଣା କରାଯାଇଛି। ଏପରିକି ଦାଦା ଭାବେ ପରିଚିତ ସୌରଭ ଗାଙ୍ଗୁଲି ବ୍ୟାଙ୍କ୍‌ର ବ୍ରାଣ୍ଡ ବାର୍ତ୍ତାକୁ ବ୍ୟାପକ ଭାବେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ବେଶ୍ ଫଳପ୍ରଦ ହେବେ ଏବଂ ସେ ବ୍ୟାଙ୍କ୍‌ର ଉତ୍ପାଦ ଓ ସେବାର ପ୍ରଚାର କରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବିଶେଷକରି ଉଭୟ ଦାଦା ଓ ବ୍ୟାଙ୍କର ବ୍ରାଣ୍ଡ ମୂଲ୍ୟବୋଧ ସମାନ ରହିଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କ୍‌ର ଏମ୍‌ଡି ଓ ସିଇଓ ଚନ୍ଦ୍ରଶେଖର ଘୋଷ କହିଛନ୍ତି, ନିଜର ଦୂରଦୃଷ୍ଟି, ଉତ୍ସର୍ଗୀକୃତ ମନୋଭାବ ଓ ଖେଳ ପ୍ରତି ପ୍ରତିବଦ୍ଧତା ଯୋଗୁ ସୌରଭ ଗାଙ୍ଗୁଲି ଭାରତୀୟ ଦଳର ଅନ୍ୟତମ ସଫଳ ଅଧିନାୟକ ହୋଇପାରିଥିଲେ। ସୌରଭ ଏବଂ ବନ୍ଧନ ବ୍ୟାଙ୍କ୍ ମଧ୍ୟରେ ଥିବା ମୂଲ୍ୟବୋଧ ଭିତରେ ଅନେକ ସମାନ ରହିଛି। ଆମର ବିଶ୍ୱାସ, ଏହି ସହଯୋଗିତା ଜରିଆରେ ଆମେ ଅଧିକ ଧ୍ୟାନ ଆକର୍ଷଣ କରିପାରିବୁ, ଯାହା ଜରିଆରେ ବ୍ରାଣ୍ଡ ପ୍ରତି ସଚେତନତା ବୃଦ୍ଧି ପାଇବ ଏବଂ ଆମର ଅଭିବୃଦ୍ଧି କାହାଣୀ ଆହୁରି ତ୍ୱରାନ୍ୱିତ ହୋଇପାରିବ। ବ୍ୟାପକ ବର୍ଣ୍ଣାଳୀର ଗ୍ରାହକମାନଙ୍କ ସହ ଦୃଢ଼ ଭାବେ ଯୋଡ଼ି ହେବା ଏବଂ ଅନ୍ତର୍ଭୁକ୍ତୀକରଣ ବ୍ୟାଙ୍କିଙ୍ଗ୍ ପାଇଁ ଆମର ଆଉ ଏକ ପଦକ୍ଷେପ।

## ମ୍ୟୁଜିୟମ୍ ଅଫ୍ ଦ ଫ୍ୟୁଚରରେ 'ହ୍ୟୁମାନୋଏଡ୍ ରୋବୋ'

### ଦର୍ଶକଙ୍କୁ ସଂଗ୍ରହାଳୟ ବୁଲି ଦେଖାଇବ



**ରିୟାଧ:** ଦୁବାଇର ମ୍ୟୁଜିୟମ୍ ଅଫ୍ ଦ ଫ୍ୟୁଜର୍ କର୍ତ୍ତୃପକ୍ଷ ସେମାନଙ୍କ ସହ ଆଉ ଜଣେ ନୂଆ ମେମ୍ବରଙ୍କୁ ସାମିଲ କରିବାକୁ ଯାଉଛନ୍ତି। ତେବେ ନୂଆ ମେମ୍ବର ହେଉଛି ହ୍ୟୁମାନୋଏଡ୍ ରୋବୋ, ଯାହାର ନାଁ ହେଉଛି 'ଆମେକା'। ତେବେ ଏହି ହ୍ୟୁମାନୋଏଡ୍ ରୋବୋକୁ ପ୍ରଦର୍ଶନୀ ପାଇଁ ନୁହେଁ ବରଂ ମ୍ୟୁଜିୟମ୍ ବୁଲିବାକୁ ଆସୁଥିବା ଦର୍ଶକଙ୍କ ସେବାରେ ନିୟୋଜିତ କରାଯିବ। ସଂଗ୍ରହାଳୟକୁ ଆସୁଥିବା ଦର୍ଶକଙ୍କୁ ପ୍ରଥମେ ଆମେକା ଶୁଭେଚ୍ଛା ଜଣାଇବ। ଏହାପରେ ସେମାନଙ୍କୁ ଆମେକା ସଂଗ୍ରହାଳୟ ବୁଲି ଦେଖାଇବ। ଖାଲି ସେତିକି ନୁହେଁ, ଆମେକା ଦର୍ଶକଙ୍କ ସବୁ ପ୍ରଶ୍ନର ଉତ୍ତର ମଧ୍ୟ ଦେବାକୁ ସକ୍ଷମ ବୋଲି କୁହାଯାଉଛି। କଥା କହିବା ସାଙ୍ଗକୁ ଆମେକା ମୁହଁର ଅଙ୍ଗଭଙ୍ଗୀ ମଧ୍ୟ ବଦଳାଇ ପାରିବ। ଆମେକା ଏକାଧିକ ଭାଷାରେ କଥା କହିପାରିବ। ତେବେ ଏ ସବୁ ଫିଚର୍ସ ପାଇଁ ହ୍ୟୁମାନୋଏଡ୍ ରୋବୋକୁ ନେଇ ତର୍ଜମା ଜାରି ଥିବା କୁହାଯାଉଛି। ତେବେ ଆମେକା ଫିଚର୍ସ ସମ୍ପର୍କରେ ଅବଗତ କରାଇବା ପାଇଁ ମ୍ୟୁଜିୟମ୍ ଅଫ୍ ଦ ଫ୍ୟୁଚର ଟୁଇଟରରେ ଏହି ହ୍ୟୁମାନୋଏଡ୍ ରୋବୋର ଭିଡିଓ ଶେୟାର କରିଛି। ଏଥିରେ ଆମେକା ମ୍ୟୁଜିୟମ୍‌ର ଜଣେ ମହିଳା କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସଂଗ୍ରହାଳୟ ବିଷୟରେ କହୁଥିବା ଦେଖିବାକୁ ମିଳିଛି। କର୍ନୱାଲର ଫାର୍ମ ଇଞ୍ଜିନିୟର୍‌ଡ ଆର୍ଟସ ପକ୍ଷରୁ ଆମେକା ତିଆରି କରାଯାଇଛି। ହ୍ୟୁମାନୋଏଡ୍ ରୋବୋ ଭବିଷ୍ୟତରେ ରୋବୋଟିକ୍ସ ଟେକ୍ନୋଲୋଜି ପ୍ରତି ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଇଞ୍ଜିନିୟର୍‌ଡ ଆର୍ଟସ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଫେବୃଆରୀରେ ଦୁବାଇ ଶାସକ ଶେଖ୍ ମହମ୍ମଦ ବିନ୍ ରଶିଦ୍‌ଙ୍କ ଦ୍ୱାରା ଏହି ବିଶାଳ ସଂଗ୍ରହାଳୟ ଲୋକାର୍ପିତ କରାଯାଇଥିଲା। ୩୦ ହଜାର ସ୍କୋୟାର୍‌ମିଟର ପରିମିତ ସ୍ଥାନରେ ୭ ମହଲା ବିଶିଷ୍ଟ ମ୍ୟୁଜିୟମ୍ ଅଫ୍ ଦ ଫ୍ୟୁଚର ତିଆରି ହୋଇଛି।

## ଅଟୋରେ ମୁମ୍ବାଇ ବୁଲା

**ମୁମ୍ବାଇ:** ବଲିଉଡ୍ ଅଭିନେତା ବରୁଣ ଧୱନ୍ ଅଟୋ ରିକ୍ସାରେ ବସି ମୁମ୍ବାଇ ବୁଲିଛନ୍ତି। ତେବେ ଏହାର ଭିଡିଓ ବରୁଣ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଅଟୋରେ ବସି ବରୁଣ ମୁମ୍ବାଇର ସୁନ୍ଦରତାକୁ ଉପଭୋଗ କରୁଥିବାବେଳେ ରାସ୍ତାକଡ଼ରେ ଥିବା ଲୋକଙ୍କୁ ଦେଖି ହସୁଥିବାର ଏହି ଭିଡିଓରେ ଦେଖିବାକୁ ମିଳିଛି। ଏହି ଭିଡିଓକୁ ବରୁଣ ନିଜେ କ୍ୟାପ୍‌ଚର କରିଥିବା କୁହାଯାଉଛି।

ବରୁଣ ଧୱନ ୨୦୧୨ରେ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍' ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଏଥିରେ ଆଲିଆ ଭଟ ଏବଂ ସିଦ୍ଧାର୍ଥ ମାଲହୋତ୍ରା ମଧ୍ୟ ସ୍କ୍ରିନ୍ ଶେୟାର କରିଥିବାର ଦେଖାଯାଇଥିଲା। ଆଗାମୀ ଦିନରେ ବରୁଣଙ୍କ 'ଭେଡିଆ' ରିଲିଜ୍ ହେବ।

ଫୁର୍ସତ୍



ବରୁଣ ଧୱନ୍

## ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛତା

### ବିଶ୍ୱ ହାତଧୁଆ ଦିବସ

ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ସ୍ୱଚ୍ଛତା ଜରୁରୀ। ସ୍ୱଚ୍ଛତା ମଧ୍ୟରେ ଖାଇବା ପୂର୍ବରୁ ହାତ ଧୋଇବା ଅବା ବାହାରୁ ଘରକୁ ଗଲେ ଏଭଳି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କରୋନା ମହାମାରୀ ସମୟରେ ଏ ସମ୍ପର୍କରେ ବିଶ୍ୱସ୍ତରରେ ମାର୍ଗଦର୍ଶିକା ଜାରି କରାଯାଇଥିଲା। ହାତ ଧୋଇବାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୫ରେ ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଇଥାଏ। ଲୋକଙ୍କୁ ହାତ ଧୋଇବା ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଏହି ଦିବସ ଉତ୍ସାହିତ କରିଥାଏ। ରୋଗ ନିରାକରଣରେ ଏକ ପ୍ରମୁଖ କାରଣ ଭାବରେ ସାବୁନ ସହିତ ହାତ ଧୋଇବା ବିଷୟରେ ସଚେତନତା ସୃଷ୍ଟି ପାଇଁ ଏହି ବିଶ୍ୱସ୍ତରୀୟ ଅଭିଯାନ ଉତ୍ସର୍ଗୀକୃତ। ଠିକ୍ ହାତ ଧୋଇବା ଦ୍ୱାରା ଶ୍ୱାସକ୍ରିୟା ଏବଂ ଅନ୍ତଃନଳୀ ରୋଗ ୨୫-୫୦ ପର୍ଯ୍ୟନ୍ତ ହ୍ରାସ ହୋଇପାରେ। ୨୦୦୮ରେ ଗ୍ଲୋବାଲ ହ୍ୟାଣ୍ଡ ୱାଶିଂ ଡେ' ପ୍ରତିଷ୍ଠା କରିଥିଲା। ଏହା କଲ୍‌ଗେଟ ପାମୋଲିଭ୍ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଦିବସ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ଏହି ଅଭ୍ୟାସ ବୃଦ୍ଧି କରିବା ନେଇ ସଚେତନତା ସୃଷ୍ଟି କରାଯିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବିଶ୍ୱସ୍ତରରେ ଆୟୋଜନ କରାଯାଇଥାଏ।



## ଜନ୍ମଦାତ୍ରୀମା'ଙ୍କୁ ଖୋଜୁଛନ୍ତି ଝିଅ

**ମୁମ୍ବାଇ:** ସୁଇଜରଲାଣ୍ଡରେ ରହୁଥିବା ବୀଣା ମଖିଜାନି ମୁମ୍ବାଇ ଆସି ତାଙ୍କ ଜନଦାତ୍ରୀ ମା'ଙ୍କୁ ଖୋଜୁଛନ୍ତି। ମା'ଙ୍କୁ ଖୋଜିବାରେ ବିତିଗଲାଣି ୧୦ ବର୍ଷ, କିନ୍ତୁ ଏ ପର୍ଯ୍ୟନ୍ତ ସେ ଏଥିରେ ସଫଳ ହୋଇ ନାହାନ୍ତି। ବୀଣାଙ୍କ ପାଖରେ ତାଙ୍କ ଜନ୍ମକଲା ମା'ଙ୍କ ନାମ ଛଡ଼ା ଆଉ କୌଣସି ଫଟୋ କିମ୍ବା ପରିଚୟପତ୍ର ନାହିଁ। ୧୯୭୮ରେ ମୁମ୍ବାଇର ଆଶା ସଦନରୁ ବୀଣାଙ୍କୁ ଏକ ଦମ୍ପତି ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ। ସେହି ସମୟରେ ଆଡପ୍ଟିଭ୍ ପ୍ୟାରେଣ୍ଟଙ୍କ ସ୍ଥାନରେ ରୋବେଲୋଙ୍କ ନାମ ଲେଖାଯାଇଥିଲା। ବୀଣାଙ୍କ କହିବା ମୁତାବକ, ରୋବେଲୋ ହେଉଛନ୍ତି ବୀଣାଙ୍କ ବାୟୋଲୋଜିକାଲ ମଦର। ସେ ଗୋଆର ବାସିନ୍ଦା ହୋଇଥିବାବେଳେ ମୁମ୍ବାଇରେ ଆସି ରହୁଥିଲେ। ୧୯୭୮ରେ ସେ ବୀଣାଙ୍କୁ ଜନ୍ମ ଦେଇଥିଲେ।



ବୀଣାଙ୍କ ଜନ୍ମ ପରେ ରୋବେଲୋ ଝିଅକୁ ସାଉଥ୍ ମୁମ୍ବାଇର ଆଡପ୍ସନ୍ ସେଣ୍ଟର ଆଶା ସଦନରେ ଛାଡ଼ିଯାଇଥିଲେ। ସେଠାରୁ ଏକ ଭାରତୀୟ ଦମ୍ପତି ତାଙ୍କୁ ପୋଷ୍ୟଭାବେ ଗ୍ରହଣ କରିବା ସହ ସୁଇଜରଲାଣ୍ଡ ନେଇଯାଇଥିଲେ। ଏହାପରେ ୨୦୧୧ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବୀଣା ତାଙ୍କ ମା' ରୋବେଲୋଙ୍କୁ ଖୋଜୁଛନ୍ତି। ୪୪ ବର୍ଷୀୟା ବୀଣାଙ୍କର ଦୁଇଟି ପୁଅ ଅଛନ୍ତି। ପୁଣେର ପୋଷ୍ୟ ଅଧିକାର କାଉନ୍‌ସିଲ୍ ନିର୍ଦ୍ଦେଶକ ଆଇନ୍‌ଜୀବୀ ଅଞ୍ଜଳି ପାୱାର ବୀଣାଙ୍କୁ ଏଥିରେ ସାହାଯ୍ୟ କରୁଛନ୍ତି। ପ୍ରାରମ୍ଭିକ ସମୟରେ ଆଶା ସଦନ କର୍ମକର୍ତ୍ତା ଏଥିରେ ସହଯୋଗ ନ କରିବାରୁ ଅଞ୍ଜଳି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

## ସୁରକ୍ଷିତ ମାତୃତ୍ୱ ଅପରିହାର୍ଯ୍ୟ

### ଗର୍ଭଧାରଣ ଓ ଶିଶୁ ମୃତ୍ୟୁ ସ୍ମରଣ ଦିବସ

ପୃଥିବୀର ପ୍ରତିଟି ଦେଶ ସୁରକ୍ଷିତ ମାତୃତ୍ୱ ଉପରେ ଗୁରୁତ୍ୱାରୋପ କରିଥାନ୍ତି। ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଦ୍ୱାରା ମାତୃ ଏବଂ ଶିଶୁ ମୃତ୍ୟୁ ହାର ରୋକା ଯିବା ପାଇଁ ଜାତିସଂଘ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୧୫ରେ ବିଶ୍ୱସ୍ତରରେ ଗର୍ଭଧାରଣ ଓ ଶିଶୁ ମୃତ୍ୟୁ ସ୍ମରଣ ଦିବସ ପାଳନ କରାଯାଇଥାଏ। ଏହି ଦିବସ ପାଳନ ଅବସରରେ ଗର୍ଭପାତ, ମୃତ୍ୟୁ, ଏକ୍ଟୋପିକ ଗର୍ଭଧାରଣ, ନବଜାତ ଶିଶୁ ମୃତ୍ୟୁ ନେଇ ସଚେତନତା ସୃଷ୍ଟି କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏକ୍ଷେତ୍ରରେ ସମସ୍ତ ରାଷ୍ଟ୍ରକୁ ଉପଯୁକ୍ତ ପ୍ରସୂତୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଣ ଉପରେ ପରାମର୍ଶ ପ୍ରଦାନ କରିଥାଏ। ୨୦୦୦ ମସିହାରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା।

# ଦ୍ୱିତୀୟ ପରାଜୟ ସହ ଭାରତର ଆଶା ଶେଷ

ଭୁବନେଶ୍ୱର, ୧୪।୧୦
(କ୍ରୀଡ଼ା ପ୍ରତିନିଧି)

ଚାପ ସ୍ଥିତିକୁ ହାତେଇ ପାରିଲାନି ଭାରତ। ପ୍ରଥମାର୍ଦ୍ଧରେ ଉତ୍ସାହୀ ପ୍ରଦର୍ଶନ କରିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ଏକାଧିକ ତ୍ରୁଟି କରି ୩ଟି ଗୋଲ ବରଣ କଲା। ଫଳରେ ଚଳିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଗ୍ରୁପ୍ 'ଏ' ମ୍ୟାଚରେ ଘରୋଇ ଦଳ ଶୁକ୍ରବାର ମରକ୍କୋଠାରୁ ୦-୩ ଗୋଲରେ ହାରିଲା। କ୍ରମାଗତ ଦ୍ୱିତୀୟ ପରାଜୟ ସହ ଭାରତର କ୍ୱାର୍ଟର ଫାଇନାଲ ପ୍ରବେଶ ଆଶା ମଧ୍ୟ ଶେଷ ହୋଇ ଯାଇଛି। ପ୍ରଥମ ମ୍ୟାଚରେ ଭାରତୀୟ ଦଳ ୦-୮ ଗୋଲରେ ଆମେରିକାଠାରୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ବିଜୟ ସହ ମରକ୍କୋର କ୍ୱାର୍ଟର ଫାଇନାଲ ଆଶା ଉଜ୍ଜୀବିତ ହୋଇଛି। ଭାରତ ଏହାର ଶେଷ ଲିଗ୍ ମ୍ୟାଚ ୧୭ ତାରିଖରେ ବ୍ରାଜିଲକୁ ଭେଟିବ। ଏହା କେବଳ ଔପଚାରିକତା ଦୃଷ୍ଟିରୁ ଖେଳାଯିବ। ମରକ୍କୋ ସେହିଦିନ ଏହାର ଶେଷ ଲିଗ୍ ମ୍ୟାଚ ଆମେରିକା ସହିତ ମାର୍ଗାଓରେ ଖେଳିବ। ପ୍ରଭାବୀ ପ୍ରଦର୍ଶନ ପାଇଁ ମରକ୍କୋର ସମ୍ୟା ମସନୋଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଭାରତ ୪-୫-୧ ଓ ମରକ୍କୋ ୪-୪-୨ ଲାଇନ୍‌ଅପ୍‌ରେ ଖେଳ ଆରମ୍ଭ କରିଥିଲା। ନିଜର ପ୍ରଥମ ମ୍ୟାଚରେ ହାରିଥିବାରୁ ଉଭୟ ଭାରତ ଓ ମରକ୍କୋ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ। ଗୋଲ ସ୍କୋର କରି ଅଗ୍ରଣୀ ନେବା ସହ ପ୍ରତିପକ୍ଷ ଉପରେ ଚାପ ପକାଇବା ଥିଲା ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ଏକାଧିକ ଫାଉଲ୍ ମଧ୍ୟ ଦେଖିବାକୁ ମିଳିଥିଲା। ବିପଜ୍ଜନକ ପ୍ରଦର୍ଶନ ପାଇଁ ୨୩ତମ ମିନିଟରେ ମରକ୍କୋର ୨ ନମ୍ବର ଖେଳାଳି ହଜର ସଇଦଙ୍କୁ ୟେଲୋ କାର୍ଡ ମିଳିଥିଲା। ୪୧ତମ ମିନିଟରେ ଭାରତର ଶିଲ୍‌କି ହେମାମଙ୍କୁ ମଧ୍ୟ ୟେଲୋ କାର୍ଡ ଦେଖାଇଥିଲେ ମେକ୍ସିକାନ ରେଫରି କଟିଆ ଗାର୍ସିଆ। ଉଭୟ ଦଳ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ହୋଇଥିଲେ ହେଁ କେହି ଗୋଲ କରିପାରି ନ ଥିଲେ। ଭାରତୀୟ ଗୋଲକିପର ମେଲୋଡି କେଇସାମ ଓ ମରକ୍କୋର ୱିସାଲ ଟିଟାଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବୀ ରହିଥିଲା। ଉଭୟ ଚମତ୍କାର ସେଭ୍ କରି ନିଜ ଦଳର ଆଶା ଉଜ୍ଜୀବିତ ରଖିଥିଲେ।

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଭାରତ ଭଲ ଆରମ୍ଭ କରିଥିଲା। ମାତ୍ର ୫୦ତମ ମିନିଟ ଦଳ ପାଇଁ ଖରାପ ସମୟ ଆସିଥିଲା। ଭାରତୀୟ ଗୋଲପୋଷ୍ଟର ପେନାଲ୍ଟି ବକ୍ସ ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ନକେତାଙ୍କ ହାତରେ ବଲ୍ ବାଜି ଯାଇଥିଲା। ରେଫରି ଗାର୍ସିଆଙ୍କ ନଜରକୁ ଏହା ଆସିଥିଲା। ଫଳରେ ସେ ମରକ୍କୋକୁ ପେନାଲ୍ଟି କିକ୍ ସୁଯୋଗ ଦେଲେ। ଏହାର ସଦୁପଯୋଗ କରି ଦୋହା ଏଲ୍ ମଦାନି ଗୋଲ ଦେବାସହ ମରକ୍କୋକୁ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ କରାଇଥିଲେ। ମଦାନିଙ୍କ ଶଟ୍ ଭାରତୀୟ ଗୋଲକିପର କେଇଶାମଙ୍କୁ ଚକ୍‌ମା ଦେଇ ଗୋଲପୋଷ୍ଟର ଲେଫ୍ଟ କର୍ନର ସ୍ପର୍ଶ କରିଥିଲା। ଏହାପରେ ଭାରତୀୟ ଖେଳାଳି ଚାପକୁ ଆସି ଯାଇଥିଲେ। ଏଥିରୁ ପୂରା ଫାଇଦା ଉଠାଇଥିଲା ମରକ୍କୋ। ୬୨ତମ ମିନିଟରେ ୟସମିନ ଜୋଉହିର ଲେଫ୍ଟ ଫୁଟ୍ ଶଟ୍ ସହାୟତାରେ ଗୋଲ ଦେଇ ମରକ୍କୋର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ବିଜୟ ବାସ୍ନା ପାଇଥିବା ମରକ୍କୋ ଏହାପରେ ସ୍ୱାଭାବିକଭାବେ ଅତି ଉତ୍ସାହୀ ପ୍ରଦର୍ଶନ କରିଥିଲା। ୭୧ ତମ ମିନିଟରେ ଫାଉଲ କରିବସିବାରୁ ଏହି ଦଳର ସମ୍ୟା ମସନୋଇ ୟେଲୋ କାର୍ଡ ପାଇଥିଲେ। ଭାରତୀୟ ଦଳ ଅନେକ ଥର ପ୍ରତିପକ୍ଷ ଗୋଲପୋଷ୍ଟର ନିକଟତର ହୋଇଥିଲେ ହେଁ ଫିନିଶିଂ କରିପାରି ନ ଥିଲା। ଅନ୍ୟପକ୍ଷରେ ମରକ୍କୋର ଡିଜେନା ଚେରିଫ ୯୦+୧ ମିନିଟରେ ଆଉ ଗୋଟିଏ ଗୋଲ କରି ନିଜ ଦଳର ବିଜୟ ପକ୍କା କରି ଦେଇଥିଲେ।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**



ଭାରତ ଓ ମରକ୍କୋ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ନ୍ୟୁଜିଲାଣ୍ଡକୁ ହରାଇଲା ନାଇଜେରିଆ

**ଭୁବନେଶ୍ୱର, ୧୪।୧୦ (କ୍ରୀଡ଼ା ପ୍ରତିନିଧି):** ଗୋଆର ମାର୍ଗାଓରେ ଶୁକ୍ରବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଏକ ଗ୍ରୁପ୍ ''ବି' ମ୍ୟାଚରେ ନାଇଜେରିଆ ୪-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ନାଇଜେରିଆ ପକ୍ଷରୁ ଆମିନା ବେଲୋ ୧୬, ମାର୍ସେଲି ଉସାନି ୩୪, ତାଇଓ ଆଫୋଲାବି ୭୫ ଓ ଇଡିଡଙ୍ଗ ଇଟିମ ୯୦+୫ ମିନିଟରେ ଗୋଟିଏ ଲେଖାଏ ଗୋଲ କରିଥିଲେ। ପୂର୍ବ ମ୍ୟାଚରେ ଜର୍ମାନୀଠାରୁ ହାରିଥିବା ନାଇଜେରିଆ ପ୍ରଥମ ବିଜୟ ସହ ଏହାର କ୍ୱାର୍ଟର ଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଗ୍ରୁପ୍ ''ବି'ରେ ଏହି ଦଳ ଶେଷ ମ୍ୟାଚ ୧୭ ତାରିଖରେ ଚିଲିସହିତ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ଅନ୍ୟପକ୍ଷରେ କ୍ରମାଗତ ଦ୍ୱିତୀୟ ପରାଜୟ ସହ ନ୍ୟୁଜିଲାଣ୍ଡର କ୍ୱାର୍ଟର ଫାଇନାଲ ଆଶା ହରାଇଛି।

**ମନେ ପଡ଼ନ୍ତି**

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କୋକିଳ ବାଳା ଦେଈ

ସ୍ୱାମୀ: ଚନ୍ଦ୍ରଶେଖର ବରାଳ, ପୂର୍ବତନ ଶିକ୍ଷକ
ଗ୍ରାମ: ମୂଳଅଳସା, ସତ୍ୟବାଦୀ
ତିରୋଧାନ: ୦୬।୧୦।୨୦୨୨
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ: ପୁତ୍ର: ପ୍ରମୋଦ, ପ୍ରଶନ୍ନ, ପ୍ରଦୀପ୍ତ, କନ୍ୟା: ଶକୁନ୍ତଳା, ପୁତ୍ରବଧୂ: ଶୈଳ, ଲକ୍ଷ୍ମୀ, ଲିଲି, ଜାମାତା: ପ୍ରଭାକର, ପୁତୁରା: ପ୍ରଭାତ, ଲକି, ହାପି, ପୁତୁରାବୋହୂ: ପ୍ରତିମା, ସାଧନା, ଝିଆରୀ: ସବିତା, ମିତା, ପୁଷ୍ପ, ଲିପି, ଲୁଷି, ଦେବର: ହରି, ଗୁଣ୍ଡିଚା, ଝିଆରୀ ଜ୍ୱାଇଁ: ରାଜୀବ, ଟୁଟୁ, ଅମିର, ବାବୁ, ରମେଶ ଓ ସମସ୍ତ ନାତି ଓ ନାତୁଣୀବୃନ୍ଦ, ଏବଂ ବନ୍ଧୁ ଓ ପରିଜନ ।
ଧ-୭୩୫୧୮

# ବ୍ରାଜିଲ-ଆମେରିକା କଡ଼ା ଟକ୍କର

ଭୁବନେଶ୍ୱର, ୧୪।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ମ୍ୟାଚରେ ବ୍ରାଜିଲ ଓ ଆମେରିକା ମଧ୍ୟରେ ହୋଇଥିଲା କଡ଼ା ଟକ୍କର। ମାତ୍ର ଦୁଇ ସମକକ୍ଷ ଦଳର ମ୍ୟାଚ୍‌ରୁ କୌଣସି ଫଳାଫଳ ବାହାରି ପାରିଲା ନାହିଁ। ମ୍ୟାଚ୍‌ଟି ୧-୧ ଗୋଲ୍‌ରେ ଡ୍ର ଭାବେ ଶେଷ ହେଲା। ଆମେରିକାର ନିକୋଲେଟ୍ କିଓର୍ଫସ ଏବଂ ବ୍ରାଜିଲର କାରୋଲ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରେ ସକ୍ଷମ ହେଲେ। ମ୍ୟାଚ୍ ଡ୍ର ରହିବା ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ଫଳରେ ଉଭୟ ଦଳର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିଛି। ବ୍ରାଜିଲ ୪-୫-୧ ଓ ଆମେରିକା ୪-୩-୩ ଷ୍ଟାର୍ଟିଂ ଲାଇନ୍‌ଅପ୍ ନେଇ ଖେଳିଥିଲା। ପୂରା ମ୍ୟାଚରେ ଦେଖିବାକୁ ଗଲେ ବଲ୍ ୪୧ ପ୍ରତିଶତ ବ୍ରାଜିଲ ଏବଂ ୫୮ ପ୍ରତିଶତ ଆମେରିକା ନିୟନ୍ତ୍ରଣରେ ରହିଥିଲା। ବ୍ରାଜିଲ ୧୪ଟି ଶଟ୍ ଟାର୍ଗେଟ କରିଥିବାବେଳେ ଆମେରିକାର ଏହି ସଂଖ୍ୟା ଥିଲା ୧୯। ବ୍ରାଜିଲ କୌଣସି କର୍ନର ପାଇ ନ ଥିବାବେଳେ ଆମେରିକା ୭ଟି କର୍ନର ପାଇଥିଲା। ଆକ୍ରମଣାତ୍ମକ ଆଭିମୁଖ୍ୟ ଦୃଷ୍ଟିରୁ ଆଗରେ ରହିଥିଲା ଆମେରିକା। ଏହି ସଂଖ୍ୟା ବ୍ରାଜିଲର ୨୧ ଓ ଆମେରିକାର ୩୬ ପ୍ରତିଶତ ରହିଥିଲା। ଚମତ୍କାର ପ୍ରଦର୍ଶନ ପାଇଁ ବ୍ରାଜିଲ ଗୋଲକିପର ଲେଲାନେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ମ୍ୟାଚ ୧-୧ ଗୋଲ୍‌ରେ ଅମୀମାଂସିତ**


ବ୍ରାଜିଲ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## କଳିଙ୍ଗ କର୍ନର

### ରିବେକାଙ୍କୁ ପ୍ରଥମ ୟେଲୋ କାର୍ଡ

୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ମ୍ୟାଚରେ ପ୍ରଥମ ୟେଲୋ କାର୍ଡ ପାଇଥିଲେ ବ୍ରାଜିଲର ୧୫ ନମ୍ବର ଜର୍ସି ପରିହିତ ଖେଳାଳି ରିବେକା। ଘଟଣାଟି ପ୍ରଥମାର୍ଦ୍ଧର ଇଞ୍ଜୁରି ସମୟ ଅର୍ଥାତ୍ ୪୫+୪ ମିନିଟରେ ଘଟିଥିଲା। ଆମେରିକା ଖେଳାଳିଙ୍କୁ ରିବେକା ଫାଉଲ୍ ମାରି ତଳେ ପକାଇ ଦେଇଥିଲେ। ତାହା କୋରିଆନ ରେଫରି ଓ ହ୍ୟେନଜ୍ୟୋଙ୍ଗଙ୍କ ଦୃଷ୍ଟିକୁ ଆସିଥିଲା। ସେ କାଳ ବିଳମ୍ବ ନ କରି ରିବେକାଙ୍କୁ ଚେତାବନୀ ସଦୃଶ କାର୍ଡ ପ୍ରଦର୍ଶନ କରିଥିଲେ।




### ମନୋରଞ୍ଜନ କଲା ଇଭା

ବ୍ରାଜିଲ-ଆମେରିକା ମ୍ୟାଚର ପ୍ରଥମାର୍ଦ୍ଧରେ ଆକର୍ଷଣର କେନ୍ଦ୍ରରେ ରହିଥିଲା ଟୁର୍ନାମେଣ୍ଟ ମାସ୍କଟ ଇଭା। ଷ୍ଟାଡିୟମର ଯେଉଁ ଯେଉଁ ଗ୍ୟାଲେରିରେ ଅଧିକ ଦର୍ଶକ ଥିଲେ ଇଭା ସିଆଡ଼େ ଚାହିଁ ନାଚିବାରେ ଲାଗିଥିଲା। ଉପସ୍ଥିତ ଦର୍ଶକ ମଧ୍ୟ କୋଳାହଳ ମାଧ୍ୟମରେ ଇଭାକୁ ଉତ୍ସାହିତ କରିଥିଲେ। ଗ୍ୟାଲେରିରେ ଖେଳର ମଜା ନେଉଥିବା ସ୍କୁଲ ପିଲାମାନେ ନାଚିବାରେ ମଧ୍ୟ ଲାଗିଥିଲେ। ହାତ ହଲାଇ ପୂରା ଷ୍ଟାଡିୟମ ପରିକ୍ରମା କରିଥିଲା ଇଭା।

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2158 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4422/RE/OSIC Dt.13.10.2022
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of the work "**Up-gradation of Model Mandi at Market yard Bareipali under RMC, Sambalpur**". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.
Sd/-
GENERAL MANAGER(O)
OIPR-14073/11/0107/2223

**ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍**

# ରୁଦ୍ରାଂକ୍ଷଙ୍କୁ ସ୍ୱର୍ଣ୍ଣ ପଦକ

କାଇରୋ, ୧୪।୧୦ (ପି.ଟି.)

ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର ଯୁବ ଶୁଟର ରୁଦ୍ରାଂକ୍ଷ ପାଟିଲ ୧୦ ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କିମ୍ବଦନ୍ତୀ ଅଭିନବ ବିନ୍ଦ୍ରାଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଶୁଟର ଭାବେ ଏହି ସଫଳତା ହାସଲ କରିଛନ୍ତି। ପାଟିଲ ଆହୁରି ମଧ୍ୟ ୨୦୨୪ ଅଲିମ୍ପିକ୍ସ ପାଇଁ କୋଟା ହାସଲ କରିପାରିଛନ୍ତି। ଏହାଥିଲା ଭାରତର ଦ୍ୱିତୀୟ ଅଲିମ୍ପିକ କୋଟା। ସ୍ୱର୍ଣ୍ଣ ପଦକ ମ୍ୟାଚରେ ୧୮ ବର୍ଷୀୟ ରୁଦ୍ରାଂକ୍ଷ ୧୭-୧୩ରେ ଇଟାଲୀର ଡାନିଲୋ ଡେନିସ ସୋଲାଜୋଙ୍କୁ ହରାଇ ଦେଇଛନ୍ତି। ଚଳିତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଲିମ୍ପିକ୍ସ ଇଭେଣ୍ଟଗୁଡ଼ିକ ଲାଗି ୪ କୋଟା ଉପଲବ୍ଧ। ଭାରତ ଏହାର ପ୍ରଥମ କୋଟା ନିକଟରେ କ୍ରୋଏସିଆରେ ଅନୁଷ୍ଠିତ ଶଟ୍‌ଗନ ବିଶ୍ୱ ଚାମ୍ପିୟନଶିପ୍‌ରେ ହାସଲ କରିଥିଲା। ପୁରୁଷ ଟ୍ରାପ୍ ଇଭେଣ୍ଟରେ ଭୋନିଷ ମେଣ୍ଡିରାଟା ଏହି କୋଟା ହାସଲ କରିଛନ୍ତି। ରୁଦ୍ରାଂକ୍ଷ କ୍ୱାଲିଫାଇଂ ରାଉଣ୍ଡରେ ଶୀର୍ଷ ସ୍ଥାନରେ ରହିଥିଲେ। ସ୍ୱର୍ଣ୍ଣ ପଦକ ମ୍ୟାଚ ପାଇଁ ଯୋଗ୍ୟତା ହାସଲ କରିବା ପରେ ସେ କୋଟା ପକ୍କା କରିଥିଲେ। ବେଜିଂ ୨୦୦୮ ଅଲିମ୍ପିକ୍ସ ଚାମ୍ପିୟନ ବିନ୍ଦ୍ରା ୨୦୦୬ରେ କ୍ରୋଏସିଆର ଜାଗ୍ରେବ୍‌ଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ଓଭରଅଲ ପାଟିଲ ୬ଷ୍ଠ ଭାରତୀୟ ଶୁଟର ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।


ରୁଦ୍ରାଂକ୍ଷ ପାଟିଲ

# ବୁମ୍‌ରାଙ୍କ ସ୍ଥାନରେ ଶାମି

ନୂଆଦିଲ୍ଲୀ, ୧୪।୧୦ (ପି.ଟି.)

ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଆଗାମୀ ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁକ୍ରବାର ଆଘାତପ୍ରାପ୍ତ ଯଶପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ପୁରୁଖା ପେସ୍ ବୋଲର ମହମ୍ମଦ ଶାମିଙ୍କୁ ଭାରତୀୟ ଦଳରେ ସାମିଲ କରିଛି। ଶାମି ଇତିମଧ୍ୟରେ ଅଷ୍ଟ୍ରେଲିଆରେ ପହଞ୍ଚି ସାରିଛନ୍ତି। ୱାର୍ମଅପ୍ ମ୍ୟାଚ ପୂର୍ବରୁ ସେ ବ୍ରିସ୍‌ବେନ୍‌ରେ ଦଳ ସହିତ ଯୋଗଦାନ କରିବେ ବୋଲି ବିସିସିଆଇ ସଭାପତି ଜୟ ଶାହା ପ୍ରକାଶ କରିଛନ୍ତି। ମହମ୍ମଦ ସିରାଜ ଓ ଶାର୍ଦ୍ଦୂଳ ଠାକୁର ବ୍ୟାକ୍‌ଅପ୍ ଖେଳାଳି ଭାବେ ଅଳ୍ପ ଦିନ ଭିତରେ ଅଷ୍ଟ୍ରେଲିଆ ଯିବେ। ଟୁର୍ନାମେଣ୍ଟ ଅକ୍ଟୋବର ୧୬ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ଖେଳାଯିବ। ପିଠିରେ ଇଞ୍ଜୁରି ଯୋଗୁ ବୁମ୍‌ରା ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତିଯୋଗିତାମୂଳକ କ୍ରିକେଟରୁ ଦୂରେଇ ରହିବେ। ଶାମି ଶେଷ ଥରପାଇଁ ଅନ୍ତର୍ଜାତୀୟ ଟି୨୦ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଆଇସିସି ଟି୨୦ ବିଶ୍ୱକପ୍‌ର ଗତ ସଂସ୍କରଣରେ ଖେଳିଥିଲେ। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ୬ଟି ଘରୋଇ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କର ଖେଳିବାର ଥିଲା। ମାତ୍ର ସେ କୋଭିଡ୍ ପଜିଟିଭ ଚିହ୍ନଟ ହେବାପରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିଲା। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ତାଙ୍କୁ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ)ର ଅନୁମୋଦନ ଏବଂ ଫିଟ୍‌ନେସ୍ ପ୍ରମାଣ ଦେବାକୁ ହୋଇଥିଲା। ଶାମି ଏ ପର୍ଯ୍ୟନ୍ତ ୧୭ ଅନ୍ତର୍ଜାତୀୟ ଟି୨୦ ଖେଳି ୧୮ ଉଇକେଟ ଅକ୍ତିଆର କରିଛନ୍ତି।



ମହମ୍ମଦ ଶାମି

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: 18888/IND-II-PH-1105 ତାରିଖ: 13.10.2022

**ବିଜ୍ଞାପନ**

No. CAD-2170: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତହସିଲଦାର, କାମାକ୍ଷାନଗର ଓଡ଼ିଶାର ଢେଙ୍କାନାଳ ଜିଲ୍ଲା, କାମାକ୍ଷାନଗର ତହସିଲ ଅନ୍ତର୍ଗତ କାଟେଣୀ ଗ୍ରାମରେ ୫.୦୬ ହେକ୍ଟର ପରିମିତ ଅଞ୍ଚଳରେସ୍ଥିତ ବ୍ରାହ୍ମଣୀ ନଦୀ ବାଲିଘାଟ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ୱା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୮।୧୧।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କାଟେଣୀ ବଡ଼-ଠୈଳଛକଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଢେଙ୍କାନାଳ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଢେଙ୍କାନାଳ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଅନୁଗୁଳ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।
ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
OIPR-08012/11/0321/2223 ସ୍ୱା./- ସଦସ୍ୟ ସଚିବ

**GOVERNMENT OF ODISHA** No. B-691
**OFFICE OF THE SUPERINTENDING ENGINEER, GANJAM [R&B] DIVISION NO. II, BERHAMPUR**
Phone/Fax: 0680-2233996, e-mail: sernb2.ganjam@gmail.com
**INVITATION FOR BIDS (IFB) [e-Procurement]**
**TENDER CALL NOTICE**
Bid Identification No. SC (R&B)-GM-II-30/2022-23
No. 7813 Dated: 11.10.2022
1. The Executive Engineer, Ganjam [R&B] Division No. II, Berhampur on behalf of Governor of Odisha invites **percentage rate bid** in Double Cover System to be received in **ONLINE MODE** only for the work as detailed below:
2. Nature of Work : Road Work
3. No. of Work : 04 Nos.
4. Tender Cost : Rs.10,000/-
5. Class of Contractor : 'B' Class
6. Availability of bid documents in the website : From 18.10.2022 10.00 A.M. to 02.11.2022 4.00 P.M.
7. Date of Opening of Bid : 03.11.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.
(Sd./- T.K. Panigrahy)
Superintending Engineer
Ganjam (R&B) Division No. II
OIPR-34080/11/0017/2223

**ORMAS**
(Odisha Rural Development and Marketing Society)
Panchayati Raj and Drinking Water Department)
Tel.: 06724-231752,
Fax: 06724-231752
(URL: www.ormas.org)
E-mail: dsmsjagatsingpur@gmail.com

**ORMAS, JAGATSINGHPUR**
A District Unit of ORMAS
Office of Zilla Parishad, Jagatsinghpur, Sanra, Nalibar - 754104
**TENDER CALL NOTICE**
No. CAD-2160: Sealed quotations are invited from interested reputed Travel Agencies/Private Individuals for providing vehicles on hiring basis. The tender paper in details along with term and condition of tender will be available **THROUGH DISTRICT WEBSITE www.jagatsinghpur.nic.in**. Bidders can download the tender paper from the website and such bidders have to enclose a non-refundable **State Bank of India** Demand Draft of Rs.500/- (Five Hundred) only in favour of **District Supply and Marketing Society, Jagatsinghpur** payable at SBI, Sanra, Jagatsinghpur with BID Documents downloaded from the website. The sealed tender should reach to the undersigned on or before **28.10.2022 upto 12.00 P.M.**
The tender will be opened on **28.10.2022 at 3.00 P.M.** in the presence of tenderers or their authorized representative by the Chairman of tender committee at the office of Zilla Parishad, Jagatsinghpur.
The undersigned reserves the right to accept or reject any or all the tenders without assigning any reason thereof.
Sd./- CDO-cum-EO
Zilla Parishad, Jagatsinghpur
OIPR-19077/11/0009/2223

# ଅନ୍ଧାରରେ କେହି ଜଣେ

## ବିଶେଷ ଗଳ୍ପ

ମୂଳ ରଚନା: ଆନେ ଆରନାଭ
ଓଡ଼ିଆ ରୂପାନ୍ତର: ରମେଶ ପଟ୍ଟନାୟକ



ଆନେ ଆରନାଭ

ଚଳିତବର୍ଷର (୨୦୨୨) ନୋବେଲ ବିଜୟିନୀ ଆନେ ଆରନାଭ ନିଜ ଡାଏରୀରେ ତାଙ୍କ ରୋଗଣୀ ମାଆ ବ୍ଲାଙ୍କ ସମ୍ପର୍କରେ ଏକ କରୁଣ ଚିତ୍ର ବର୍ଣ୍ଣନା କରିଛନ୍ତି। ଆଲଝେମର୍ ରୋଗରେ ପୀଡ଼ିତା ତାଙ୍କ ମାଆଙ୍କ ଉପରେ ଲିଖିତ କାହାଣୀ ୧୯୯୭ରେ ଫରାସୀ ଭାଷାରେ ପ୍ରକାଶ ପାଇଥିଲା, ଯାହାର ଇଂଲିଶ୍ ଅନୁବାଦ 'ଆଇ ରିମେନ୍ ଇନ୍ ଡାର୍କନେସ୍' ଶୀର୍ଷକରେ ପ୍ରକାଶିତ। ଏହାର ଓଡ଼ିଆ ଅନୁକୃତି ପାଠକଙ୍କ ପାଇଁ...

'ମୁଁ ଅନ୍ଧାରରେ ପଡ଼ିଛି', ଲେଖିଥିଲା ବୋଉ ଶେଷଥର ପାଇଁ। ମୁଁ ତାକୁ ସ୍ୱପ୍ନରେ ଦେଖେ। ସେ ନୀରୋଗ ଓ ବେଶ ସୁସ୍ଥ ଅଛି। ଏବେବି ବଞ୍ଚିଛି, ଯଦିଓ ସେ ମରିଗଲାଣି। ଯେତେବେଳେ ମୋର ନିଦ ଭାଙ୍ଗେ, ମୁଁ ନିଶ୍ଚିତ ହୁଏ ଯେ ସେ ଏଇ ପାଖରେ କୋଉଠି ଅଛି ଦୁଇଟି ରୂପରେ। ମୃତ ଓ ଜୀବିତ। ମୋର ମନେପଡ଼େ ଗ୍ରୀକ୍ ପୁରାଣର ଚରିତ୍ରଗୁଡ଼ିକ ମୃତ୍ୟୁ ପରେ ଷ୍ଟିକ୍ସନଦୀ ଉପରେ ଦୁଇ-ଦୁଇ ଥର ପାରିହୁଅନ୍ତି।

**ଡିସେମ୍ବର, ୧୯୮୩**

ସେ ବୈଠକଘର ଚେୟାର ଉପରେ ସେମିତି ବସିଥାଏ। ଅନେଇଥାଏ ଆଗକୁ। ତା'ର ଅଙ୍ଗପ୍ରତ୍ୟଙ୍ଗ ଲୋଚାକୋଚା, ଶିଥିଳ। ତା'ର ପାଟି ପୂରାପୂରି ଖୋଲି ନ ଥାଏ, କିନ୍ତୁ ଟିକିଏ ମେଲାଥାଏ, ଦୂରରୁ ଦେଖିଲେ।

'ମୁଁ ୟା ଉପରେ ହାତ ଦେଇପାରିବିନି', (ଟଏଲେଟ୍ ବ୍ୟାଗ୍ ଓ ପିନ୍ଧା କାର୍ଡିଗାନ୍ ସମେତ) ସେ କହୁଥିଲା। ତା'ର ସବୁକଥା ଯେମିତି ହାତଛଡ଼ା ହୋଇଯାଉଛି।

ଏବେ ସେ ଟେଲିଭିଜନ୍ ଦେଖିବ। ମୁଁ ତା'ର ଟେବୁଲ ସଫା କରିବାଯାଏଁ ବି ସେ ଅପେକ୍ଷା କରିପାରିବ ନାହିଁ। ଏଇ ସମୟରେ ସେ ଯାହା ଚାହିଁବ ତାହାହିଁ ଠିକ୍।

ପ୍ରତି ରାତିରେ ମୁଁ ଆଉ ଡେଭିଡ୍ ତାହାକୁ ଧରି ଉପର ମହଲାର ଖଟ ପାଖକୁ ନେଉ। ଉପର ଘର ଚଟାଣରେ କାର୍ପେଟ ଯେଉଁଠୁ ଆରମ୍ଭ ହୁଏ, ସେଠୁ ସେ ତା'ର ଗୋଡ଼ ଉପରକୁ ଉଠାଏ, ଯେମିତିକି ସେ ଆଣ୍ଠୁଏ ପାଣି ଉପରେ ଚାଲୁଛି। ଆମେ ତାକୁ ଦେଖି ହସିଲେ ସିଏ ବି ହସେ। ତାକୁ ଶେଯରେ ଘୋଡ଼ାଘୋଡ଼ି କରି ଶୁଆଇ ଦେବା ପୂର୍ବରୁ ମୁହଁରେ କ୍ରିମ୍ ଲଗାଇବ ବୋଲି ସେ ଜିଦ୍ କରେ ଓ ତା' ଖଟପାଖ ଟେବୁଲର ଜିନିଷପତ୍ର ଛିନ୍‌ଛତ୍ର କରି ଦିଏ।

'ଏବେ ମୁଁ ଶୋଇପଡ଼ିବି। ଥ୍ୟାଙ୍କ ୟୁ ମାଡାମ୍', ସେ କହିବ ଶେଷରେ।

ଡାକ୍ତର ବୋଉକୁ ଯେତେବେଳେ ଦେଖିବାକୁ ଆସିଲେ, ତାଙ୍କୁ ସେ ନିଜ ବୟସ କେତେ କହିପାରିଲାନି। କିନ୍ତୁ ସେ ଦୁଇ ପିଲାଙ୍କ ମାଆ ବୋଲି ମନେପକାଇ କହିଦେଲା।

'ଦୁଇଜଣ ଝିଅପିଲା', ସେ ଯୋଡ଼ିଲା। ସେ ଏକାଥରକେ ଦୁଇଟି ବ୍ରା ଗଳେଇ ଦେଇଥିଲା। ଗୋଟିଏ ଉପରେ ଆରଟି।

ମନେପଡ଼ିଲା, ଦିନେ ତା'ର ଅଜାଣତରେ ମୁଁ ବୋଉର ବ୍ରା ପିନ୍ଧି ଦେଇଥିଲି। ସେ ଯେମିତି ଜାଣିଲା, ମୋ' ଉପରେ ଖୁବ୍ ଚିଲେଇଲା। ମୋତେ ସେତେବେଳକୁ ଚଉଦ ବର୍ଷ। ଜୁନ୍ ମାସର ସକାଳ। ପତଳା ସ୍ଲିଭଲେସ୍(ସ୍ଲିପ) ପିନ୍ଧି ମୁହଁ ଧୋଉଥିଲି। ତା' ରାଗ ଦେଖିବା ସଙ୍ଗେସଙ୍ଗେ ମୋତେ ପୁଣି ପୋଖରୀପାଣି ଲାଗିଗଲା।

ଏବେ ତାକୁ ଦେଖିଲେ କିମ୍ବା ତା' ଭୁଲାପଣ ଦେଖିଲେ ମୋତେ ଜମା ଚିଡ଼ି ମାଡ଼େନାହିଁ। ଏବେ ସେସବୁ ଦେହସୁହା ହୋଇଗଲାଣି।

ଦିନେ ଆମେ ଶପିଂ ମଲ୍‌କୁ ଗଲୁ। ବାଗାଜେରୀ ଷ୍ଟୋର୍‌ରୁ ତା' ପାଇଁ କଳାରଙ୍ଗର ଚମଡ଼ା ବ୍ୟାଗ୍‌ଟିଏ କିଣିବାର ଥିଲା। ''ମୋତେ ସବୁଠୁ ଦାମୀ ବ୍ୟାଗ୍‌ଟେ ଦରକାର। ସେଇଟା ଶେଷ, ମୋ' ଜୀବନର ଶେଷ ବ୍ୟାଗ୍ ହେବ'', ସେ କହିଚାଲିଲା।

ଆଉ ଥରେ ଆମେ ସାମାରିଟାଇନ୍ ଡିପାର୍ଟମେଣ୍ଟ ଷ୍ଟୋର୍‌କୁ ଗଲୁ। ସେଥର ଆମେ ବୋଉ ପାଇଁ ଡ୍ରେସ୍ ଆଉ କାର୍ଡିଗାନ୍ କିଣିବାର ଥିଲା। ସେ ସବୁବେଳେ ଟିକିଏ ମଠେଇ ଚାଲେ। ତେଣୁ ତା'ର ହାତ ଧରି ମୁଁ ବାଟ କଢ଼େଇଦିଏ। ବେଳେବେଳେ ସେ ମନକୁମନ ହସୁଥାଏ। ମଲ୍‌ର ସେଲ୍‌ସ ଗାର୍ଲମାନେ ଆମକୁ ଦେଖି ଆବାକାବା ହେଉଥା'ନ୍ତି। ଆଉ ମୁଁ ତାଙ୍କୁ ଓଲଟି ଚାହିଁଦେଲେ ସେମାନେ ଅପଦସ୍ଥ ହୋଇ ପଡୁଥା'ନ୍ତି।

ସେଦିନ ବୋଉ ଉତ୍କଣ୍ଠାର ସହ ହଠାତ୍ ଫିଲିପ୍ସଙ୍କୁ ପଚାରିଦେଲା: ତମେ କିଏ ? ମୋ' ଝିଅକୁ କେମିତି ଜାଣ ?

ମୁଁ ତା'ର ସ୍ୱାମୀ, ଖଙ୍କାରି ହୋଇ କହିଲା ଫିଲିପ୍ସ। ବୋଉ ହସିଲା।

**ଜାନୁୟାରୀ, ୧୯୮୪**

ପ୍ରାୟତଃ ମୋ' ପଢ଼ାଘରକୁ ସେ ତା'ର ଶୋଇବା ଘର ଭାବି ପଶିଆସେ। ଦୁଆର ଖୋଲିବା ମାତ୍ରେ ଦ୍ୱାରବନ୍ଧର କେଁ କେଁ ଶବ୍ଦ ଶୁଣି ସେ ଜାଣିପାରେ ଯେ ସେ ଭୁଲ ସ୍ଥାନରେ ପହଞ୍ଚିଯାଇଛି ଓ ଆସ୍ତେକିନା ଦ୍ୱାର ବନ୍ଦ କରିଦିଏ। ଚାଲିଯାଏ ତରତରରେ। ମୁଁ ଦେଖିପାରେ, ଘଣ୍ଟାଏ ପରେ ସେ ପୁଣି ସେହି ବଖରାକୁ ଆସେ, ନିଜ ଭୁଲ ବୁଝିପାରି ପୁଣି ଫେରିଯାଏ। ଲାଗେ, ସେ କେଉଁଠି ଅଛି, ସେକଥା ତାହାକୁ ହୁଏତ ମାଲୁମ ନାହିଁ।

ତା'ର ମଳିଚିଆ ଅଣ୍ଡରୱେୟରକୁ ସେ ତକିଆ ତଳେ ଲୁଚେଇଥାଏ। ଗତରାତିରେ ତା'ର ରକ୍ତାକ୍ତ ଚଡ଼ି କଥା ମନେପଡ଼ିଲା। ଭାଡ଼ି ଉପରେ ମଳିଚିଆ ଲୁଗା ଗଣ୍ଠିଲି ତଳେ ସେସବୁ ଲୁଚେଇ ରଖିଥାଏ ସଫା କରିବା ପାଇଁ। ମୋତେ ସେତେବେଳକୁ ସାତ ବର୍ଷ। ମୁଁ ଆଶ୍ଚର୍ଯ୍ୟର ସହ ସେ ଦୃଶ୍ୟ ଦେଖୁଥାଏ। ଏବେ ସେସବୁ ଦୁର୍ଗନ୍ଧରେ ଭରା।

ଆଜି ରାତିରେ ଛାତ୍ରୀଛାତ୍ରଙ୍କ ପ୍ରବନ୍ଧମାନ ମୂଲ୍ୟାୟନ କରୁଥିଲି। ପାଖଘରୁ ବୋଉର ଚିତ୍କାର ଶୁଣିଲି। ସ୍ପଷ୍ଟ ଓ ଉଚ୍ଚସ୍ୱର ଥିଲା ବୋଉର, ଯେମିତି କି ନାଟକର ମଞ୍ଚ ଉପରେ ଜଣେ ଅଭିନେତା ସଂଳାପ କହୁଛି। କେହି ଜଣେ କାଳ୍ପନିକ ଶିଶୁ ସହ ସେ ବୋଧହୁଏ କଥାବାର୍ତ୍ତା କରୁଛି: ''ସ୍ୱିଟି, ଡେରି ହେଲାଣି। ଯା, ଶୀଘ୍ର ଦଉଡ଼ିଯାଆ ଘରକୁ।'' ବୋଉ ଖୁସି ମନରେ ଥିଲା। ମନକୁମନ ହସୁଥିଲା। ମୁଁ ମୋ' କାନ ଉପରେ ହାତ ରଖିଲି। ଆଉ ମୋର ମନେହେଲା, ମୁଁ ଯେମିତି ମଣିଷଜାତିଠାରୁ ସବୁଦିନ ପାଇଁ ଦୂରେଇଯାଉଛି। ''ଆମେ ଆଉ ନାଟକ ମଞ୍ଚ ଉପରେ ରହୁନା...'' ମନେହେଲା ବୋଉ ଏକଥା କହୁଛି ନିଜକୁ।

ମୁଁ ଥରେ ତା'ର ଚିଠିଟିଏ ଦେଖିଲି। ବୋଉ ଲେଖିବା ଆରମ୍ଭ କରିଥିଲା: ସ୍ନେହର ପାଉଲଡେ। ମୁଁ ଏବେ ଅନ୍ଧାରରେ ପଡ଼ିଛି...।

ବୋଉ ଏଣିକି ଆଉ ଲେଖିପାରିବ ନାହିଁ। ତା'ର ଏ ଶବ୍ଦସବୁ ବୋଧହୁଏ ଅନ୍ୟ ଜଣେ ସ୍ତ୍ରୀ ଲୋକର ନିଜ କଥା ହୋଇଯିବ।

ମାସେ ତଳୁ ଏସବୁ କଥା ସରିଯାଇଛି।

**୨୫ ଫେବୃୟାରୀ**

ଖାଇବା ସମୟରେ ତା'ର କଥାବାର୍ତ୍ତା ଶୁଣିଲେ ମନେହେବ, ସେ କେଉଁ କମ୍ପାନୀରେ ବଡ଼ ଲାଟ୍‌ସାହେବ ଚାକିରି କରିଛି। ଯେଉଁଠି ମୁଁ ଜଣେ ମ୍ୟାନେଜର ଆଉ ମୋ' ଦୁଇ ପୁଅ ସାଧାରଣ କର୍ମଚାରୀ। ସେ କହେ ମିଠା ଓ ପନିର ନହେଲେ ଖାଇପାରିବ ନାହିଁ।

ଗତ ରବିବାର ମୋ' ଭାଣିଜୀ ଈସାବେଲା ଆମ ସହ ମଧ୍ୟାହ୍ନଭୋଜନରେ ଯୋଗଦେଲା। ମୋ' ବୋଉର ପ୍ରତ୍ୟେକ ଅଡୁଆ କଥା ଶୁଣି ସେ ହସରେ ଫାଟିପଡୁଥାଏ। ବୋଉର ପାଗଳାମିରେ ମୁଁ କିମ୍ବା ମୋ' ପୁଅମାନେ ହସିଲେ ତା'ର ଆପତ୍ତି ନ ଥିଲା, କିନ୍ତୁ ଈସାବେଲାର ହସ ତାକୁ ମୋଟେ ଭଲ ଲାଗି ନ ଥିଲା। ''ଆଇବୁଢ଼ୀର କଥାବାର୍ତ୍ତା, ଆଚରଣ ମାତ୍ରାଧିକ ହୋଇଗଲାଣି'' କହିଲେ ଡେଭିଡ୍ ଆଉ ଏରିକ୍।

ଆଜି ସକାଳୁ ବୋଉ ଉଠିଲା। ନିହାତି ବିନମ୍ର ହୋଇ କହିଲା, ''ମୋ' ଶେଯ ତିନ୍ତି ଯାଇଛିରେ। ରୋକି ହେଲାନାହିଁ ଜମାରୁ। କେମିତି କେଜାଣେ।''

ମନେହେଲା, ପିଲାଦିନେ ମୁଁ ବି ଠିକ୍ ଏଇ ଭାଷା ବ୍ୟବହାର କରିଥିଲି।

ଶନିବାର ଦିନ ସେ ତା' କଫି ଅଜାଡ଼ି ଦେଇ ନିଶ୍ଚଳ ହୋଇ ଶେଯରେ ପଡ଼ିଥିଲା। ତା'ର ରକ୍ତିମ ଆଖିଡୋଳା ପୋତି ହୋଇଯାଇଥିଲା। ତା'ର ଲୁଗା ବଦଳାଇଦେଲି। ତା'ର ପାଂଶୁଳ ଦେହ ମାଂସଳ ଥିଲା। ମୋତେ କାନ୍ଦମାଡ଼ିଲା, କାହିଁକିନା ତା'ର ଅତୀତ ଓ ବର୍ତ୍ତମାନ ସମୟ ପ୍ରାୟ ସରି ଆସୁଥିଲା। ତା'ର ଦେହ ଭିତରେ ମୁଁ କେବଳ ନିଜକୁ ହିଁ ଦେଖୁଥିଲି: ମୋର ଅବଶିଷ୍ଟ ଆୟୁଷ।

ତା'ର ପାଗଳାମି ସହିନେବା ବରଂ... ତା'ର ମୃତ୍ୟୁ ତ ଆମପାଇଁ ଅସହ୍ୟ ହୋଇଯିବ !

୪/୧, ପ୍ଲଟ ୮୧୫, ବାସନ୍ତୀ ଭିଲ୍ଲା,
ଝାରପଡ଼ା, ଭୁବନେଶ୍ୱର
ମୋ: ୮୨୪୯୫୨୭୭୫୮

## କବିତା

### ଏଇତ ଜୀବନ
ସୁଦର୍ଶନ ମହାପାତ୍ର

ଅପ୍ରତ୍ୟାଶିତ ଭାବେ
ଝଡ଼ଟିଏ ବହିଯାଏ
ମନ ଖଣ୍ଡ ବିଖଣ୍ଡିତ ହୁଏ
ଭାରି ଉଦାସୀନ ଲାଗେ
ଭାଙ୍ଗି ଚୂର୍‌ମାର୍ ହୋଇଯାଏ
ପ୍ରୀତିପଣେ ଗଢ଼ି ତୋଳିଥିବା
କିଛି ସୁନେଲି ସପନ
ଅନୁଭବେ ଆକ୍ତାମାକ୍ତା ଜୀବନ... !

ସବୁ ଥାଇ କିଛି ବି ନ ଥାଏ
ମଉଳା ପଳାଶ ଫୁଲଟେ ପରି
ନିହାତି ଅଲୋଡ଼ା
ଭୂଲୁଣ୍ଠିତ ନିଜ ଅଗୋଚରେ
ଶୂନ୍ୟତାରେ ଭରିଯାଏ ହୃଦୟ
ସତେ ବଡ଼ ଦୁର୍ବିଷହ
ଆହାରେ ଜୀବନ... !

କାନ୍ଦିଲେ ତ ଲୁହ ଝରେ
ହସିଲେ ବି ଲୁହ ଝରେ
ନା ମୁଁ ଶୋଇପାରେ
ନା ମୁଁ ଚେଇଁପାରେ
ନା ମୁଁ ମରିପାରେ
ନା ମୁଁ ଜିଇପାରେ
ନଈର ଦୁଇ କୂଳ ଛୁଏଁ,
ଗୋଟେ ପଟେ ମୁଁ
ଆରପଟେ ମୋ' ଜୀବନ... !

ମୋ: ୯୪୩୮୧୭୫୫୪୨

### ତୁମଠାରୁ ରହି ବହୁ ଦୂରେ
କୃଷ୍ଣଚନ୍ଦ୍ର ଗନିକ୍

ଶ୍ରାବଣ ଆସିଛି
ଅବିରତ ବରଷା ଝରେ
ତୁମରି ଦେହର ଗନ୍ଧ
ଭାସି ଆସେ ପାଣିଭିଜା ପବନ ସାଥିରେ।
ଏପରି ଅନୁଭବ କରି ନ ଥିଲି
ତୁମେ ପାଶେ ଥିଲ ମୋର
ଶ୍ରାବଣ ତ ଆସିଥିଲା
ଆମ କାନେ ଫୁଙ୍କିଥିଲା ପୀରତି ମନ୍ତର
ଆମେ ଦୁହେଁ ବାନ୍ଧି ହୋଇଥିଲେ
ମିଳନର ଶକତ ରଜ୍ଜୁରେ।

ମନପକ୍ଷୀ ମୋର ଡେଣା ଝାଡ଼େ
ତୁମ ପାଶେ ଉଡ଼ିଯିବା ପାଇଁ
ଶ୍ରାବଣର ମେଘମାନେ କହୁଛନ୍ତି
ମାତ୍ର ଯାଇ ତ ପାରୁନି।
ଦାନା ଓ କନା ପାଇଁ
ମୁଁ ଆଜି ଗୋଲାମି କରୁଛି
ତୁମଠାରୁ ରହି ବହୁଦୂରେ।

ରାସନପୁର, ଧନୁପାଲି, ସମ୍ବଲପୁର

ନୂଆ ହାତ, ନୂଆ କଲମ

### ଝୁଣ୍ଟି ପଡୁଥିବା ପାଦ
ଜ୍ୟୋତ୍ସ୍ନାରାଣୀ ପଣ୍ଡା

ସଂସାରର ଆବୁଡ଼ାଖାବୁଡ଼ା
ରାସ୍ତାରେ,
ଅତି ଜଣାଶୁଣା ଅଭ୍ୟସ୍ତ ପାଦ
ତଥାପି ଅନଭ୍ୟସ୍ତ ଭଳି
ବାରମ୍ବାର ଝୁଣ୍ଟିପଡ଼େ।

ମିଞ୍ଜିମିଞ୍ଜି ତାରା ଭଳି
ଦିକିଦିକି ଜଳୁଥିବା ଲଣ୍ଠନଟା
ହଠାତ୍ ଲିଭିଯାଏ
ସୂଚାଇଦିଏ ସରିଗଲା କିରୋସିନ।

ଡରଲାଗେ କେତେବେଳେ
ଲିଭିଯିବ ପ୍ରାଣର ପ୍ରଦୀପ
ଜୀବନ ଆକାଶରେ ଜହ୍ନକୁ ଢାଙ୍କିଦିଏ ମେଘ
କୁଆଡ଼େ ପାଦ ବଢ଼ାଇଲେ
ଝୁଣ୍ଟି ପଡ଼ିବାର ଭୟ
ତଥାପି ବଞ୍ଚିବା ପାଇଁ ଯୋଗାଡ଼ିବାକୁ ହୁଏ
ଭାତହାଣ୍ଡି, ଚୁଲି ଚାଳ
ରାତି ପାଇଁ ଚେନାଏ ସ୍ୱପ୍ନ।

ମୋ: ୯୩୩୭୬୨୨୦୯୮

ଗୀତି-କବିତା

### ଆକଟ ମୋହର
ହଂସନାଥ ମୁଦୁଲି

ଆକଟ ମୋହର
ଦୁଇ ଆଡ଼ିବନ୍ଧ
କୁଆଡ଼େ ପାରେନା ଯାଇ,
ମଝିଧାରେ ମୋତେ
ଚାଲିବାକୁ ହୁଏ
ମୁଁ ଅମାନିଆ ନଈ ॥୦॥

ପାହାଡ଼ ଶିଖରୁ
ଡେଇଁବା ବେଳରେ
ପାଇଛି ମୁଁ କେତେ କଷ୍ଟ,
କେହି ତ ବୁଝେନା
ସେଇ ଦୁଃଖ ମୋର
ଜୀବନ ହୁଏ ମୋ' ନଷ୍ଟ
ତଥାପି ଚାଲିଛି
ଆଗକୁ ମାଡ଼ି ମୁଁ
ସାଗରେ ମିଶିବା ପାଇଁ
...ମୁଁ ଅମାନିଆ ନଈ ॥ ୧ ॥

ଯେତେ ଦୁଃଖକୁ ମୁଁ
ସହି ତ ଯାଆନ୍ତି
ନିଜ ଇଚ୍ଛାମତେ ଗଲେ,
ଆଡ଼ିବନ୍ଧ କହେ
ଚାଲିବାକୁ ମୋତେ
ସେଇ ଏକ ପଥ ଧାରେ
ସାଗର ମିଳନ
ଇଚ୍ଛାରେ ସବୁ ମୁଁ
ମଥା ପାତି ଯାଏ ସହି
...ମୁଁ ଅମାନିଆ ନଈ ॥ ୨ ॥

ମୋ: ୯୭୭୭୯୬୮୭୧୯

## ପୁସ୍ତକ ପରିଚୟ

### ନୁଆଁସକାଳ



**ସମ୍ପାଦକ:** ଡ. ସଂଜୟ କୁମାର ମିଶ୍ର
**ପ୍ରକାଶକ:** ନୁଆଁସକାଲ ପବ୍ଲିକେଶନ୍ସ, ବରଗଡ଼
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୦୦/-

'ନୁଆଁସକାଲ' ଦୁଇମାସିଆ ସାହିତ୍ୟ ପତ୍ରିକାଟିର ଆଲୋଚ୍ୟ ସଂଖ୍ୟା (ବଛର୍-୧୫, ସଂଖ୍ୟା-୩, ୨୦୨୨)ଟି ଆଧୁନିକ କବିତା ବିଶେଷାଙ୍କ ଭାବେ ପ୍ରକାଶ ପାଇଛି। 'ସମ୍ପାଦକୀୟ'ରେ କୁହାଯାଇଛି: ''ଆମର୍ ଭାଷାର୍ କବିତାଥିଁ ଆଧୁନିକ, ଉତ୍ତର ଆଧୁନିକତାର ଝଲକ୍ ଦେଖବାର୍ ଆରୁ ଦେଖାବାର୍ 'ସୁରୁଟେ ଚେରେଷ୍ଟା' ଆଏ 'ନୁଆଁସକାଲ'ର ଇ ଖେପିର ସଂଖ୍ୟା 'ଆଧୁନିକ କବିତା ବିଶେଷାଙ୍କ-୨୦୨୨'।'' ଏପରି କହିବାର ଉଦ୍ଦେଶ୍ୟ ହେଲା, ଏହା ପୂର୍ବରୁ ୧୯୭୮ରେ ଜୟଦେବ ତନସନାଙ୍କଦ୍ୱାରା 'ୟୁଲିସିସ୍ ଆର୍ ସାଲିଗ୍ରାମ', ୧୯୯୮ରେ ବଲାଙ୍ଗୀର ଜିଲାର କବିମାନଙ୍କ ଦ୍ୱାରା ରଚିତ ଆଧୁନିକ କବିତାକୁ ନେଇ 'ଅଁତରା', ୨୦୦୪ରେ ସମ୍ବଲପୁରରୁ ଶଶାଙ୍କଶେଖର ପଣ୍ଡାଙ୍କ ସମ୍ପାଦିତ 'ଅଂଗାରର ଜୁଏ' ଓ ୨୦୦୯ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ପକ୍ଷରୁ 'ଆଧୁନିକ ସମ୍ବଲପୁରୀ କବିତା' ସଂକଳନ ପ୍ରକାଶ ପାଇଥିଲା ଓ 'ନୁଆଁସକାଲ'ର ଏ ଉଦ୍ୟମ ହେଉଛି ପରବର୍ତ୍ତୀ ଉଦ୍ୟମ, ଯେଉଁଥିରେ ୧୧୨ ଜଣ କବିଙ୍କର ସମ୍ବଲପୁରୀ ଭାଷାରେ ଲିଖିତ କବିତା ସ୍ଥାନିତ। କବିମାନଙ୍କ ମଧ୍ୟରେ ଅଛନ୍ତି ଉଭୟ ମୌଳିକ ସମ୍ବଲପୁରୀ ଭାଷାରେ କବିତା ଲେଖିଥିବା କବି ଓ ଅନୁବାଦ ସୂତ୍ରରେ ମୂଳ ଓଡ଼ିଆ କବିତାରୁ ଗୃହୀତ କିଛି କବିଙ୍କର ନିର୍ବାଚିତ କବିତା। ଗ୍ରନ୍ଥରେ ସ୍ଥାନିତ କତିପୟ ଉଲ୍ଲେଖଯୋଗ୍ୟ କବି ହେଲେ ଶ୍ରୀନିବାସ ଉଦ୍‌ଗାତା, ଜୟଦେବ ତନସନା, ହରିଶଙ୍କର ବଡ଼ପଣ୍ଡା, ପ୍ରଫୁଲ୍ଲ କୁମାର ତ୍ରିପାଠୀ, କୁମୁଦଚନ୍ଦ୍ର ଦାଶ, ଶଶାଙ୍କଶେଖର ପଣ୍ଡା, ରାମକୃଷ୍ଣ, ପ୍ରଦୀପ କୁମାର ପଣ୍ଡା, କୁମାର ହସନ, କେଦାର ମିଶ୍ର, ଶିବପ୍ରିୟା ମିଶ୍ର, ଗଜାନନ ମିଶ୍ର, ନରେନ୍ଦ୍ର କୁମାର ଭୋଇ ଓ ରାଜେଶ ପୂଜାରୀ ପ୍ରମୁଖ। ସମ୍ବଲପୁରୀ ଏକ ଉତ୍‌ଥାନମୁଖୀ ଭାରତୀୟ ଭାଷା। ଏହି ଭାଷାର ତେଜ ଓ ତାକତ ପ୍ରତିଷ୍ଠାରେ ସଂକଳନଟି ସହାୟକ ହେବ ବୋଲି ଆଶା।

### ସର୍ଜନ ସଲିଳା



**କବୟିତ୍ରୀ:** ମଞ୍ଜୁଳା ଆଚାର୍ଯ୍ୟ
**ପ୍ରକାଶକ:** ମାରୁତି ପ୍ରିଣ୍ଟେକ୍ ଇଣ୍ଡଷ୍ଟ୍ରି, ମଞ୍ଚେଶ୍ୱର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୫୦/-

ମୋଟ ୬୦ଟି କବିତା ବହିଟିରେ ସଂଯୋଜିତ। ଗ୍ରନ୍ଥାରମ୍ଭରେ ସ୍ଥାନିତ 'ଅଭିମତ'ରେ କୁହାଯାଇଛି: ''କବୟିତ୍ରୀ ମଞ୍ଜୁଳା ଆଚାର୍ଯ୍ୟଙ୍କ ପ୍ରଥମ କବିତା ସଂକଳନ ହେଉଛି 'ସର୍ଜନ ସଲିଳା'। ଆଧ୍ୟାତ୍ମିକ ଭାବଧାରାର କବିତାଗୁଡ଼ିକ ଅତି ସୁନ୍ଦର ଓ ସାବଲୀଳ ଭାବେ ଚିତ୍ରିତ ହୋଇଛି। କବୟିତ୍ରୀଙ୍କ ଜୀବନ ସଙ୍ଗୀତ ଅତ୍ୟନ୍ତ ଭାବ ଉଦ୍ଦୀପକ ଓ ଗଭୀର।'' ତେବେ ବହିଟିରେ କେବଳ ଆଧ୍ୟାତ୍ମିକ ଭାବଧାରାର କବିତା ନାହିଁ। ଜୀବନର ନାନା ଅନୁଭବ, ପ୍ରକୃତିର ନାନା ଉଚ୍ଚାଟନ ଓ ଦେଶଭାବନାର ନାନା ଚିନ୍ତନକୁ ନେଇ କେତେକ କବିତା ଗତିଶୀଳ ହୋଇଛି। ଯଥା: ୧. ''ଇତିହାସ କହେ ଯୁଗ ଯୁଗ ଧରି ମଣିଷ ଖୋଜିଛି ସ୍ୱାଧୀନତା/ କେବେ ବା ପାଇଛି କେବେ ପାଇନାହିଁ।/ ଧର୍ମ ହେଉ ବା ସ୍ୱାର୍ଥ ହେଉ ଯେଉଁଠି ହୋଇଛି ଅତ୍ୟାଚାର/ ମଣିଷର କଥା କେ ଶୁଣି ନାହିଁ।'' (ସ୍ୱାଧୀନତା: ପୃ: ୮୨) ୨. ''ମୁଁ ଯେ ମୂର୍ଚ୍ଛିତ କଢ଼ଟିଏ,/ କହି ମୁଁ ପାରୁନି, ସହି ମୁଁ ପାରୁନି,/ ମୋ ହୃଦୟର ବ୍ୟଥା ଶୁଣିବ କିଏ ?'' (କହି ମୁଁ ପାରୁନି: ପୃ: ୭୭)। ମଞ୍ଜୁଳାଙ୍କ କବିତାର ଶକ୍ତି ତାଙ୍କ ଗୀତିଧର୍ମିତା, ଯହିଁରେ ସାଧାରଣ ଶବ୍ଦରେ ବକ୍ତବ୍ୟର ଆବେଦନ ନୂଆ ଶକ୍ତି ପାଏ। ବୁଦ୍ଧିଜୀବୀ ପାଠକଙ୍କଠୁ ଆରମ୍ଭ କରି ସାଧାରଣ ପାଠକଙ୍କ ଯାଏଁ ବହିଟିର ବ୍ୟାପ୍ତି ସମ୍ପ୍ରସାରିତ ହେବ, ଏ ଆଶା କରାଯାଇପାରେ।

## ଦୁଇଟି ମିନି କଥା
ଶିବ ମିଶ୍ର

**॥ ଶବ ସଂସ୍କାର ॥**

ପୁଅ ପଚାରିଲା- ଜେଜେବାପା ମଲାପରେ ତମେ ଆଉ ବୋଉ, ଜେଜୀମାଆଙ୍କୁ ଘରୁ ତଡ଼ିଦେଇଛ; ଏକଥା କ'ଣ ସତ ? ବାପା କିଛି କହିବା ଆଗରୁ ଜଣେ କନ୍‌ଷ୍ଟେବଲ ଆସି ବାପାଙ୍କୁ କହିଲେ- ଗତ ରାତିରୁ ରାସ୍ତାକଡ଼ରେ



ପଡ଼ିଥିବା ଗୋଟିଏ ଭିକାରୁଣୀର ଶବକୁ ନେଇ ଖୋଳତାଡ଼ କରିବା ପରେ ଜଣାପଡ଼ିଲା ସିଏ ଆପଣଙ୍କର ମାଆ। ଆପଣ ତୁରନ୍ତ ଥାନାକୁ ଆସନ୍ତୁ।

ବାପା ଶବ ନେଇ ଆସିଲା ବେଳକୁ ତାଙ୍କ ଦୁଆର ଆଗରେ ତିନୋଟି କୋକେଇ ବନ୍ଧା ହୋଇଥିବାର ଦେଖି ପଚାରିଲେ- ତିନୋଟି କୋକେଇ କ'ଣ ହେବ ? ପୁଅ କହିଲା- ଗୋଟିକରେ ଗତ ରାତିରୁ ରାସ୍ତା କଡ଼ରେ ପଡ଼ିଥିବା ଜେଜୀମାଆଙ୍କ ମଲାଦେହ ମଶାଣିକୁ ଯିବ। ଅନ୍ୟ ଦୁଇଟିରେ ଏ ଘରେ ଥିବା କୋଡ଼ିଏ ବର୍ଷ ତଳର ଦୁଇଟି ମଲାଆତ୍ମା ବୁହାହେବ। ଆମ ପୁରୋହିତ କହିଲେ- ଏକାବେଳକେ ହେବ ତିନୋଟି ଶବ ସଂସ୍କାର।

**॥ କାନ୍ଥ ଚଷମା ॥**

ନାତୁଣୀ ପଚାରିଲା- ଅଜା, ସହରର କାନ୍ଥବାଡ଼ରେ ଚଷମାର ଚିତ୍ର କାହିଁକି କରାଯାଉଛି ? ଅଜା କହିଲେ- ସୁନ୍ଦର ଦିଶିବ ବୋଲି। ନାତୁଣୀ ହସିବାରୁ ଅଜା କହିଲେ- ତୁ ହସିଲୁ କାହିଁକି ? କଲେଜରେ ପଢ଼ିଲୁଣି ପରା, ତୁ କ'ଣ ଜାଣିନୁ ଯେ ସୌନ୍ଦର୍ଯ୍ୟ ପଦାର୍ଥରେ ନଥାଏ, ଥାଏ ଦୃଷ୍ଟିରେ। କ୍ଷଣେ ଚୁପ୍ ରହିବା ପରେ ନାତୁଣୀ କହିଲା- ଏବେ ବୁଝିଲି, ଅଳିଆ ଆବର୍ଜନାରେ ପୋତି ହୋଇଥିବା ଆମ ସହର ନିର୍ମଳ




ପରିଷ୍କାର ଦେଖାଯିବ ବୋଲି ସେ ଚଷମାର ଗୋଟିଏ ପଟ କାଚରେ 'ସ୍ୱଚ୍ଛ', ଆଉ ଗୋଟିଏ ପଟରେ ଆମ ଦେଶର ନାଁ ଲେଖାହୋଇଛି। ଅଜା ହସିଦେଇ କହିଲେ- ତୁ ଏକା ଠିକ୍ ସମଝିପାରିଲୁ କାନ୍ଥ ଚଷମାର ରହସ୍ୟ।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



''ସବୁ ମଣିଷ ବେଶୀଦିନ ବଞ୍ଚିବାକୁ ଚାହାନ୍ତି, କିନ୍ତୁ ବୁଢ଼ା ହେବାକୁ ମଙ୍ଗନ୍ତି ନାହିଁ।''
- ଜୋନାଥନ୍ ସୁଇଫ୍ଟ

**ଜୋନାଥନ୍ ସୁଇଫ୍ଟଙ୍କ** ଜନ୍ମ ୩୦ ନଭେମ୍ବର ୧୬୬୭ରେ ଓ ପରଲୋକ ୧୯ ଅକ୍ଟୋବର ୧୭୪୫ରେ, ଆୟର୍ଲାଣ୍ଡର ଡବ୍‌ଲିନ୍‌ରେ। ସେ ଖୁବ୍ ଜଣାଶୁଣା ଆଂଗ୍ଲୋ-ଆଇରିଶ୍ ବ୍ୟଙ୍ଗକାର, ପ୍ରାବନ୍ଧିକ ଓ କବି। ତାଙ୍କର ପ୍ରସିଦ୍ଧ ରଚନା ମଧ୍ୟରୁ କତିପୟ ହେଲା- 'ଏ ଟେଲ୍ ଅଫ୍ ଏ ଟବ୍' (୧୭୦୪), 'ଆନ୍ ଆର୍ଗୁମେଣ୍ଟ ଏଗେନ୍‌ଷ୍ଟ ଏବୋଲିଶିଙ୍ଗ୍‌ଖ୍ରୀଷ୍ଟିୟାନିଟି'(୧୭୧୨), 'ଗୁଲିଭର୍ସଟ୍ରାଭେଲ୍ସ'(୧୭୨୬)ଓ'ଏମଡେଷ୍ଟ ପ୍ରପୋଜାଲ୍' (୧୭୨୯)। 'ଏନ୍‌ସାଇକ୍ଲୋପେଡିଆ ବ୍ରିଟାନିକା'ରେ ତାଙ୍କୁ ଇଂଲିଶ୍ ଭାଷାର ପ୍ରମୁଖତମ ଗଦ୍ୟ-ବ୍ୟଙ୍ଗକାର ଭାବେ ଚିତ୍ରିତ କରାଯାଇଛି। ବ୍ୟଙ୍ଗ ରଚନାର ଧାରାରେ ସେ ଏପରି ବ୍ୟତିକ୍ରମୀ ଯେ, ତାଙ୍କ ଧାରା ଇଂଲିଶ୍ ବ୍ୟଙ୍ଗ-ସାହିତ୍ୟରେ 'ସୁଇଫ୍‌ଟୀୟ ଧାରା' ଭାବେ ସ୍ୱୀକୃତି ପାଇଛି। ସେ କହିଛନ୍ତି: ''ଆମର ଅନେକ ଧର୍ମ ଅଛି, ଯାହା ଘୃଣା ଶିଖାଏ, ମାତ୍ର ସେତେ ବେଶୀ ଧର୍ମ ନାହିଁ, ଯାହା ଶିଖାଏ ପ୍ରେମ।''

## ଚଢ଼େଇ
ରାମଚନ୍ଦ୍ର ସେଠୀ

ଲଘୁ ଗଳ୍ପ

ନୁଖୁରୀ ଯେତେବେଳେ ଟିକି ପିଲାଟିଏ ହେଉଥିଲା, ସେତେବେଳେ ସିଏ ଗାଁଦାଣ୍ଡରେ ଲଙ୍ଗଳା ହେଇକି ବୁଲୁଥିଲା। ଧୂଳିଖେଳ ଖେଳୁଥିଲା। ନଡ଼ିଆ ଶଢ଼େଇରେ ବାଲି ଭର୍ତ୍ତି କରି ଭାତ ତିଅଣ ରାନ୍ଧୁଥିଲା। ହେଲେ ସିଏ ଯୋଉଦିନଠୁ ତା' ବାପର ଗାମୁଛା ଆଉ ତା' ମାଆର ଚିରାଲୁଗା ପିନ୍ଧିଲା, ସେଇ ଦିନଠୁ ସିଏ ଦାଣ୍ଡବାଡ଼ି ଲିକେଇଲା। ମାଟି କାନ୍ଥରେ ମାଟିଗୋବର ଲିପିଲା। ଗରା ଆଉ ବାଲ୍‌ଟିରେ ପୋଖରୀରୁ ପାଣି ଆଣିଲା। ବେଳବୁଡ଼ିବା ଆଗରୁ ଡିବି ଲଣ୍ଠନ ପୋଛିଲା। କିରାସିନି ପକେଇଲା। ଦୁଆରେ ସଞ୍ଜଦୀପ ଥୋଇଲା। ଧାନ କୁଟିଲା। ଭାତ ତିଅଣ ରାନ୍ଧିଲା। ମା'ବାପାଙ୍କୁ ଖାଇବାକୁ ଦେଲା। ଅଇଁଠାବାସନ ମାଜିଲା। ଖାଲି ସେତିକି ନୁହେଁ, ମା'ବାପାଙ୍କ ସାଙ୍ଗରେ ବିଲକୁ ଗଲା। ତଳି ଭାଙ୍ଗିଲା। ତଳି ରୋଇଲା। ଧାନକଟା ହେଲେ କଳେଇ ସବୁ ମୁଣ୍ଡରେ ମୁଣ୍ଡେଇ ଖଳାକୁ ଆଣିଲା। ବେଙ୍ଗଳା ପଡ଼ିଲେ ବାଡ଼ି ଧରି ବଳଦ ଅଡ଼େଇଲା। ବିଲରୁ ନଡ଼ା କାଟିଲା। ବୋଡ଼ି ବୋଡ଼ି ନଡ଼ା ବିଡ଼ାବାନ୍ଧି ବାଡ଼ିକି ବୋହିଲା। ଘରେ ଗୋରୁଙ୍କୁ କୁଣ୍ଡା ତୋରାଣି ଖାଇବାକୁ ଦେଲା। ଗୁହାଳ କାଢ଼ିଲା। ଏମିତି ଏମିତି ତା' ଘରକାମ ସବୁ ଲମ୍ବିଗଲା କାହିଁ କେତେବାଟ।

ନୁଖୁରୀର ବୟସ ବଢ଼ିବଢ଼ି ଗଲା। ଯୌବନେ ମର୍କଟୀ ରମ୍ୟା ପରି ନୁଖୁରୀର ରୂପ ଯୌବନ ବି ସେମିତି ଦିନକୁ ଦିନ ଆଖିଲୋଭା ଦିଶିଲା। ଗଲା ଆସିଲା ବେଳେ ଏଥର ଗାଆଁର ନଖରା ଟୋକାଦଳ ନୁଖୁରୀକି ଦେଖି ଆଖି ପହଁରେଇଲେ। ଗାଁର ବୋହୂ ଭୁଆସୁଣୀମାନେ ନୁଖୁରୀର ବଳବୟସ ଆଉ କାମଦାମକୁ ଦେଖି ଯେତେବେଳେ କହନ୍ତି- ଆଲୋ ନୁଖୁରୀ, ତୁ ତ ତମ ଘରକୁ ସମ୍ଭାଳୁଚୁ, ହେଲେ ତୁ ହାତକୁ ଦି'ହାତ ହେଇ ପରଘରକୁ ଚାଲିଗଲେ ତମ ଘର ସମ୍ଭାଳିବ କିଏ ? ତୋ' ବୁଢ଼ାବୁଢ଼ୀ ମା'ବାପା ଦି'ଟା ବଡ଼ କଲବଲ ହେଇ ଯିବେଲୋ, କିଏ ବୁଝିବ ତାଙ୍କ କଥା ? ସେତେବେଳେ ନୁଖୁରୀ କହେ- ହଁ, ମୁଁ ସବୁ ଜାଣିଚି। ତେଣୁ ମୁଁ ମା'ବାପାଙ୍କୁ ଛାଡ଼ି କୁଆଡ଼େ ଯିବିନି କି ବାହା ହେବିନି। ତା' କଥାକୁ ସମସ୍ତେ ହସରେ ଉଡ଼େଇ ଦିଅନ୍ତି। କହନ୍ତି- ଆଲୋ, ଝିଅ ଜନମ ପରଘରକୁ। ତୁ କେମିତି ବାହାହବୁନି ଦେଖିବା। ଆମେ ଏ ଗାଆଁ ଛାଡ଼ି କୁଆଡ଼େ ଯାଉନୁଲୋ, ଏଇଠି ଅଛୁ। କାନିରେ ଗଣ୍ଠିପକା। କେମିତି ଯିବୁନି ଦେଖିବା। ଅଲ୍‌ବତ ଯିବୁ।

ନୁଖୁରୀର ବାହାଘର ପାଇଁ ଇଆଡୁସିଆଡୁ ଅନେକ ପ୍ରସ୍ତାବ ଆସିଲା। ସତକୁ ସତ ଗାଁର ବୋହୂ ଭୁଆସୁଣୀମାନଙ୍କୁ ନୁଖୁରୀ ଯୋଉ କଥା କହିଥିଲା ସେଇକଥା ତା' ମା'ବାପାଙ୍କୁ କହି ସମସ୍ତଙ୍କୁ ଫେରାଇଦେଲା। ମୁଁ ବାହା ହେବିନି କି ତମକୁ ଏ ଘରେ ଏକୁଟିଆ ଛାଡ଼ି କୁଆଡ଼େ ଯିବିନି। ନୁଖୁରୀକି ତା' ମା'ବାପା ବୁଝେଇ ବୁଝେଇ ଥକିଗଲେ ସିନା ନୁଖୁରୀ ହଁ କଲାନି। ଶେଷରେ ତା' ମା'ବାପା ନିରାଶ ହେଇ ମୁଣ୍ଡରେ ହାତଦେଇ ବସିଲେ।

ବିତିଗଲା ମାସ ପରେ ମାସ, ବରଷ ପରେ ବରଷ। ଶୀତଦିନେ ଯେମିତି ବେଳ ବୁଡୁବୁଡୁ ଦୂର ପରବତ ଆଉ ଗହିର ବିଲମାଳୁ କୁହୁଡ଼ି କାକର ଧରି ଝିମେଇ ଝିମେଇ ସଞ୍ଜ ମାଡ଼ିଆସେ, ସେମିତି ଦିନେ ନୁଖୁରୀର ମୁହଁଟା ଅନ୍ଧାରୁଆ ଅନ୍ଧାରୁଆ ଦିଶିଲା। ଅନ୍ୟମନସ୍କ ହେଇଗଲା ସିଏ। ଡାକିଲେ ପାଞ୍ଚପଦରେ ପଦୁଟିଏ ଓ' କଲାନି। ଚୁଲିରେ ତରକାରି ବସିଥିଲେ ପୋଡ଼ିଗଲା। ବେଳବୁଡ଼ିବା ଆଗରୁ ଡିବି ଲଣ୍ଠନ ପୋଛିବା ଭୁଲିଗଲା। ଗୋରୁଗାଈଙ୍କି ଠିକ୍ ସମୟରେ କୁଣ୍ଡାତୋରାଣି ଦିଆହେଇ ପାରିଲାନି। ଗୁହାଳ ପୋଛା ହେଇ ପାରିଲାନି। ବେଳକୁ ବେଳ ତା' ମୁହଁଟା ଆହୁରି ଫିକାଫିକା ଦିଶିଲା। ବାଡ଼ିପିଣ୍ଡାରେ ଆଉ ନିଛାଟିଆ ଜାଗାରେ ଖାଲି ଚୁପ୍‌ଚାପ୍ ବସି ରହିଲା। ନୁଖୁରୀକି କି ବେମାର



ହେଇଗଲା ବୋଲି ମା'ବାପା ପରମାଦ ଗଣିଲେ। ଡାକ୍ତର ପାଖକୁ ଚାଲ୍‌ଯିବା କହିଲେ ନୁଖୁରୀ ନାଇଁ ନାଇଁ କଲା।

ଅଭାବୀ ସଂସାର ଭିତରେ ଯୋଉ ହସଖୁସି ଟିକକ ଥିଲା ସେତକ ବେଳକୁ ବେଳ ହଜି ହଜି ଆସି ଦିନେ ପୂରା ହଜିଗଲା। କାରଣ, ସେଦିନ ନୁଖୁରୀ ଘରେ ନ ଥିଲା କି ସେଇଦିନଠୁ ଘରେ ତା'ର ଆଉ ଦେଖା ମିଳିଲାନି। ଗାଁର ସମସ୍ତେ କଥା ହେଲେ, ନୁଖୁରୀଟା ସିନା ବାହାହବନି ବୋଲି ବାହାରେ ନାଇଁ ନାଇଁ କରୁଥିଲା, ହେଲେ ଭିତରେ ଭିତରେ ହଁ ହଁ କରୁଥିଲା। ସେଥିଯୋଗୁ ଏବେ ନୁଖୁରୀ କୋଉ ଭେଣ୍ଡିଆ ସାଥିରେ ଉଡ଼ିଉଡ଼ି କୁଆଡ଼େ ପଳେଇଚି।

ମୋ: ୯୮୬୧୭୦୯୮୮୦

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

